ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 12/2025 Page 14 ₹ 7.00 | BERHAMPUR
୫୧ଶ ଭାଗ ୩୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 316 ମୂଲ୍ୟ₹୭/-


# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର

**ପଶ୍ଚିମବଙ୍ଗର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ୧୪ ମାସ ତଳେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ମନରୁ ଲିଭିନାହିଁ, ଶନିବାର ପୁଣି ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ପଶ୍ଚିମ ବର୍ଦ୍ଧମାନ ଜିଲା ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଛାତ୍ରୀ ଜଣକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର। ସେ ଉକ୍ତ ମେଡିକାଲ କଲେଜରେ ପାଠ ପଢ଼ନ୍ତି। ଶୁକ୍ରବାର ରାତିରେ ପୁରୁଷବନ୍ଧୁଙ୍କ ସହ ଛାତ୍ରୀ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ କ୍ୟାମ୍ପସ୍ ଗେଟ୍ ନିକଟକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୁରୁଷବନ୍ଧୁଙ୍କ ଫୋନ୍ କଲ୍ ପାଇବା ପରେ ପୀଡ଼ିତାଙ୍କ ବାପା ଜଳେଶ୍ୱରରୁ ଦୁର୍ଗାପୁର ଯାଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ତେବେ ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଆଦୌ ସହଯୋଗ କରୁ ନ ଥିବା ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଆନ୍ତା ବୋଲି ସେ କହିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଦୃଢ଼ନିନ୍ଦା କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟରେ ଦାବି କରିଛନ୍ତି। ଭାଜପା ମଧ୍ୟ ଘଟଣାକୁ ନେଇ ମମତା ସରକାରଙ୍କୁ ଘେରିଛି। ପଶ୍ଚିମବଙ୍ଗ ଏବେ ବଳାତ୍କାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭାଜପା ସମାଲୋଚନା କରିଛି।**

## ପଶ୍ଚିମବଙ୍ଗରେ ପୁଣି ଲଜ୍ଜା



- ଘଟଣାରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି ପୋଲିସ: ପୀଡ଼ିତାଙ୍କ ବାପା
- ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କ ନିକଟରେ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ ମାଝୀ

ଦୁର୍ଗାପୁର(ପି.ଟି./ଏଜେନ୍ସି)/ ଜଳେଶ୍ୱର (ନବୀନ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର),୧୧।୧୦

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଯୁବତୀ ଜଣକ ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଶୋଭାପୁରର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ ପଢ଼ନ୍ତି। ଏହି ଦ୍ୱିତୀୟ ବର୍ଷ ଛାତ୍ରୀ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁପ୍‌ଚୁପ୍ ଖାଇଯିବାକୁ ବାହାରିଥିଲେ। ସେହି ସମୟରେ ୪ରୁ ୫ ଜଣ ବ୍ୟକ୍ତି ଆସି କଲେଜ ଗେଟ୍ ନିକଟରେ ଉଭୟଙ୍କୁ କାବୁ କରିନେଇଥିଲେ। ସେମାନେ ଛାତ୍ରୀଙ୍କୁ ହସ୍ପିଟାଲ ବିଲ୍ଡିଂର ଏକ ନିଛାଟିଆ ସ୍ଥାନକୁ ଘୋଷାଡ଼ିନେଇ ଜଣ ଜଣ କରି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପୁରୁଷବନ୍ଧୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏନେଇ ତାଙ୍କ ଘରଙ୍କୁ ଫୋନ୍ କରି ସବୁକଥା ଜଣାଇଥିଲେ। ପୀଡ଼ିତାଙ୍କ ବାପା ଏହି ବିଷୟ ଜାଣିବା ପରେ ଦୁର୍ଗାପୁର ଯାଇ ଝିଅଙ୍କୁ ଭେଟିଛନ୍ତି।

ପଶ୍ଚିମ ବର୍ଦ୍ଧମାନ ନ୍ୟୁ ଥାନା ପୋଲିସ ଛାତ୍ରୀଙ୍କ ବାପାଙ୍କଠାରୁ ଅଭିଯୋଗ ପାଇବା ପରେ ବିଏନ୍‌ଏସ୍ ଦଫା ୭୦(୧), ୩(୫) ବଳରେ ମାମଲା (ନଂ.୧୩୧/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଟିମ୍ ଆଖପାଖର ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ସାକ୍ଷୀ, କଲେଜର ସୁରକ୍ଷା କର୍ମଚାରୀ ଓ ପୀଡ଼ିତାଙ୍କ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ପରେ କ୍ୟାମ୍ପସ୍‌ରେ ଅଶାନ୍ତି ଦେଖାଦେଇଛି। ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏହି ଘଟଣାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ସିଡବ୍ଲ୍ୟୁର ଏକ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ପୋଲିସ ତଦନ୍ତର ଅଗ୍ରଗତି ସମୀକ୍ଷା କରିଛି। ପଶ୍ଚିମବଙ୍ଗର ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟର ସମସ୍ତ ☞ପୃଷ୍ଠା-୯

# ବଦଳିଲା ନୂଆପଡ଼ା ଅଙ୍କ, ଭାଜପାରେ ଢୋଲକିଆ


ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଅଙ୍କ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ଜୟଙ୍କ ଯୋଗଦାନ ବିଜେଡିର ଅକଲ ଗୁଡୁମ୍ କରିଦେଇଛି।


ଜୟ ଢୋଲକିଆ

**ଉପନିର୍ବାଚନରେ ପ୍ରମୁଖ ଭୂମିକା ନେବେ ଜୟ: ମୁଖ୍ୟମନ୍ତ୍ରୀ**

ଶୁକ୍ରବାର ପର୍ଯ୍ୟନ୍ତ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଦଳୀୟ ନେତାମାନେ ଯୁକ୍ତି ବାଢୁଥିଲେ। ହେଲେ ଗୁରୁବାର ଜୟ ନୂଆଦିଲ୍ଲୀ ଗସ୍ତରେ ଯିବା ସମ୍ପର୍କିତ ଖବର ଆସିବା ଏବଂ ☞ପୃଷ୍ଠା-୨







## ଦିଲ୍ଲୀରେ ଆଜି




ସୁପ୍ରିମକୋର୍ଟରେ ସିଜେଆଇଙ୍କୁ ଆକ୍ରମଣ ଓ ହରିୟାଣାରେ ଜାତିଭିତ୍ତିକ ଉତ୍ପୀଡ଼ନର ଶିକାର ହୋଇ ଆଇପିଏସ୍ ୱାଇ. ପୁରନ କୁମାରଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତର ଅଭିମୁଖେ ସମ୍ବିଧାନ ସମ୍ମାନ ଯାତ୍ରା ରାଲି। (ଫଟୋ-ଚମନ ଗୌତମ)

# ୩୫,୪୪୦ କୋଟିରେ ୨ କୃଷି ଯୋଜନା ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

### ଆମଦାନୀ ନିର୍ଭରଶୀଳତା କମାଇବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ


ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩୫,୪୪୦ କୋଟି ଟଙ୍କା ବ୍ୟୟରେ ୨ଟି ବୃହତ୍ କୃଷି ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଦେଶରେ ଡାଲି ଉତ୍ପାଦନ ବଢ଼ାଇବା ସହ ୧୦୦ଟି ଖରାପ ପ୍ରଦର୍ଶନକାରୀ ଜିଲାରେ କୃଷି ସେକ୍ଟରର ଉନ୍ନତିରେ ସହାୟକ ହେବ। ଦେଶର ଆମଦାନୀ ନିର୍ଭରଶୀଳତା କମାଇ ରପ୍ତାନି ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ କୃଷକମାନଙ୍କୁ ଆହ୍ୱାନ କରିଛନ୍ତି।

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍‌ଆଇ) ପୁସା କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ୨୪,୦୦୦ କୋଟି ଟଙ୍କାର 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' (ପିଏମ୍-ଡିଡିକେୱାଇ) ଶୁଭାରମ୍ଭ କରିବା ସହ ୧୧,୪୪୦ କୋଟି ଟଙ୍କାର 'ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ' ଲଞ୍ଚ୍ କରିଛନ୍ତି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ୫,୪୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଓଡ଼ିଶାର ସମ୍ବଲପୁରରେ ୧୦୦ କୋଟି ଟଙ୍କାର ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ୫୯.୧୩ କୋଟି ଟଙ୍କାରେ ମତ୍ସ୍ୟ ବଜାରର ଶିଳାନ୍ୟାସ କରିଛନ୍ତି। ପିଏମ୍-ଡିଡିକେୱାଇ ଏବଂ ପଲ୍ସ ମିଶନ ଅନେକ ହଜାର କୃଷକଙ୍କ ଭାଗ୍ୟ ବଦଳାଇଦେବ। ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମୋଦି କହିଛନ୍ତି।

## ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ ସିଜେଆଇ

ନୂଆଦିଲ୍ଲୀ, ୧୧।୧୦

ପ୍ରଧାନ ବିଚାରପତି (ସିଜେଆଇ) ବି. ଆର୍. ଗବଇ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଯୁଗରେ ବାଳିକାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ୟୁନିସେଫ୍ ଇଣ୍ଡିଆ ଏବଂ ଜୁଭେନାଇଲ ଜଷ୍ଟିସ୍ କମିଟି ପକ୍ଷରୁ ମିଳିତ ଭାବେ ଆୟୋଜିତ ନ୍ୟାଶନାଲ ଆନୁଆଲ ଷ୍ଟେକ୍ ହୋଲ୍ଡର୍ସ କନ୍‌ସଲ୍‌ଟେଶନ କାର୍ଯ୍ୟକ୍ରମରେ 'କନ୍ୟା ସନ୍ତାନର ସୁରକ୍ଷା: ଭାରତରେ ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଗଠନ' ଶୀର୍ଷକ ବିଷୟବସ୍ତୁ ଉପରେ ସମ୍ବୋଧନ କରି ସିଜେଆଇ ଏପରି କହିଛନ୍ତି। ସେ କହିଛନ୍ତି, ସାମ୍ପ୍ରତିକ ଡିଜିଟାଲ ଯୁଗରେ ଅନ୍‌ଲାଇନ ଉତ୍ପୀଡ଼ନ, ସାଇବର ଆକ୍ରମଣ, ଡିପ୍‌ଫେକ୍, ବ୍ୟକ୍ତିଗତ ଡେଟାର ଦୁରୁପଯୋଗ ଆଦି



ଜଷ୍ଟିସ୍ ବି. ଆର୍. ଗବଇ

ସମସ୍ୟା ଯୋଗୁ ସମାଜରେ ବାଳିକାମାନଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଆଇନ ଏବଂ ତାଲିମର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କିଛି ରାଜ୍ୟରେ ଲିଙ୍ଗ ଅନୁପାତ କମିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଚିନ୍ତା ପ୍ରକଟ କରିଛନ୍ତି। କିଛି ରାଜ୍ୟରେ କନ୍ୟା ଭ୍ରୁଣ ହତ୍ୟା ଯୋଗୁ ଲିଙ୍ଗ ଅନୁପାତ ହ୍ରାସ ପାଉଛି। ଏ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟିପଡୁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

# ଚାଇନା ଉପରେ ୧୦୦% ଟ୍ରମ୍ପ୍ ଟାରିଫ୍

### ପ୍ରଭାବିତ ହୋଇପାରେ ଭାରତୀୟ ରପ୍ତାନି

ୱାଶିଂଟନ,୧୧।୧୦


ଡୋନାଲ୍ଡ ଟ୍ରମ୍ପ୍


ଶି.ଜିନ୍‌ପିଙ୍ଗ୍

ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆସନ୍ତା ନଭେମ୍ବର ୧ରୁ ଆମେରିକା ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଘୋଷଣା କରିଛି। ପୂର୍ବ ଟାରିଫ୍‌କୁ ମିଶାଇ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ମୋଟ ୧୩୦ ପ୍ରତିଶତ ଶୁଳ୍କ କଷିବାକୁ ଯାଉଛି। ଆମେରିକା-ଚାଇନା ବାଣିଜ୍ୟରେ ଦେଖାଦେଇଥିବା ଉତ୍ତେଜନା ଭାରତର ରପ୍ତାନି ସମ୍ଭାବନାରେ ନୂଆ ଅନିଶ୍ଚିତତା ସୃଷ୍ଟି କରିବାକୁ ଯାଉଛି। ଏହା ଭାରତୀୟ ରପ୍ତାନିକାରୀମାନଙ୍କ ଚିନ୍ତା ବଢ଼ାଇଥିବାବେଳେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ନେଇ ଚାଲିଥିବା ଆଲୋଚନା ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବାଣିଜ୍ୟ ବିଶେଷଜ୍ଞମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଅଭିଯୋଗ କରିଛନ୍ତି, ବାଣିଜ୍ୟରେ ଚାଇନା ଏକ ଅସାଧାରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖୁଥିଲା। ୱାଶିଂଟନ ଏହାର ଦୃଢ଼ ଜବାବ ଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା, ବିଦ୍ୟୁତ୍‌ଚାଳିତ ଯାନ ଏବଂ ସ୍ୱଚ୍ଛ ଇନ୍ଧନ ଶିଳ୍ପ ପାଇଁ ଜରୁରୀ ବିରଳ ମୃତ୍ତିକା ରପ୍ତାନି ଉପରେ କଟକଣା ଲଗାଇବା ପାଇଁ ଗତ ୯ ତାରିଖରେ ବେଜିଂ ନିଷ୍ପତ୍ତି ନେବା ପରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ସହ କୌଣସି ଚୁକ୍ତିନାମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଚଳିତ ବର୍ଷର ବହୁଚର୍ଚ୍ଚିତ ଭାରତ-ଚାଇନା ଫେଜ୍ ୱାନ୍ ଟ୍ରେଡ୍ ଡିଲ୍ ଯାହା ଚାଇନା ସାମଗ୍ରୀ ଉପରେ ଆମେରିକା ଟାରିଫ୍ ୩୦ ପ୍ରତିଶତ ଏବଂ ଆମେରିକା ସାମଗ୍ରୀ ଉପରେ ଚାଇନା ଟାରିଫ୍ ୧୦ ପ୍ରତିଶତରେ ସୀମିତ ରଖିବ ବୋଲି କୁହାଯାଉଥିଲା, ତାହା ଉପରେ ନୂଆ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗୁ ହୋଇଛି। ତେଣୁ ଭାରତକୁ ସାବଧାନତାର ସହିତ ଆମେରିକା ସହ ଚୁକ୍ତି କରିବାକୁ ପଡ଼ିବ। ସମାନ ସର୍ତ୍ତରେ ପାରସ୍ପରିକତା ଓ ରଣନୈତିକ ସ୍ୱତନ୍ତ୍ରତାର ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ହେବ ବୋଲି ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି।

ଆମେରିକା ନୂଆ ଟାରିଫ୍ ଲଗାଇବାର ଦିନକ ପୂର୍ବରୁ ଚାଇନା ବିଦେଶୀ ପ୍ରତ୍ୟକ୍ଷ ଉତ୍ପାଦ ନୀତି ଲାଗୁ କରିଥିଲା। ଉକ୍ତ ନୀତି ଅନୁଯାୟୀ, ଚାଇନା ରେୟାର ଆର୍ଥର ୦.୧%ରୁ ଅଧିକ ଥିବା ଉତ୍ପାଦ କିମ୍ବା ଚାଇନା ରିଫାଇନିଂ ବ୍ୟବହାର କରି ଉତ୍ପାଦନ କରିଥିବା ଅଥବା ଚୁମ୍ବକ ତିଆରି ପ୍ରଯୁକ୍ତି ପାଇଁ ବେଜିଂର ରପ୍ତାନି ଅନୁମୋଦନ ହାସଲ ଜରୁରୀ। ବିଶ୍ୱ ରେୟାର ଆର୍ଥ ରିଫାଇନିଂର ପାଖାପାଖି ୭୦% ଚାଇନା ନିୟନ୍ତ୍ରଣରେ ରହିଛି।

## ଦଳ ଛାଡ଼ିଲେ ବିହାର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ

ପାଟନା, ୧୧।୧୦

ଆସନ୍ତା ନଭେମ୍ବର ୬ ଏବଂ ୧୧ରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ରାଜ୍ୟରେ ଭାଜପାକୁ ଝଟକା ଲାଗିଛି। ଦରଭଙ୍ଗା ଜିଲା ଅଲିନଗରର ଭାଜପା ବିଧାୟକ ମିଶ୍ରିଲାଲ୍ ଯାଦବ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ଭାଜପା ଶୀର୍ଷ ନେତୃତ୍ୱ ଦଳିତ ଏବଂ ପଛୁଆବର୍ଗର ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନ ଥିବା ସେ କହିଛନ୍ତି। ୨୦୨୦ ନିର୍ବାଚନରେ ମିଶ୍ରିଲାଲ ବିକାଶଶୀଳ ଇନ୍ସାନ ପାର୍ଟିରୁ ଜିତି ପରେ ଭାଜପାରେ ଯୋଗଦେଇଥିଲେ। ଅଲିନଗରରୁ ଗାୟିକା ମୈଥିଳୀ ଠାକୁରଙ୍କୁ ଭାଜପା ଟିକେଟ୍ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ମିଶ୍ରିଲାଲ ଦଳରୁ ଇସ୍ତଫା ଦେଇଛନ୍ତି।

## ପାକିସ୍ତାନରେ ଇସ୍ରାଏଲ ବିରୋଧୀ ଶୋଭାଯାତ୍ରା ବେଳେ ହିଂସା: ପୋଲିସ ଗୁଳିରେ ୧୧ ମୃତ

ଲାହୋର,୧୧।୧୦

ଲାହୋରରେ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି) ଇସ୍‌ଲାମୀୟ ସଂଗଠନର ଶୋଭାଯାତ୍ରା ବେଳେ ପୋଲିସ ସହ ସଂଘର୍ଷ ଘଟିଥିଲା। ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲି କରିବା ପାଇଁ ସେମାନେ ରାଜଧାନୀ ଅଭିମୁଖେ ଯିବାକୁ ଥିବାବେଳେ ସୁରକ୍ଷା ବଳ ଅଟକାଇବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଆଖିବୁଜା ଗୁଳି ଚଳାଇବାରୁ ଟିଏଲ୍‌ପିର ୧୧ ସଦସ୍ୟ ନିହତ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗାଜାରେ ଇସ୍ରାଏଲ୍‌ର ଗଣହତ୍ୟା ପ୍ରତିବାଦରେ ଗୁରୁବାରଠାରୁ ପାକିସ୍ତାନରେ ବିକ୍ଷୋଭ ଜାରି ରହିଛି। ଶନିବାର ବିଭିନ୍ନ ସ୍ଥାନରେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ଅନେକ ପୋଲିସ ଆହତ ହୋଇଛନ୍ତି। ତେବେ ଲାହୋରର ଆଜାଦି ଚୌକରେ ଶୋଭାଯାତ୍ରା ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ବିକ୍ଷୋଭକାରୀ ଅନେକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ।

## ପାଲେଷ୍ଟିନୀୟ ନେତା ବାର୍‌ଘୌଟିଙ୍କୁ ଜେଲରୁ ମୁକ୍ତ କରିବନି ଇସ୍ରାଏଲ୍

ରାମାଲ୍ଲା(ୱେଷ୍ଟବ୍ୟାଙ୍କ),୧୧।୧୦

ନୂଆ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ହମାସ୍ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ଜେଲରେ ଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରାଯିବା ସର୍ତ୍ତ ରହିଛି। ତେବେ ଇସ୍ରାଏଲ୍ ମୁକ୍ତ କରିବାକୁ ଥିବା ବନ୍ଦୀମାନଙ୍କ ମଧ୍ୟରେ ପାଲେଷ୍ଟିନୀୟମାନଙ୍କ ସବୁଠୁ ଲୋକପ୍ରିୟ ନେତା ମାରୱାନ ବାର୍‌ଘୌଟି ନାହାନ୍ତି। ଏଥିସହିତ ହମାସ୍ ଦାବି କରିଆସୁଥିବା ଅନ୍ୟ କେତେଜଣ ହାଇପ୍ରୋଫାଇଲ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆବେଦନକୁ ମଧ୍ୟ ଇସ୍ରାଏଲ୍ ଖାରଜ କରିଦେଇଛି।



ମାରୱାନ ବାର୍‌ଘୌଟି

ଇସ୍ରାଏଲ୍ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ପ୍ରାୟ ୨୫୦ ଜଣ ବନ୍ଦୀଙ୍କ ତାଲିକା ଚୂଡ଼ାନ୍ତ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ବାରଘୌଟି ଓ ଅନ୍ୟ ହାଇପ୍ରୋଫାଇଲ୍ ବନ୍ଦୀଙ୍କୁ ମୁକ୍ତ କରାଯିବା ନେଇ ହମାସ୍ ମଧ୍ୟସ୍ଥମାନଙ୍କ ସହ ଆଲୋଚନା କରିଥିଲା। ତେବେ ଇସ୍ରାଏଲ୍ ବାରଘୌଟିଙ୍କୁ ଆତଙ୍କବାଦୀଙ୍କ ନେତା ଭାବେ ଦେଖୁଛି। ୨୦୦୪ ଇସ୍ରାଏଲ୍ ଆକ୍ରମଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହେବା ପରେ ଅନେକ ଥର ଆଜୀବନ ଜେଲଦଣ୍ଡ ଭୋଗିଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅନ୍ୟ କାରଣ ପାଇଁ ଇସ୍ରାଏଲ୍ ବାର୍‌ଘୌଟିଙ୍କୁ ମୁକ୍ତ କରିବାକୁ ଡରୁଛି। କାରଣ ୨ ରାଷ୍ଟ୍ର ସମାଧାନ ସୂତ୍ରର ପ୍ରବକ୍ତା ବାର୍‌ଘୌଟି ପାଲେଷ୍ଟିନୀୟମାନଙ୍କୁ ଏକାଠି କରିପାରନ୍ତି ବୋଲି ଇସ୍ରାଏଲ୍ ଆଶଙ୍କା କରୁଛି। ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ହମାସ୍ ପ୍ରାୟ ୨୦ ଜଣ ଜୀବନ୍ତ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିବ। ଏଥିସହିତ ଯୁଦ୍ଧବେଳେ ବିନା କାରଣରେ ଗାଜାରୁ ଇସ୍ରାଏଲ୍ ଅଟକ ରଖିଥିବା ପ୍ରାୟ ୧,୭୦୦ ଲୋକଙ୍କୁ ମୁକ୍ତ କରିବା ସର୍ତ୍ତ ରହିଛି। ତେବେ ଅଧିକାଂଶ ବନ୍ଦୀଙ୍କୁ ଇସ୍ରାଏଲ୍ ଆତଙ୍କବାଦୀ ଏବଂ ଆତ୍ମଘାତୀ ବିସ୍ଫୋରଣକାରୀ ଭାବେ ଦେଖୁଥିଲାବେଳେ ପାଲେଷ୍ଟିନୀୟମାନେ ସେମାନଙ୍କୁ ରାଜନୈତିକ ବନ୍ଦୀ ବା ସ୍ୱାଧୀନତା ସଂଗ୍ରାମୀ ବିବେଚନା କରିଥାନ୍ତି।

## ଫୁର୍‌ସତ୍

# ୨,୨୫୩ ଶବ୍ଦର ସବୁଠୁ ଲମ୍ବା ନାଁ

ଅକ୍‌ଲାଣ୍ଡ



ସବୁଠୁ ଲମ୍ବା ନାଁର ରେକର୍ଡ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ନିବାସୀ ଲରେନ୍ସ ୱାଟ୍‌କିନ୍ସଙ୍କ ନାମରେ ରହିଛି। ତାଙ୍କ ନାମରେ ୨,୨୫୩ ଶବ୍ଦ ଥିବାରୁ ୧୯୯୦ ମାର୍ଚ୍ଚରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ସେତେବେଳେ ତାଙ୍କ ବୟସ ୨୪ ବର୍ଷ ଥିଲା। ବିଶ୍ୱର ସବୁଠାରୁ ଲମ୍ବା ନାଁର ରେକର୍ଡ ଲରେନ୍ସଙ୍କ ନାମରେ ରହିଥିବା ନେଇ କିଛିଦିନ ତଳେ ଜିଡବ୍ଲ୍ୟୁଆର୍ ପକ୍ଷରୁ ୱେବ୍‌ସାଇଟରେ ଅପ୍‌ଡେଟ୍ ଦିଆଯାଇଥିଲା। ଏହାପରେ ଲରେନ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି।

ଲରେନ୍ସଙ୍କ ଜନ୍ମ ସମୟର ନାମ 'ଲରେନ୍ସ ଗ୍ରେଗୋରୀ ୱାଟ୍‌କିନ୍ସ' ଥିଲା। ୧୯୮୯ରେ ସେ ତାଙ୍କ ନାମକୁ ଏକ ବଡ଼ ନାମରେ ପରିବର୍ତ୍ତନ କରି ଜିଡବ୍ଲ୍ୟୁଆର୍ ରେକର୍ଡ ହାତେଇବା ପାଇଁ ସ୍ଥିର କରିଥିଲେ। ସେତେବେଳେ ନ୍ୟୁଜିଲାଣ୍ଡରେ ନାମର ଲମ୍ବ ଉପରେ କୌଣସି ପ୍ରତିବନ୍ଧକ ନ ଥିଲା। ଲରେନ୍ସ ସେତେବେଳେ ସିଟି ଲାଇବ୍ରେରିରେ କାର୍ଯ୍ୟ କରୁଥିବାରୁ ନିଜର ଲମ୍ବା ନାମ ପାଇଁ ସେ ପୁସ୍ତକରୁ ଖୋଜି ବିଭିନ୍ନ ଶବ୍ଦ ବାଛିଥିଲେ। ଏଥିପାଇଁ ସେ ତାଙ୍କ ସହକର୍ମୀଙ୍କଠାରୁ ମଧ୍ୟ ପରାମର୍ଶ ଲୋଡ଼ିଥିଲେ। ସେ ତାଙ୍କ ନାମରେ ସମସ୍ତ ୨,୨୫୩ ଶବ୍ଦକୁ ବର୍ଣ୍ଣାନୁକ୍ରମିକ ଭାବେ ସଜାଇଥିଲେ। ତାଙ୍କ ନାମରେ ଇଂଲିଶର 'A'ଠାରୁ 'Z' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣମାଳାର ଶବ୍ଦ ରହିଛି।

ନାମ ପରିବର୍ତ୍ତନ କରିବା ଲରେନ୍ସଙ୍କ ପାଇଁ ସହଜ ନ ଥିଲା। ତାଙ୍କ ନାମ ପରିବର୍ତ୍ତନ ଆବେଦନକୁ ଜିଲା କୋର୍ଟ ମଞ୍ଜୁର କରିଥିଲେ। ତେବେ ଯେତେବେଳେ ଲରେନ୍ସ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଅପ୍‌ଡେଟ୍ କରିବାକୁ ଯାଇଥିଲେ, ତାଙ୍କର ଲମ୍ବା ନାମକୁ ଦେଖି ସେଠାକାର କିରାଣି ଚକିତ ହୋଇଯାଇଥିଲେ। ଏତେ ସଂଖ୍ୟାରେ ଶବ୍ଦ ଥିବା ନାମକୁ ଦେଖି ଡ୍ରାଇଭିଂ ଲାଇସେନ୍ସ ଅପଡେଟ୍ କରିବା ପାଇଁ ଲରେନ୍ସ କରିଥିବା ଆବେଦନକୁ ରେଜିଷ୍ଟ୍ରାର ଜେନେରାଲ ଖାରଜ୍ କରିଦେଇଥିଲେ। ଲରେନ୍ସ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ, ଯେଉଁଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ତେବେ ଲରେନ୍ସଙ୍କ ଏହି ବିଜୟ ପରେ ନ୍ୟୁଜିଲାଣ୍ଡ ସରକାର ଦେଶରେ ଥିବା ଆଇନକୁ ପରିବର୍ତ୍ତନ କରିଥିଲେ। କୌଣସି ବ୍ୟକ୍ତିଙ୍କ ନାମକୁ ୭୦ ଅକ୍ଷର ମଧ୍ୟରେ ସୀମିତ ରଖିବାକୁ ନ୍ୟୁଜିଲାଣ୍ଡରେ ଆଇନ ଆସିଥିଲା। ଏହାଫଳରେ ଲମ୍ବା ନାଁକୁ ନେଇ ଲରେନ୍ସଙ୍କ ଏହି ଅନନ୍ୟ ରେକର୍ଡକୁ ନ୍ୟୁଜିଲାଣ୍ଡର ଆଉ କେହି ଭାଙ୍ଗି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ସମ୍ପ୍ରତି ୬୦ ବର୍ଷୀୟ ଲରେନ୍ସ ଅଷ୍ଟ୍ରେଲିଆର ସିଡ୍‌ନୀରେ ରୁହନ୍ତି। ତାଙ୍କର ପୂରା ନାମ ଏତେ ଲମ୍ବା ଯେ, ତାହାକୁ ଉଚ୍ଚାରଣ କରିବାକୁ ପ୍ରାୟ ୨୦ ମିନିଟ୍ ସମୟ ଲାଗିଥାଏ।


ଅଜୟ ଦେବ୍‌ଗନ୍

# ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ମୁମ୍ବାଇ

୨୦୧୯ରେ ରୋମାନ୍ସ କମେଡି ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ଅଭିନେତା ଅଜୟ ଦେବ୍‌ଗନ୍, ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ଏବଂ ତବୁ ନଜରକୁ ଆସିଥିଲେ। ଏହାର ପ୍ରାୟ ୬ ବର୍ଷ ପରେ 'ଦେ ଦେ ପ୍ୟାର୍ ଦେ'ର ସିକ୍ୱେଲ 'ଦେ ଦେ ପ୍ୟାର୍ ଦେ ୨' ରିଲିଜ୍ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଶନିବାର ଅଜୟ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଫିଲ୍ମର ପ୍ରଥମ ଭାଗରେ ଅଜୟ ଓ ରକୁଲଙ୍କ ମଧ୍ୟରେ ପରକୀୟା ପ୍ରୀତି ଥିବା ନେଇ ଦେଖିବାକୁ ମିଳିଥିଲା। ତେବେ ସିକ୍ୱେଲରେ ବିବାହ ପାଇଁ ରକୁଲଙ୍କ ମା'ବାପାଙ୍କୁ ଅଜୟ କିପରି ମନାଉଛନ୍ତି, ତାହାକୁ ନେଇ କାହାଣୀ ଗତି କରିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଆର୍. ମାଧବନ, ଜାଭେଦ ଜାଫରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ ଫିଲ୍ମର ପ୍ରଥମଭାଗରେ ଥିବା ଅଭିନେତ୍ରୀ ତବୁଙ୍କୁ ଏହି ସିକ୍ୱେଲରେ ଦେଖିବାକୁ ମିଳିବ ନାହିଁ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୨/୨୦୨୫ Bhubaneswar, Sunday, October 12/2025 



କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ତିନି ଧାରିଆ ଟାପୁରେ ଫସିରହିଥିବା ହାତୀପଲ। (ରିପୋର୍ଟ: ପୃଷ୍ଠା-୩)




# ହାରିବାକୁ ଚାହୁଁଛି ବିଜେଡି

**ଭୁବନେଶ୍ୱର, ୧୧।୧୦ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଓଡ଼ିଶାରୁ ୪ ରାଜ୍ୟ ସଭା ଆସନ ଖାଲି ହେବ। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ(ମୁନା), ନିରଞ୍ଜନ ବିଶି, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି। ତେଣୁ ଏହି ୪ ଆସନ ପାଇଁ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଯାହା ଆକଳନ କରାଯାଉଥିଲା ସେହି ଅଙ୍କରେ ଶୁକ୍ରବାର ପରିବର୍ତ୍ତନ ହୋଇଯାଇଛି। ଖାଲି ହେବାକୁ ଥିବା ଏହି ୪ ଆସନର ନିର୍ବାଚନକୁ ନେଇ ଗତ ଜୁଲାଇ ୧୧ ତାରିଖରେ ଧରିତ୍ରୀରେ 'ନବୀନ ବିକିବେ ନା ନେତା ଚେତିବେ' ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ସେହି ଖବରରେ ମୁଖ୍ୟତଃ ଖାଲି ହେବାକୁ ଥିବା ରାଜ୍ୟ ସଭାର ଚାରୋଟି ଆସନ ମଧ୍ୟରୁ ୪ର୍ଥ ସିଟ୍‌କୁ ନେଇ ରାଜନୀତି ରୋଚକପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରାଯାଇଥିଲା। ରାଜ୍ୟ ସଭା ଭୋଟିଂର ଗଣିତକୁ ମଧ୍ୟ ଅତି ସରଳ ଭାବରେ ସେହି ଖବରରେ ବୁଝାଇ ଦିଆଯାଇଥିଲା। ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି ଉଭୟ ବିଜେଡି ଏବଂ ଭାଜପା ପାଖରେ ସମାନ ସଂଖ୍ୟକ ଭୋଟ ରହିବ ବୋଲି ଆଶା କରାଯାଉଥିଲା। ହେଲେ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ବିଜେଡିର ଗୋଟିଏ ସଂଖ୍ୟା ଖସିଯାଇଛି। ଉପନିର୍ବାଚନ ଫଳ ବାହାରିବା ପରେ ହିଁ ବିଜେଡି ତା'ର ପୂରୁଣା ସଂଖ୍ୟା ରଖିପାରିଲା କି ନାହିଁ ଜଣାପଡିଯିବ। ହେଲେ ଶନିବାର ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ମିଶିଯିବା ପରେ ବିଜେଡି ତା'ର ପୂର୍ବ ସଂଖ୍ୟା ରଖିବାକୁ ଚାହୁଁ ନ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ମାସ ୭ରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯାଇ ଶୁକ୍ରବାର(ଗତକାଲି) ଫେରିଛନ୍ତି। ଜୟ ଗତ ଗୁରୁବାର ନୂଆଦିଲ୍ଲୀ ଗସ୍ତରେ ଯାଇ ଶନିବାର ଫେରିବା ପରେ ଭାଜପାରେ ଯୋଗ ଦେଇଛନ୍ତି। ଏହା ଭିତରେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଏବଂ ଭାଜପାର କେନ୍ଦ୍ରୀୟ ନେତାଙ୍କ ଭିତରେ ବୁଝାମଣା ହୋଇଗଲା ବୋଲି କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ବିଧାନସଭାରେ ଭାଜପା ପାଖରେ ୭୮ ବିଧାୟକ ରହିଛନ୍ତି। ୩ ଜଣ ସ୍ୱାଧୀନ ବିଧାୟକ ଭାଜପାକୁ ସମର୍ଥନ ଦେଇ ଶାସକ ଦଳ ସାଙ୍ଗରେ ଅଛନ୍ତି। ଏହିପରି ବିଧାନସଭାରେ ଭାଜପା ସଂଖ୍ୟା ୮୧ ରହିଛି। ବିଜେଡିର ୫୧ ବିଧାୟକ ଗତ ନିର୍ବାଚନରେ ଜିତିଥିବାବେଳେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ସଂଖ୍ୟା ୫୦ରେ ପହଞ୍ଚିଛି। କଂଗ୍ରେସର ୧୪ ବିଧାୟକ ଥିବାବେଳେ ଜଣେ ସିପିଆଇ(ଏମ୍) ସଦସ୍ୟ ରହିଛନ୍ତି। ଗଣିତ ଅନୁଯାୟୀ ହେବାକୁ ଥିବା ଆଗାମୀ ରାଜ୍ୟ ସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ ଆବଶ୍ୟକ। ସେହି ଦୃଷ୍ଟିରୁ ଦେଖିଲେ ଦୁଇଟି ଆସନରେ ଭାଜପା ନିଶ୍ଚିତ ବିଜୟୀ ହେଇଯିବ। ବିଜେଡି ମଧ୍ୟ ଗୋଟିଏ ଆସନରେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ୪ର୍ଥ ଆସନ ଲାଗି ବର୍ତ୍ତମାନ ସ୍ଥିତିରେ ଭାଜପା ପାଖରେ ୨୧ ସଂଖ୍ୟା ଥିବାବେଳେ ବିଜେଡି ସଂଖ୍ୟା ୨୦ରେ ପହଞ୍ଚିଛି। ନୂଆପଡା ଆସନକୁ ବିଜେଡି ପୁନର୍ବାର ଦଖଲ କରିବା ପାଇଁ ଜୟଙ୍କୁ ପ୍ରାର୍ଥୀ କରିବ ବୋଲି ତାଙ୍କ ଦଳର ବହୁ ନେତା କାମରେ ଲାଗିଥିଲେ। ଏହା ହୋଇଥିଲେ ବିଜେଡି ଅନୁକମ୍ପାମୂଳକ ଭୋଟ ପାଇ ବିଜୟୀ ହେବାର ସମ୍ଭାବନା ରହିବ ବୋଲି ଦଳୀୟ ନେତାମାନେ ଚିନ୍ତା କରୁଥିଲେ। ହେଲେ ଗୁରୁବାର ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିବା ଅଙ୍କ ନବୀନ ଫେରିବାର ପରଦିନ କିପରି ବଦଳିଗଲା ତାକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୁଇଟି ପଥ**

**ଆଜିର ମନ୍ତବ୍ୟ**

“ ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମକୁ ଖାଦ୍ୟରେ ଆତ୍ମନିର୍ଭର ହେବା ସହ ବିଶ୍ୱ ବଜାର ପାଇଁ ଉତ୍ପାଦନ କରିବାକୁ ପଡ଼ିବା।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ବିବାଦରେ ଆଫଗାନ ମନ୍ତ୍ରୀଙ୍କ ପ୍ରେସ୍ ମିଟ୍

## ମହିଳା ଖବରଦାତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ: ବିରୋଧୀ

**ନୂଆଦିଲ୍ଲୀ,୧୧।୧୦**

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଶୁକ୍ରବାର ପ୍ରେସ୍ ମିଟ୍‌କୁ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବାରୁ ତାଲିବାନ୍‌ର ଲିଙ୍ଗଗତ ଭେଦଭାବକୁ କଡ଼ା ସମାଲୋଚନା କରାଯାଇଛି। ପ୍ରେସ୍ ମିଟ୍‌ରେ କେବଳ ପୁରୁଷ ଖବରଦାତାଙ୍କୁ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖବରଦାତା, ରାଜନେତା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ମହିଳା ବିରୋଧୀ ମାନସିକତା ଓ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅପମାନ ବୋଲି ସେମାନେ ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟ ମହିଳାମାନଙ୍କ ପ୍ରତି ଅପମାନ ଓ ଏହା ଗ୍ରହଣୀୟ ☞ପୃଷ୍ଠା-୯



ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି (ବାମ)ଙ୍କ ପ୍ରେସ୍ ମିଟ୍।

## ତାଲିବାନ୍‌ଙ୍କ ପାଇଁ ମହିଳା ମଣିଷ ନୁହନ୍ତି: ତସ୍‌ଲିମା

ନୂଆଦିଲ୍ଲୀରେ ଆଫଗାନିସ୍ତାନ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଅନୁମତି ନ ଦେବା ଘଟଣାକୁ ବାଂଲାଦେଶର ନିର୍ବାସିତ ଲେଖିକା ତସ୍‌ଲିମା ନାସ୍‌ରିନ୍ ନିନ୍ଦା କରିଛନ୍ତି। ତାଲିବାନ୍ ମହିଳାମାନଙ୍କୁ ମାନବାଧିକାର ଦେଇନାହିଁ, କାରଣ ସେମାନେ ମହିଳାଙ୍କୁ ମାନବ ବିବେଚନା କରନ୍ତି ନାହ ବୋଲି ତସ୍‌ଲିମା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରୁଷ ଖବରଦାତା ☞ପୃଷ୍ଠା-୯

# ମହାକାଶ ଯିବ ଓଡ଼ିଶା ନିର୍ମିତ 'ବ୍ୟୋମମିତ୍ର'

**ଭୁବନେଶ୍ୱର,୧୧।୧୦ (ସୁଚିସ୍ମିତା ସାହୁ)**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଆସନ୍ତା ଡିସେମ୍ବରରେ 'ଗଗନୟାନ' ମିଶନରେ ହାପ୍ ହ୍ୟୁମାନଏଡ୍ ବା ଅର୍ଦ୍ଧମାନବୀୟ ରୋବୋକୁ ସାମିଲ କରିବାକୁ ଯାଉଛି। ପ୍ରଥମଥର ମହାକାଶ ଯିବ ମହିଳା ରୋବୋ 'ବ୍ୟୋମମିତ୍ର'। ତେବେ ବ୍ୟୋମମିତ୍ରର ମୁଣ୍ଡ, ୨ଟି ହାତ ସହ ଶରୀରର ୯୦ ପ୍ରତିଶତ ଅଂଶକୁ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ଟ୍ରେନିଂ ସେଣ୍ଟର(ସିଟିଟିସି)ରେ ତିଆରି କରାଯାଉଛି। ଏହି ପରୀକ୍ଷଣ ସଫଳ ହେଲେ ୨୦୨୭ରେ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଯିବ। ସିଟିଟିସିରେ ଚାଲିଥିବା ଏହି ବଡ଼ ପ୍ରକଳ୍ପରେ ୨୦୦ରୁ ଅଧିକ ବୈଜ୍ଞାନିକ ଓ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ଟିମ୍‌ର ଦାୟିତ୍ୱ ନେଇଛନ୍ତି ଓଡ଼ିଆ ବୈଜ୍ଞାନିକ। ଟାଇଟାନିୟମ ଧାତୁରେ ନିର୍ମିତ ଏହା ରୋବୋର ମୁଣ୍ଡଟି ଏଏଲ୍‌ଏସ୍‌ଆଇ-୧୦ଏମ୍‌ଜି ଧାତୁରେ ତିଆରି କରାଯାଇଛି, ଯାହାର ଓଜନ ୮୦୦ ଗ୍ରାମ। ୪ ମାସ ଭିତରେ ରୋବୋର ମୁଣ୍ଡ, ଦୁଇଟି ହାତ ଏବଂ ଶରୀରର ଅଧା ଅଂଶ ତିଆରି କରାଯାଇଛି। ରୋବୋଟିକ୍ସ ☞ପୃଷ୍ଠା-୯





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆହୋରଣ ଟ୍ରଷ୍ଟ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଏନ୍‌-୬, ରାମେଶ୍ୱର ମନ୍ଦିର, ଜୟଦେବ ବିହାର, ସମୟ: ସକାଳ ୯ଟା।
- ସେଣ୍ଟ୍ରାଲ୍ ବ୍ୟାଙ୍କ ରିଟାର୍ଡ ଆସୋସିଏଶନ୍ ପକ୍ଷରୁ ଜେନେରାଲ୍ ବଡି ମିଟିଂ, ସ୍ଥାନ: ହୋଟେଲ ଡୁରେନ୍, କଟକ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ମାର୍ଟ ଗ୍ଲାସ୍ ଡିଷ୍ଟ୍ରିବ୍ୟୁଶନ୍ କ୍ୟାମ୍ପ, ସ୍ଥାନ: ରମାଦେବୀ ବିଶ୍ୱ ବିଦ୍ୟାଳୟ ଓଲ୍ଡ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୈଶିଷ୍ଟ୍ୟ ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଭାରତୀ ବିଦୁଷ ସଭା ଓ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଭୁବନେଶ୍ୱର ମହାନଗର ପକ୍ଷରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ, ସ୍ଥାନ: ସହିଦ ନଗର ଦୁର୍ଗାମଣ୍ଡପ, ଖାରବେଳ ନଗର ଖଦି ବୋର୍ଡ ସାମ୍ନା, ୟୁନିଟ୍ ୩ ନୁଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ

- ମହିଳା ପତଞ୍ଜଳି ଯୋଗ ସମିତି ତରଫରୁ ନାରୀ ସୁରକ୍ଷା ସଂଗଠନ ଆଲୋଚନା ଚକ୍ର, ସ୍ଥାନ : ପ୍ରାଣଯୋଗ ପ୍ରତିଷ୍ଠାନ, ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ମା' ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କର ମହାପ୍ରୟାଣ ଦିବସ, ସ୍ଥାନ: କୁପାରୀ ଅମ୍ବିକା ଆଶ୍ରମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍‌ର ୨ୟ ଦିବସ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୩୨ ଦଳର ମ୍ୟାନେଜରଙ୍କ ବୈଠକ, ସ୍ଥାନ: ସଖୀ କଲ୍ୟାଣ ମଣ୍ଡପ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଜିଲା ମୂକ ଓ ବଧିର ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା ।
- ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ଗିରି ରୋଡ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ମାନବସେବା ସମିତି ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ମା' ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡମ ଆସିକା, ସମୟ ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ୮ମ ଲୋକକଳା ମହୋତ୍ସବ ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳ ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ବାର୍ଷିକ ଭାଗବତ ପ୍ରବଚନ ଓ ଜ୍ଞାନଯଜ୍ଞ ଶୁଭାଧବାସ, ସ୍ଥାନ: ତାରେଣୀ ଛକ, ଯୋରନ୍ଦା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀ ଷଷ୍ଠ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ସହିତ ସମସ୍ତ ବୁଥ୍, ସମୟ: ସକାଳ ୮ରୁ।
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ : ଆଠମଲ୍ଲିକ ସହର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପ୍ରଜ୍ଞାନ ମିଶନ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ଗୀତ ଜ୍ଞାନ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର ପାରାଦୀପ, ସମୟ: ସକାଳ ୮ଟା୩୦।
- ହସ୍ପିଟାଲ ସମ୍ମୁଖରୁ ମଦ ଦୋକାନ ହଟାଇବା ପାଇଁ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମାନବ ଶୃଙ୍ଖଳ ପ୍ରତିବାଦ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଜଗତ୍‌ସିଂହପୁର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ ଚାମ୍ପିୟନଶିପ୍, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ନୂତନ ଖେଳପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ୫ ନଂ.ୱାର୍ଡ ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନାଗପୁରା, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, ଗରାପୁର, ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡା, ନାରାୟଣପୁର, କୁହୁଡି, ଅଙ୍ଗୁଲାଇ, ମାର୍ଶାଘାଇ, ସମୟ:ସନ୍ଧ୍ୟା ୬ଟା ।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ଡାକ୍ତରଖାନା, କନ୍ହେଇପୁର ଶିବ ମନ୍ଦିର ପରିସର, କଲେଜ ଓ ସ୍କୁଲ ପରିସର, ସମୟ: ସକାଳ ୮ଟା।
- ଯାଜପୁର ରୋଡ ଚାନ୍ଦମା ଲକ୍ଷ୍ମୀ ପୂଜା ମେଢ଼ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଚାନ୍ଦମା ଥାନା ପଛପଟ ପଥରଛଇ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମ୍ ପ୍ରତିମୂର୍ତ୍ତି ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ତେନ୍ତୁଳିଆପଲ୍ଲୀ, ଇଟିରି, ନଛିପୁର, ଟିପୁରା, ନୂଆଗାଁ, ଅଦାବନ୍ଧ ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦ ।
- ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ୍, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୩ୟ ଦିବସରେ ରମଜନ୍ମ ଓ ଅହଲ୍ୟା ଉଦ୍ଧାରଣ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା ଭସାଣି, ସ୍ଥାନ: ଖଣ୍ଡପଡା ବ୍ଲକ ଡ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା କୈଳାସ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟ ସମୂହ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କୋଷାଗୁମୁଡ଼ା ସରକାରୀ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝୀଙ୍କ ୧୦୩ ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ବାଟିବେଡା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପାଣ୍ଡରା ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ୧୦ ଟା।
- ଇପିଏଫ ପେନ୍‌ସନର୍ସ ସଂଘ ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଇଞ୍ଜିନିୟରିଂ କର୍ମଚାରୀ ଫୋରମ ବୈଠକ, ସ୍ଥାନ: ଦକ୍ଷତା ବିକାଶ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପୋଲିଓ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସ୍ଥାନ: ସକାଳ ୮ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ମୁଖ୍ୟଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର ପ୍ରତିଯୋଗୀତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

ପ୍ରଥମ ପୃଷ୍ଠାରୁ...

## ହାରିବାକୁ ଚାହୁଁଛି ...

ନେଇ ନାନା ଚର୍ଚ୍ଚା ହେବାରେ ଲାଗିଛି। ମନେ କରାଯାଉ, ନୂଆପଡା ଆସନ ଯଦି ବିଜେଡି ହାତରେ ରାଜ୍ୟ ସଭା ନିର୍ବାଚନ ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ଥାଆନ୍ତା ତାହାଲେ ୪ର୍ଥ ଆସନ ଜିତିବା ଲାଗି ସେମାନଙ୍କୁ ନିଶ୍ଚିତରୂପେ କଂଗ୍ରେସ ଏବଂ ସିପିଆଇ(ଏମ୍) ଦଳର ସହଯୋଗ ନେବା କିମ୍ବା ଦେବାକୁ ପଡିଥାଆନ୍ତା। ହେଲେ ଯେଉଁମାନେ ବିଧାନସଭାର ଗତ ମୌସୁମୀ ଅଧିବେଶନ ବେଳେ କଂଗ୍ରେସ ରାଜ୍ୟ ସରକାର ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ବିରୋଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ସମୟରେ ବିଜେଡି ଆଭିମୁଖ୍ୟ ଦେଖିଥିବେ ସେମାନେ ଅନେକ କିଛି ବୁଝିପାରିଥିବେ। ସରକାର ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ନ ଦେଇ ସମଦୂରତା କଥା କହି ଏଡାଇ ଯାଇଥିଲା। ସେହିପରି ଉପରାଷ୍ଟ୍ରପତି ଭୋଟିଂ ସମୟରେ ମଧ୍ୟ ବିଜେଡି ନିର୍ବାଚନରୁ ନିଜକୁ ବିରତ ରଖିଥିଲା। ଏହା ପରୋକ୍ଷରେ ଭାଜପା ପାଇଁ ସହାୟକ ହେଇଥିବା ଚର୍ଚ୍ଚା ହେଲା। ଏଥିରୁ ହିଁ ରାଜନୈତିକ ସମୀକ୍ଷକମାନେ ଆକଳନ କରିସରିଛନ୍ତି ରାଜ୍ୟ ସଭା ଭୋଟିଂରେ କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନ ରଖିବ ନାହିଁ। ଯଦି ରାଜେନ୍ଦ୍ରଙ୍କ ଦେହାନ୍ତ ନ ହୋଇ ସ୍ୱାଭାବିକ ଭାବେ ଏହି ସମୟ ଆସିଥାଆନ୍ତା ତେବେ ସେତେବେଳେ ବିଜେଡି ଲାଗି ଏକ ଅକଡିଆ ପରିସ୍ଥିତି ସୃଷ୍ଟି ହେଇଥାଆନ୍ତା। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସଂଖ୍ୟା ଥିବା ସତ୍ତ୍ୱେ ବିଜେଡି ସମର୍ଥନ କରି ଭାଜପା ପ୍ରାର୍ଥୀ ଭାବେ ଦୁଇ ଥର ରାଜ୍ୟ ସଭାକୁ ପଠାଇସାରିଛି। ଅର୍ଥାତ୍ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ କୌଣସି ମତେ କିପରି ଭାଜପା ହାତରୁ ନ ଖସିବ ସେଥିପାଇଁ ବିଜେଡି ସବୁ ପ୍ରକାର କାର୍ଯ୍ୟ କରିଥାଆନ୍ତା। ହେଲେ ବିଗତ ଦିନର ଭାଜପା ପ୍ରତି ରହି ଆସିଥିବା ଏହି ପ୍ରୀତି ବିଜେଡି ପାଇଁ ଏବେ ଯେତେବେଳେ କାଳ ହେଉଥିଲା, ରାଜେନ୍ଦ୍ରଙ୍କ ଦେହାନ୍ତ ବିଜେଡିଙ୍କୁ ଏକ ନୂଆ ସୁଯୋଗ ଦେଇଥିବା ଦେଇଥିବା ଦେଖାଯାଉଛି। ଏବେଠାରୁ ଯଦି ଗୋଟିଏ ଆସନ ଭାଜପା ହାତକୁ ଚାଲିଯିବ ତେବେ ସେତେବେଳେ ସମଦୂରତା କଥା କହି ପରୋକ୍ଷରେ ଭାଜପାକୁ ୪ର୍ଥ ରାଜ୍ୟ ସଭା ଆସନ ଟି ଦେଇଦେବାକୁ ବିଜେଡି ପାଇଁ ସହଜ ହେବ। ସୂଚନା ମୁତାବକ, କର୍ପୋରେଟ ଦୁନିଆରୁ ଆସିଥିବା ଜଣେ ବ୍ୟକ୍ତି ଯାହାଙ୍କୁ ବିଜେଡି ଆସନ୍ତା ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ କରିବେ ବୋଲି ଚର୍ଚ୍ଚା ହେଉଛି ତାଙ୍କ ମାଧ୍ୟମରେ ଏହି ନୂଆ ରାଜନୈତିକ ଡିଲ୍ ହୋଇଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ହସ୍ତେ ଜିହା ଛେଦି**
**କେ ତା'ର ଅଛି ପ୍ରତିବାଦୀ !**

ଯେଉଁ ବ୍ୟକ୍ତି ଜାଣିଶୁଣି ନିଜ ଔଦ୍ଧତ୍ୟ ପ୍ରକଟ କରିବା ସହ ଭୁଲ ମାର୍ଗରେ ପରିଚାଳିତ ହେବ ଦିନେନା ଦିନେ ସେ ନିଶ୍ଚୟ ତା'ର ପରିଣତି ଭୋଗକରିବ। ଏପରିସ୍ଥଳେ ଅନ୍ୟକୁ ଦୋଷ ଦେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପେ ମାରେ ବଢେଇ**
**ଘର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବତାଶ ମାରେ କୁମ୍ଭାର ।**

ବଢେଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରୁଥିବା ବେଳେ ବାଆବତାଶ ହେଲେ ମାଟିପାତ୍ର ଓଦା ହୋଇ ନଷ୍ଟ ହୋଇଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଜୟ ଢୋଲକିଆ ଭାଜପାରେ ସାମିଲ ହେବାବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବଦଳିଲା ନୂଆପଡ଼ା ...

- ଦଳ ଯାହା ଦାୟିତ୍ୱ ଦେବ ନିଷ୍ଠାର ସହ ତୁଲାଇବି: ଜୟ
- ଭାଜପା ପ୍ରାର୍ଥୀ ବିଜୟୀ ହେବେ: ମନମୋହନ
- ନୈତିକତାକୁ ଜଳାଞ୍ଜଳି ଦେବି ନାହିଁ: ବସନ୍ତ
- ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ, ସେ ପୋଷ୍ୟପୁତ୍ର: ବିଜେଡି

ଅନ୍ୟ ବିଶ୍ୱସ୍ତ ସୂତ୍ରରୁ ସେ ଭାଜପାରେ ଯୋଗଦେବା ସମ୍ଭାବନା ବାସ୍ତବ ରୂପ ନେଉଛି ବୋଲି ଧରିତ୍ରୀରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକ ଏକ ଖବର ଶୁକ୍ରବାର ପ୍ରକାଶ ପାଇସାରିଥିଲା। ଶନିବାର ଜୟ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପୂର୍ବରୁ ଭାଜପାରେ ତାଙ୍କର ଯୋଗଦାନ ନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିଲା। ସେ ଓଡ଼ିଶାରେ ପହଞ୍ଚିବା ପରେ ଶତାଧିକ ଲୋକ ତାଙ୍କୁ ସ୍ୱାଗତ ଜଣାଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜୟଙ୍କୁ ସ୍ୱାଗତ କରିଥିଲେ। ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଜୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ତାଙ୍କୁ ଭାଜପାକୁ ସ୍ୱାଗତ କରିଛନ୍ତି। ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନରେ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଯିବା ନେଇ ଶୁଣିବାକୁ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ଭାଜପା ସରକାର କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି। ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସାମାଜିକ କର୍ମୀ ହିସାବରେ ମଧ୍ୟ ତାଙ୍କର ପରିଚୟ ଥିଲା। ତାଙ୍କ ଅବର୍ତ୍ତମାନରେ ନୂଆପଡ଼ା ଜିଲାର ବିକାଶ ପ୍ରକ୍ରିୟା ଜାରି ରହିବା ଜିଲାବାସୀଙ୍କ ଦାୟିତ୍ୱ ସେ ନେଇଛନ୍ତି। ଯେତେବେଳେ ଜିଲାବାସୀ ଚାହିଁବେ ତାଙ୍କୁ ଭେଟିପାରିବେ। ଜୟ ଢୋଲକିଆଙ୍କ ଯୋଗଦାନ ଭାଜପାକୁ ଆହୁରି ସଶକ୍ତ କରିବ। ଗତ ସରକାରରେ ମନ୍ତ୍ରୀମାନେ ନିଜକୁ ଅସହାୟ ମନେକରୁଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଦଳର ସମସ୍ତଙ୍କ ସହମତିରେ ଜୟଙ୍କୁ ଭାଜପା କୋଳେଇ ନେଇଛି। ସ୍ୱର୍ଗତ ରାଜୁବାବୁଙ୍କ ଅନେକ ଅଧୁରା ସ୍ୱପ୍ନ ରହିଯାଇଛି। ତାଙ୍କର ଅନେକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମାତ୍ର କେହି ଶତ୍ରୁ ନ ଥିଲେ। ରାଜୁବାବୁ ଅନେକ ସମସ୍ୟାର ସମାଧାନ ଲାଗି ନିଜକୁ ଅସହାୟ ମନେକରୁଥିଲେ। ତାଙ୍କ ଦଳର ସରକାର ଥାଇ ନିଜେ ଜଣେ ବରିଷ୍ଠ ନେତା ହୋଇ ସୁଦ୍ଧା ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଯାଇ ଅସହାୟ ହେଉଥିଲେ। ନୂଆପଡ଼ା ବିକାଶର ସ୍ୱପ୍ନ ଭାଜପା ପୂରଣ କରିବ। କୌଣସି ପ୍ରଲୋଭନ କିମ୍ବା ଜୋର ଜବରଦସ୍ତରେ ଜୟଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସେ ତାଙ୍କ ସ୍ୱଇଚ୍ଛାରେ ମିଶିଛନ୍ତି। କେନ୍ଦ୍ରର ସ୍ୱୀକୃତି ପରେ ଜଣେ ଯୁବ ନେତୃତ୍ୱରେ ଦଳକୁ ଆସିଛନ୍ତି। ରାଜୁବାବୁଙ୍କ ସହ ୩ଟି ଟର୍ମରେ ସେ କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ପୁଅ ଭାଜପାର ବିଚାରଧାରାରେ ଅନୁପ୍ରାଣିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛି। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ଓ ବିକଶିତ ଓଡ଼ିଶା'ର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଚେଷ୍ଟା କରିବେ। ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ନୂଆପଡ଼ା ଏକ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳର ବିକାଶ ପାଇଁ ବାପା ଅନେକ ସ୍ୱପ୍ନ ଦେଖିଥିଲେ। ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ବର୍ତ୍ତମାନ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡ଼ାକୁ ରାଜ୍ୟର ୧ ନମ୍ବର ଜିଲା ଭାବେ ଗଢ଼ି ତୋଳିବାକୁ ଶପଥ ନେଉଛି ବୋଲି ସେ କହିଛନ୍ତି। ବାପାଙ୍କ ଭଳି ସମାଜସେବା କରିବା ତାଙ୍କର ସଂକଳ୍ପ। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ମନମୋହନ ସାମଲ କହିଛନ୍ତି, ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ସାମିଲହେବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଦଳ ନୂଆପଡ଼ା ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହି ନିର୍ବାଚନରେ ଅଭିନନ୍ଦନ ତୃତୀୟ ସ୍ଥାନ ପାଇଥିଲେ। ଆସନ୍ତା ଉପନିର୍ବାଚନରେ ବସନ୍ତ ପୁଣି ଥରେ ତାଙ୍କ ପୁଅକୁ ପ୍ରାର୍ଥୀ କରିବାକୁ ଇଚ୍ଛା କରିଥିବା ଚର୍ଚ୍ଚା ହୋଇଥିଲା। ହେଲେ ଜୟ ଭାଜପା ଯୋଗ ଦେବା ପରେ ବସନ୍ତଙ୍କୁ ଦଳର ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବୁଝାଇଥିବା ଚର୍ଚ୍ଚା ହେଉଛି। ବସନ୍ତ ମଧ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଜୟଙ୍କୁ ସେ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କ ମନରେ କୋହ ନାହିଁ। ନୈତିକତାକୁ ଜଳାଞ୍ଜଳି ଦେବେ ନାହିଁ। ସେଥିଲାଗି ସେ ଅସନ୍ତୁଷ୍ଟ ନୁହନ୍ତି। ଜୟ ପ୍ରାର୍ଥୀ ହୋଇନାହାନ୍ତି। ଭାଜପା ଯାହାକୁ ପ୍ରାର୍ଥୀ କରିବ ସେ ସମର୍ଥନ କରିବେ। ଦଳ ପାଇଁ ସେ ପ୍ରଚାର କରିବେ। ସେ ଓ ତାଙ୍କ ପୁଅ ଦଳର କୌଣସି ପଦପଦବୀ ଲାଗି କାମ କରୁନାହାନ୍ତି। ମାଟିର ସେବା ଲାଗି ରାଜନୀତିକୁ ଆସିଛନ୍ତି, ମରିବା ପର୍ଯ୍ୟନ୍ତ କରିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରେ ଜୟଙ୍କ ଯୋଗଦାନ ପରେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଜୟଙ୍କ ଯୋଗଦାନକୁ ନେଇ ଦଳର ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି, ଜୟ କହିଥିଲେ ନବୀନ ତାଙ୍କ ନେତା, ହେଲେ ଭାଜପାରେ ମିଶିଲେ। ଏହାର କୌଣସି ପ୍ରଭାବ ନିର୍ବାଚନରେ ପଡ଼ିବ ନାହିଁ। ତାଙ୍କ ମୁଖା ଖୋଲିଗଲା। ରାଜେନ୍ଦ୍ର ଢୋଲକିଆଙ୍କ ଆତ୍ମା କେବେହେଲେ ଜୟଙ୍କୁ କ୍ଷମା ଦେବନାହିଁ। ଭାଜପାରେ ଜୟଙ୍କ ମିଶ୍ରଣ ଲୋକଙ୍କ ଦ୍ୱାରା ନାପସନ୍ଦ କରାଯାଇଛି। ଜୟ ଯଦି ପ୍ରକୃତରେ ରାଜେନ୍ଦ୍ରଙ୍କ ନିଜ ପୁଅ ହୋଇଥାଆନ୍ତେ ତେବେ ସେ ଭାଜପାରେ ମିଶି ନ ଥାଆନ୍ତେ। ଜୟ ଢୋଲକିଆ ପୋଷ୍ୟପୁତ୍ର ହୋଇଥିବାରୁ ଭାଜପାକୁ ଗଲେ। ରାଜେନ୍ଦ୍ରଙ୍କ ରକ୍ତ ଜୟଙ୍କ ଦେହରେ ନାହିଁ ବୋଲି ପ୍ରତାପ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟାରେ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ**
ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ ଆଜିର କାମ ଅଟକିବ ନାହିଁ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଆପଣ ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା, ତାହାକୁ କିଏ ଅଟକାଇ ପାରିବେ ନାହିଁ। ଯଦିଓ ଅର୍ଥର ଅଭାବ ରହିବ ନାହିଁ ତଥାପି ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ପୁଷ୍ୟା ନକ୍ଷତ୍ରର ବ୍ୟବସାୟ ଓ ପରିବହନରୁ ଅଶାନ୍ତି ବଢ଼ିବ ।

**ସିଂହ**
ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା କାମରେ ଆସିବ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା**
ଆଜି କିଛି ପାଇବାର ଆଶା ରଖିଲେ ଦେବା ପାଇଁ ଚେଷ୍ଟା କରନ୍ତୁ। ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା**
ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ଆଜି ହଁ କିମ୍ବା ନାହିଁ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନହୁବା ହଇରାଣ ହେବାକୁ ପଡ଼ିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧାର ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର**
କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡ଼ୋଶୀମାନେ ବିଭିନ୍ନ ଝାମେଲା ସୃଷ୍ଟି କରିପାରନ୍ତି। କିନ୍ତୁ ଯାତ୍ରା ସମୟରେ ଅସାବଧାନତା ହେତୁ ଧନ ହାନି ଘଟିପାରେ।

**କୁମ୍ଭ**
ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଏବଂ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**
ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ପରିସ୍ଥିତିବିଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନହୁବା ସମସ୍ୟା ଉପୁଜିପାରେ।

ଆଜି ଅକ୍ଟୋବର ୧୨ ତାରିଖ, କାର୍ତ୍ତିକ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୦୧।୩୭ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ୦୬।୩୦ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୦ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୪ ଗତେ ଘ.୦୫।୨୨ ମଧ୍ୟେ ରାହୁକାଳ।




# ୧,୬୩୧ ମାମଲାରେ ବଳାତ୍କାର ପୀଡ଼ିତା, ନାବାଳକଙ୍କ ପରିଚୟ ପ୍ରଘଟ

**ସିଏଜି ଧରିଲେ ତ୍ରୁଟି**

**ପୋଲିସ ଅଧିକାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ**

ଯାଜପୁର,୧୧।୧୦(ହର୍ଷବର୍ଦ୍ଧନ ବେହେରା)

କ୍ରାଇମ୍ ଏବଂ କ୍ରିମିନାଲ ଟ୍ରାକିଂ ନେଟୱର୍କ ସିଷ୍ଟମ୍ (ସିସିଟିଏନ୍ଏସ୍) ଅନୁଯାୟୀ କେତେକ ଆପରାଧିକ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ଏଥିରେ ବଳାତ୍କାର ଓ ଗଣବଳାତ୍କାର ପୀଡ଼ିତାଙ୍କ ସମେତ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସ (ପୋକ୍ସୋ) ଆଇନ ଏବଂ ନାବାଳକ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ସହିତ ଜଡ଼ିତ ମାମଲାଗୁଡ଼ିକରେ ଶିଶୁଙ୍କ ପରିଚୟ ପ୍ରକାଶ କରିବାକୁ ନାଗରିକ ପୋର୍ଟାଲରେ ନିଷେଧ କରାଯାଇଛି। ଏହିସବୁ ସମ୍ବେଦନଶୀଳ ମାମଲା ଚିହ୍ନଟ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟର ୩୯ ପୋଲିସ ଜିଲାରେ ୧,୬୩୧ଟି ସମ୍ବେଦନଶୀଳ ମାମଲାରେ ପୀଡ଼ିତା/ପୀଡ଼ିତଙ୍କ ନାମ ଓ ପରିଚୟ ଉକ୍ତ ନାଗରିକ ପୋର୍ଟାଲରେ ପ୍ରକାଶ କରାଯାଇଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ରିପୋର୍ଟରେ ପ୍ରକାଶ ପାଇଛି। ଯେଉଁଥିରେ ନାଗରିକମାନେ ବିବରଣୀ ଡାଉନଲୋଡ୍ କରିପାରିବେ ଏବଂ ମହିଳା ପୀଡ଼ିତା ଓ ନାବାଳକ ଅପରାଧୀଙ୍କ ପରିଚୟ ଜାଣିପାରିବେ। ଏପରି ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବା ଆଇପିସିର ଧାରା ୨୨୮(କ) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସିସିଟିଏନ୍ଏସ୍ ଡାଟାବେସ୍ର ଉପରୋକ୍ତ ସମ୍ବେଦନଶୀଳ ମାମଲାଗୁଡ଼ିକର ଅଡିଟ ହୋଇଥିଲା। ଏଥିରେ ଲକ୍ଷ୍ୟ କରାଯାଇଥିଲା ଯେ, ୨୦୧୮ ଜାନୁୟାରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ୧୫,୫୭୯ଟି ସମ୍ବେଦନଶୀଳ ମାମଲା ଥିଲା। ସେଥିମଧ୍ୟରୁ କେବଳ ୧୩,୯୪୯ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇଥିଲା ଏବଂ ସେମାନଙ୍କ ପରିଚୟ ପ୍ରକାଶରୁ ବାଦ୍ ଦିଆଯାଇଥିଲା। ତଥାପି ୪୦୫ ଥାନାରେ ବାକି ୧୬୩୧ ମାମଲାକୁ ସମ୍ବେଦନଶୀଳ ଭାବରେ ଚିହ୍ନିତ କରାଯାଇ ନ ଥିଲା। ଏଥିରେ କେନ୍ଦ୍ରାପଡା ଜିଲାରେ ସର୍ବାଧିକ ୨୮୨ ମାମଲା, ଗଞ୍ଜାମ ଜିଲାରେ ୧୮୩ ମାମଲା, ଗଜପତି ଜିଲାରେ ୧୪୯ ମାମଲା, ଭୁବନେଶ୍ୱର ପୋଲିସ ଜିଲାରେ ୧୨୧ ମାମଲା, ସମ୍ବଲପୁର ଜିଲାରେ ୬୧ ମାମଲା, ପୁରୀ ଜିଲାରେ ୫୮ ମାମଲା, କଟକ ଜିଲାରେ ୬୧ ମାମଲା, ଯାଜପୁର ଜିଲାରେ ୪୧ଟି ସମ୍ବେଦନଶୀଳ ମାମଲାରେ ପରିଚୟ ପ୍ରକାଶ ପାଇଥିଲା।

# ହୀରାକୁଦରେ ୧୦୦ କୋଟିର ଆକ୍ୱା ପାର୍କ, ପାଣ୍ଡରାରେ ୫୯ କୋଟିର ମାଛ ମାର୍କେଟ

**କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆରମ୍ଭ**

**କୃଷକଙ୍କୁ ସ୍ୱାବଲମ୍ବୀ କରିବ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୧।୧୦(ସୁନିତ୍ ମିଶ୍ର)

ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହିସବୁ ଯୋଜନା କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ୧୦୦ ଜିଲାରେ ଉକ୍ତ ଯୋଜନା ଆରମ୍ଭ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ ଜିଲା କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ରହିଛି। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରାଠାରେ ପ୍ରାୟ ୬୦ କୋଟି ଟଙ୍କାର ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା। ବର୍ତ୍ତମାନ ମଧ୍ୟ ଓଡ଼ିଶାର ୬୦%ରୁ ଅଧିକ ଏବଂ ଦେଶର ପ୍ରାୟ ୫୦% ଲୋକ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି। ତେଣୁ ମୋଦି ସରକାର ୨୦୧୪ରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଆସୁଛନ୍ତି। ଫଳରେ ବର୍ତ୍ତମାନ କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଭୁବନେଶ୍ୱରର ପାଣ୍ଡରା ହୋଲ୍ସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ। ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ଏବଂ ବିଏମ୍ସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲ୍ସେଲ୍ ମାଛ ବିକ୍ରୟ କେନ୍ଦ୍ର– ଏହି ୨ଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ଭାଲ୍ୟୁ ଚେନ୍ ସୃଷ୍ଟି କରିବ। ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସ୍ଥାନ ପାଇବ। ହୀରାକୁଦରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୯୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମୟୋପଯୋଗୀ ପଦକ୍ଷେପ, ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ। ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ। କେନ୍ଦ୍ର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ। ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ। ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ବର୍ତ୍ତମାନ ଧାନରେ ଆତ୍ମନିର୍ଭର ହୋଇସାରିଛୁ, କିନ୍ତୁ ଡାଲି ଓ ତୈଳବୀଜରେ ହେବାର ସମୟ ଏବେ ଉପନୀତ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଯୁଗାନ୍ତକାରୀ ଯୋଜନା। ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟିକରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଶ୍ରାରୁ ଆଭାସି ମାଧ୍ୟମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିବାବେଳେ କୃଷି ଶିକ୍ଷା ସଦନଠାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱପ୍ନର ଶକ୍ତି

ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାଡ଼ର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି। ଦୁଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯେଉଁଠିରେ, ସେହି ହାଡ଼ ବିଭିନ୍ନ ଦିଗକୁ, ତଳୁଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ ବିଶ୍ୱ ଆଣ୍ଠୁଗଣ୍ଠି ବାତ ଦିବସ (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ’) ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–‘ସ୍ୱପ୍ନର ଶକ୍ତି’। ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗ ବିଷୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାମଚନ୍ଦ୍ର ରାଉତ କୁହନ୍ତି, ଏହି ବାତ ରୋଗ ପୁରୁଷଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୪୦% ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ।

ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଏକ ସର୍ଭେରୁ ଜଣାପଡିଛି, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ରୁମାଟଏଡ ଆର୍ଥ୍ରାଇଟିସ୍ରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠିବାତ ରୋଗରେ ପୀଡ଼ିତ। ଏଥିପାଇଁ ବୟସ ବଢ଼ିବା ସହିତ ସତର୍କ ରହିବାକୁ ହେବ। ଶରୀରରେ ଯଦି କ୍ୟାଲସିୟମ ଏବଂ ଭିଟାମିନ୍–ଡି’ର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏଥିସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହେବ। ତେବେ ଗୋଟିଏ ପୋଜିଶନ୍ରେ ଅଧିକ ସମୟ ବସିବା ଅନୁଚିତ। ଯଦି ଗଣ୍ଠିବାତ ଜନିତ ସମସ୍ୟା ଥାଏ ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

**ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ**



# କୋମ୍ବିଂ ଅପରେଶନ ବେଳେ ଗୁରୁତର ଯବାନ ଶହୀଦ

**୨ ଆହତଙ୍କୁ ଦିଲ୍ଲୀ ଏୟାର ଲିଫ୍ଟ କରାଗଲା**

ରାଉରକେଲା,୧୧।୧୦(ସଙ୍ଗୀତା ଜେନା)

ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂଭୂମ ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଆଇଇଡି ବିସ୍ଫୋରଣରେ ଗୁରୁତର ଜଣେ ସିଆର୍ପିଏଫ୍ ଯବାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆସାମ ରାଜ୍ୟର ମୂଳନିବାସୀ ତଥା ସିଆର୍ପିଏଫ୍ ୬୦ ବାଟାଲିୟନର ହେଡ୍ କନ୍ଷ୍ଟେବଲ ମହେନ୍ଦ୍ର ଲସ୍କର(୪୦)। ତାଙ୍କୁ ଶୁକ୍ରବାର ରାତି ୧ଟାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶନିବାର ସକାଳ ପ୍ରାୟ ୭ଟାରେ ମୃତଦେହକୁ ରାଞ୍ଚି ନିଆଯାଇ ସେଠାରେ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଆସାମକୁ ପଠାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏହି ବିସ୍ଫୋରଣରେ ଆହତ ରାମକୃଷ୍ଣ ଗାଗରାଇ ଏବଂ ସିଆର୍ପିଏଫ୍ ଇନ୍ସପେକ୍ଟର କୌଶଲ କୁମାର ମିଶ୍ରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶନିବାର ଅପରାହ୍ନ ୨ଟାରେ ରାଉରକେଲା ବିମାନ ବନ୍ଦରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ଶନିବାର ସକାଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍ପି ନୀତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ବିଷୟରେ ପଚାରି ବୁଝିଥିଲେ। ଆହତ ଗାଗରାଇଙ୍କ ଭାଇ ତଥା ଝାଡଖଣ୍ଡ ରାଜଖରସୁଆଁ ବିଧାୟକ ଦଶରଥ ଗାଗରାଇ ଓ ପରିବାର ଲୋକେ ମଧ୍ୟ ଆହତମାନଙ୍କୁ ଭେଟିବାକୁ ରାଉରକେଲାରେ ପହଞ୍ଚିଥିଲେ। ଅପରପକ୍ଷେ ଡିଆଇଜି ରାୟ କହିଛନ୍ତି, ମାଓବାଦୀ ଦମନ ପାଇଁ ୨ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି। ଶୁକ୍ରବାର ଜରେଇକେଲା ଅଞ୍ଚଳରେ ହୋଇଥିବା ଆଇଇଡି ବିସ୍ଫୋରଣରେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଏୟାରଲିଫ୍ଟ କରାଯାଇଛି ଓ ଅନ୍ୟ ଜଣେ ଶହୀଦ ହୋଇଛନ୍ତି। ତେବେ ମାଓବାଦୀ ସକ୍ରିୟତାକୁ ରୋକିବା ପାଇଁ ଡିଭିଏଫ୍ ଏବଂ ଅନ୍ୟ ସୁରକ୍ଷାବଳ ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ସୀମାନ୍ତରେ ସେଭଳି ଅପ୍ରୀତିକର ପରିସ୍ଥିତିର ସୂଚନା ନାହିଁ ବୋଲି ରାୟ କହିଥିଲେ। ସୂଚନାଯୋଗ୍ୟ, ସରଣ୍ଡା ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଆହତ କୌଶଲଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ମହେନ୍ଦ୍ର କାନ୍ଧରେ ବୋହି ଆଣି କ୍ୟାମ୍ପରେ ଛାଡିବା ପରେ ଅନ୍ୟ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ସେ ଏବଂ ଗାଗରାଇ ଗୁରୁତର ହୋଇଥିଲେ। ପ୍ରଥମେ କୌଶଲ ଓ ପରେ ଏହି ୨ଜଣଙ୍କୁ ରାଉରକେଲାକୁ ଅଣାଯାଇଥିଲା।


ମହେନ୍ଦ୍ର ଲସ୍କର

# ବୈତରଣୀ ଟାପୁରେ ୯ ଘଣ୍ଟା ଫସିଲେ ହାତୀପଲ

ପାଟଣା,୧୧।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ବିଟ୍ ଅଧୀନ ସୀମାନ୍ତ ବୈତରଣୀ ନଦୀର ଡୁରୁମୁଙ୍ଗା ୩ ଧାରିଆ ଟାପୁରେ ଶୁକ୍ରବାର ରାତିରୁ ୩୦ଟିକିଆ ହାତୀପଲ ଫସି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଲୋକେ ଘେରି ରହିଥିବାରୁ ହାତୀପଲ ୯ ଘଣ୍ଟା ଧରି ଟାପୁରେ ରହିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ହାତୀପଲ ମୟୂରଭଞ୍ଜ ସୀମା ତଥା ବୈତରଣୀ ନଦୀ ପାରହେଉଥିବା ସମୟରେ ଟାପୁରେ ଅଟକି ରହିଥିଲେ। ହାତୀପଲରେ ୧୧ ଦନ୍ତା, ୧୨ ମାଈ ଓ ୭ ଛୁଆହାତୀ ରହିଛନ୍ତି। ଛୁଆହାତୀ ସାଙ୍ଗରେ ଥିବାରୁ ଦନ୍ତା ଓ ମା’ହାତୀ ଘେରି ରହିଥିଲେ। ନଦୀର ଉଭୟ ପାର୍ଶ୍ୱରେ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଖର ସ୍ରୋତ ସାଙ୍ଗକୁ ଲୋକଙ୍କ ଭିଡ଼ କାରଣରୁ ହାତୀ କୂଳକୁ ଆସିପାରି ନ ଥିଲେ। ଅପରାହ୍ନ ୩ଟାରେ ହାତୀପଲ ନଦୀ ପାରହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ରାଇକଳା ନିକଟରେ ପହଞ୍ଚିଥିବା ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଖୋଦ୍ ଡିଏଫ୍ଓ ଧନ୍ରାଜ ହନୁମନ୍ତ ଉପସ୍ଥିତ ରହିଛନ୍ତି।

# ମସ୍ତିଷ୍କରୁ ବାହାରିଲା ୪ ସେ.ମି.ର ମାଂସ

**ଏମ୍କେସିଜିରେ ପୁଣି ବିରଳ ଅସ୍ତ୍ରୋପଚାର**

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପାତି ସୁନାପୁର ଅଞ୍ଚଳର ଗୱାଲା ମାସେନୁ (୫୬ )ଙ୍କ ମସ୍ତିଷ୍କରୁ ୪ ସେ.ମି.ର ଟ୍ୟୁମର ବାହାର କରାଯାଇଛି। ଗୱାଲା ମାନସିକ ବିକାରଗ୍ରସ୍ତଙ୍କ ପରି ଆଚରଣ କରୁଥିଲେ। ମୁଣ୍ଡର ଉପର ଭାଗରେ ଘା ହୋଇ ପୁଜ ବାହାରୁଥିଲା ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି। ତାଙ୍କର ଚିକିତ୍ସା ପାଇଁ ପ୍ରଥମେ ଇଚ୍ଛାପୁରମ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ପରିବାର ଲୋକେ ନିରୁପାୟ ହୋଇ ଗତ ୨୦ ତାରିଖରେ ଏମ୍କେସିଜି ମେଡିକାଲକୁ ଆଣିଥିଲେ। ନ୍ୟୁରୋ ସର୍ଜରି ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ଗୱାଲାଙ୍କ ମସ୍ତିଷ୍କର ମଧ୍ୟଭାଗରେ ୪ ସେ.ମି.ର ମାଂସ ରହିଥିବା ଜଣାପଡିଥିଲା। ସେ ଉଚ୍ଚ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିରତା ଆସିବା ପରେ ଗତ ବୁଧବାର ଡା. ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୪ ଘଣ୍ଟା ଅସ୍ତ୍ରୋପଚାର କରି ମସ୍ତିଷ୍କରୁ ମାଂସ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ଖପୁରି ପାଖର ଏକ ହାଡ଼ ବାହାର କରି ପେଟ ପାଖରେ ରଖା ଯାଇଛି। ସୁସ୍ଥ ଅବସ୍ଥାକୁ ଫେରିଲେ ତାହାକୁ ପୁନଃ ସ୍ଥାପନ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ସାଧାରଣ ୱାର୍ଡରେ ଅଛନ୍ତି। ଡା.ଦେବଦତ୍ତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା.ତୁଷାର କାନ୍ତ ରଥ, ଡ଼ା ପି.ହରି ପ୍ରସାଦ ଓ ନିଶ୍ଚେତକ ବିଭାଗର ଡାକ୍ତର ମାନସ କୁମାର ନାହାକ ପ୍ରମୁଖ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।





# ବିବାହ ପ୍ରସ୍ତାବ ଦେଖିବାକୁ ଆସି ଯୁବତୀଙ୍କ ଗଳାକାଟି ଯୁବକ ଗିରଫ

ରାଜକନିକା,୧୧।୧୦(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଞ୍ଚାୟତ କୁଜିପୁରୁ ଗାଁର ସୁଶାନ୍ତ କିଶୋର ଦାସଙ୍କ ଭାଣିଜୀ ପ୍ରିୟଙ୍କା ଦାସ(୨୦)ଙ୍କୁ ଗାରଡ଼ପୁର ଗାଁର ସୁବ୍ରତ ନାୟକ(୨୬) ଓ ତାଙ୍କ ମା’ ମନୋରମା ନାୟକ ଶନିବାର ବିବାହ ପ୍ରସ୍ତାବ ନେଇ ଦେଖିବାକୁ ଆସିଥିଲେ। ସେଠାରେ ଦେଖାଚାହାଁ ଚାଲିଥିଲା। ପରେ ପୁଅ ସୁବ୍ରତ ଝିଅ ପ୍ରିୟଙ୍କା ସହ କିଛି କଥା ହେବା ଲାଗି କହିଥିଲେ। ଉଭୟ ଏକ କୋଠରିକୁ କଥା ହେବାକୁ ଯାଇଥିଲେ। ହେଲେ ସୁବ୍ରତ ଘର କବାଟ ବନ୍ଦକରି ଝିଅ ପ୍ରିୟଙ୍କାଙ୍କୁ ଏକ ଛୁରିରେ ଆକ୍ରମଣ କରି ଗଳାର ଦୁଇ ଜାଗାକୁ କାଟି ଦେଇଥିଲେ। ଝିଅର ଚିତ୍କାର ଶୁଣି ପରିବାର ଲୋକ କବାଟ ଭାଙ୍ଗି ଉଦ୍ଧାର କରିଥିଲେ। ଏହା ଜଣାପଡ଼ିବା ପରେ ଗାଁ ଲୋକମାନେ ଜମା ହୋଇ ସୁବ୍ରତଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁବ୍ରତଙ୍କୁ ଥାନାକୁ ଆଣିଥିଲା। ପ୍ରିୟଙ୍କାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସେଠାରେ ଚିକିତ୍ସା କରାଇ ଥାନାରେ ପ୍ରିୟଙ୍କାଙ୍କ ମାମୁ ସୁଶାନ୍ତ କିଶୋର ଦାସ ଅଭିଯୋଗ କରିଥିଲେ। ପୋଲିସ ନଂ: ୫୧୪/୨୫ରେ ମାମଲା ରୁଜୁ କରି ସୁବ୍ରତଙ୍କୁ ଗିରଫକରି ତଦନ୍ତ ଚଳାଇ ଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଏ ନେଇ ଉଭୟ ଝିଅ ଓ ପୁଅଙ୍କ ମଧ୍ୟରେ ବିବାହ ଲାଗି ନିଷ୍ପତ୍ତି ସହ ଦେଖାସାକ୍ଷାତ ଶେଷ ହୋଇଥିଲା। ଶନିବାର ପୁନର୍ବାର ସୁବ୍ରତ ଏବଂ ତାଙ୍କ ମା’ ମନୋରମା ଝିଅ ପ୍ରିୟଙ୍କାଙ୍କୁ ଦେଖିବାକୁ ଆସି ଏଭଳି ଘଟଣା ଘଟିଛି। କିନ୍ତୁ ଆକ୍ରମଣର କାରଣ ଜଣାପଡ଼ି ନାହିଁ।


ଗିରଫ ଯୁବକ ସୁବ୍ରତ ନାୟକ

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା । – ଶ୍ରୀଅରବିନ୍ଦ



# ଦୁଇଟି ପଥ



ଆକାର ପଟେଲ

ପଇଁତିରିଶ ବର୍ଷ ପୂର୍ବେ ଭାରତ ଯେଉଁ ଦୁଇଟି ପଥରେ ଯିବାକୁ ବାଛିଥିଲା, ଏଯାବତ୍ ସେହି ଉଭୟ ରାସ୍ତାରେ ରହିଛି । ପ୍ରଥମ ପଥ ଥିଲା ଏକ ନୂତନ ରୂପର ଅର୍ଥନୀତିକୁ ଆପଣେଇବା, ଯାହାର ଔପଚାରିକ ଭାବେ ନାମ ଦିଆଯାଇଥିଲା ଉଦାରୀକରଣ । ଏହାର ଉଦ୍ଦେଶ୍ୟ ଥିଲା ଭାରତକୁ ବିଦେଶୀ ପୁଞ୍ଜି ଆଣିବା, ଲାଇସେନ୍ସରାଜକୁ ଭାଙ୍ଗିବା ସହ ସାର୍ବଜନୀନ କ୍ଷେତ୍ରର ଏକଚାଟିଆ ଅଧିକାରକୁ ସମାପ୍ତ କରିବା । ଏହାର ଲକ୍ଷ୍ୟ (ଅଘୋଷିତ)ଥିଲା ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ କରି ଭାରତକୁ ଶିଳ୍ପାୟନରେ ସମୃଦ୍ଧ କରିବା । ଆମ ଭଳି ସେହି ସମାନ ସମୟରେ ଚାଇନା ଉଦାରୀକରଣ ପାଇଁ ଚେଷ୍ଟା କରୁଥିଲା । ଆମେ ୨୪ ଜୁଲାଇ ୧୯୯୧ (ଯେତେବେଳେ ଅର୍ଥମନ୍ତ୍ରୀ ମନମୋହନ ସିଂହ ତାଙ୍କ ବଜେଟ ଉପସ୍ଥାପନ କରିଥିଲେ)ରେ ଉଦାରୀକରଣରେ ପାଦ ଥାପିଥିବାବେଳେ ଭାରତ ଏବଂ ଚାଇନାର ଅର୍ଥନୈତିକ ବିକାଶ ସମାନ ସ୍ତରରେ ରହିଥିଲା । ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୧୯୯୧ରେ ଉଭୟ ଦେଶର ମୁଣ୍ଡପିଛା ଜିଡିପି ୩୩୪ ଆମେରିକୀୟ ଡଲାର ଥିଲା । ଏହା ଦର୍ଶାଇଥିଲା ଯେ ଚାଇନା ଟିକେ ଆଗୁଆ ଥିଲା, କାରଣ ଭାରତଠାରୁ ପ୍ରାୟ ଏକ ଦଶନ୍ଧି କିମ୍ବା ତା'ପୂର୍ବରୁ, ମାଓ ସେ ତୁଙ୍ଗଙ୍କ ମୃତ୍ୟୁ ପରେ, ତାହାର ପ୍ରଗତି ଆରମ୍ଭ ହୋଇଥିଲା । କିନ୍ତୁ ଚାଇନା ଏକ ଅତ୍ୟନ୍ତ ଅବିକଶିତ ସ୍ତରରୁ ଉଠୁଥିଲା, ଯେଉଁଠି କୌଣସି ଘରୋଇ କ୍ଷେତ୍ର ନ ଥିଲା ଏବଂ ସାଂସ୍କୃତିକ ବିପ୍ଳବ ଓ ଏକକ ସନ୍ତାନ ନୀତି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ କୁହାଯାଇପାରେ ଯେ, ୧୯୯୧ରେ ଆମେ ପ୍ରକୃତରେ ତା' ସହ ସମାନ ଥିଲୁ । ସେହି ସମୟରୁ ଉଦାରୀକରଣ ପଥର ଘଟଣାଗୁଡ଼ିକୁ ଦେଖିଲେ ବୁଝିହେବ । ୧୯୯୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ଭାରତର ଦୁଇଗୁଣ ହୋଇଗଲା । ପରବର୍ତ୍ତୀ ଦଶନ୍ଧିରେ ଅଟଳ ବିହାରୀ ବାଜପେୟୀଙ୍କ ଶାସନ ଆମକୁ 'ଉଜ୍ଜ୍ୱଳ ଭାରତ'ର ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ୨୦୦୦ ଦଶକର ଶେଷ ସୁଦ୍ଧା ଚାଇନାର ମୁଣ୍ଡପିଛା ଜିଡିପି ତିନିଗୁଣ ଆଗରେ ଥିଲା । ପରେ ମନମୋହନ ସିଂହଙ୍କ ଶାସନ କାଳରେ ଚାଇନା ଚାରିଗୁଣ ଆଗରେ ଥିଲା ଏବଂ ମୋଦିଙ୍କ ନୂତନ ଭାରତରେ ପାଞ୍ଚଗୁଣ ଆଗରେ ରହିଛି ।

୨୦୦୮ର ବିଶ୍ୱ ଆର୍ଥିକ ସଙ୍କଟ ପର୍ଯ୍ୟନ୍ତ ବୈଶ୍ୱିକ ଅର୍ଥନୀତି ଉପରେ ନଜର ରଖୁଥିବା ଦି ଇକୋନୋମିଷ୍ଟ, ଦି ୱାଲ ଷ୍ଟ୍ରିଟ ଜର୍ନାଲ ଏବଂ ଫାଇନାନ୍ସିଆଲ ଟାଇମ୍ସ ଆକଳନଭିତ୍ତିକ ଖବର ପ୍ରକାଶ କରିଥିଲେ ଯେ ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ଅର୍ଥନୈତିକ ପଥରେ ଭାରତ ସାମିଲ ହେବାକୁ ଯାଉଛି । କିନ୍ତୁ ତାହା କୋଭିଡ୍ ମହାମାରୀ ସମୟରେ ଶେଷ ହୋଇଗଲା । କିନ୍ତୁ ଏହା ସ୍ପଷ୍ଟ ଯେ, ଏସିଆର ଶକ୍ତିଶାଳୀ ଦେଶଗୁଡ଼ିକ ଯାହା କରୁଥିଲେ ଭାରତ ତାହା କରୁ ନ ଥିଲା ଏବଂ କରିପାରି ନ ଥିଲା । ଏହାର ଅନେକ କାରଣ ଥାଇପାରେ, କିନ୍ତୁ ମୁଖ୍ୟ କାରଣ ହେଉଛି ପ୍ରଭାବୀ ଢଙ୍ଗରେ ବିକାଶ ଏବଂ ନୀତି କାର୍ଯ୍ୟକାରୀ କରିବାରେ ଅକ୍ଷମତା । ଏବେ ଭାରତର ମୁଣ୍ଡପିଛା ଜିଡିପି ୨୬୯୬ ଆମେରିକୀୟ ଡଲାର ଥିବାବେଳେ ବାଂଲାଦେଶର ୨୫୯୩, ପାକିସ୍ତାନର ୧୪୮୪ ଏବଂ ଚାଇନାର ୧୩,୩୦୩ ଆମେରିକୀୟ ଡଲାର ରହିଛି । ଏହା ସ୍ପଷ୍ଟ ଯେ, ଭାରତ ଲକ୍ଷ୍ୟ ଅନୁଯାୟୀ କାମ କରୁ ନ ଥିବାରୁ ସେହି ସ୍ଥିତିରେ ରହିଛି । ୧୯୯୦ରେ ଭାରତ ଯେଉଁ ଦ୍ୱିତୀୟ ପଥ ବାଛିଥିଲା ତାହା ମଧ୍ୟ ଜାରି ରହିଛି । ଏହା ଥିଲା ବିବିଧତାର ସହାବସ୍ଥାନ ଏବଂ ଧର୍ମନିରପେକ୍ଷତାରୁ ଦୂରେଇ ଯାଇ ଭାଜପା ବିଚାରଧାରା ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଏକ ଭିନ୍ନ ସ୍ୱର୍ଗ ଆଡ଼କୁ ଯିବା, ଯାହାକୁ ୧୯୯୬ର ଇସ୍ତାହାରରେ ହିନ୍ଦୁତ୍ୱ ବୋଲି କୁହାଯାଇଥିଲା । ବାବ୍ରୀ ମସ୍‌ଜିଦ ବିରୋଧରେ ଦଳର ସଫଳ ଅଭିଯାନ ଏବଂ ପରବର୍ତ୍ତୀ ହତ୍ୟାକାଣ୍ଡ ଭାରତକୁ ଏକ ନୂତନ ଦିଗକୁ ନେଇଯାଇଥିଲା । ୧୯୫୧ରେ ଗଠିତ ଦଳର ୧୯୯୦ ପର୍ଯ୍ୟନ୍ତ ନିଜସ୍ୱ ମୁଖ୍ୟମନ୍ତ୍ରୀ ନ ଥିଲା ଏବଂ ସମସ୍ତ ଦଶନ୍ଧିରେ ଏହାର ଜାତୀୟ ଭୋଟ ହାର ଏକକ ସଂଖ୍ୟାବିଶିଷ୍ଟ ରହିଥିଲା । ଲାଲକୃଷ୍ଣ ଆଡ୍‌ଭାନୀଙ୍କ ନେତୃତ୍ୱରେ ହୋଇଥିବା ବାବ୍ରୀ ମସ୍‌ଜିଦ ଘଟଣା ପରେ ଏହା ଦୁଇଗୁଣ ବୃଦ୍ଧି ପାଇ ପାଖାପାଖି ୧୮% ପହଞ୍ଚିଥିଲା । ନରେନ୍ଦ୍ର ମୋଦିଙ୍କ ଅଧୀନରେ ପୁନର୍ବାର ଦ୍ୱିଗୁଣିତ ହୋଇ ୩୬% ହୋଇଥିଲା ।

ବିକାଶର ପ୍ରଥମ ପଥ ଧିମା ହୋଇଥିବାବେଳେ ଦ୍ୱିତୀୟ ପଥର ଗତି ଅଧିକ ଦ୍ରୁତ ହୋଇଛି । ବାଜପେୟୀଙ୍କ ସମୟରେ ଏବକାର ସଂଖ୍ୟାଲଘୁ ବିରୋଧୀ ରାଜନୀତିର ସ୍ୱର ଏତେ ଦୃଢ଼ ନ ଥିଲା । ଏହାର କାରଣ କିଛି ଲୋକ ଅନୁଭବ କରୁଥିଲେ ଯେ, ବାଜପେୟୀ ଉଦାର ଥିଲେ ଏବଂ ଏହା ସତ୍ୟ । ସେ ସରକାରରେ ଥିବା ସହଯୋଗୀଙ୍କ ଉପରେ ନିର୍ଭରଶୀଳ ଥିଲେ, ତେଣୁ ଦ୍ୱନ୍ଦ୍ୱରେ ରହିବାକୁ ବାଧ୍ୟ ହୋଇଥିଲେ । ୨୦୦୨ର ଘଟଣାବଳୀ ଏହାକୁ ପରିବର୍ତ୍ତନ କରିଦେଲା । ଭାଜପା ତାହାର ନୂତନ ନେତା ପାଇଲା । ୧୯୯୧ର ଅର୍ଥନୈତିକ ସଂସ୍କାରରୁ ସର୍ବାଧିକ ଲାଭ ପାଇଥିବା ଏକ ରାଜ୍ୟରୁ ଆସି ସେ ଦାବି କଲେ ଯେ, ଏହାର ତୁଳନାତ୍ମକ ପ୍ରଗତି ତାଙ୍କ ଯୋଗୁ ଘଟିଥିଲା । ଏବଂ ୨୦୦୨ର ନରସଂହାର ପରେ ତାଙ୍କୁ ହଟାଇବାରେ ବାଜପେୟୀଙ୍କ ଅକ୍ଷମତା ତାଙ୍କୁ ଭବିଷ୍ୟତର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଥିଲା, ଯେଉଁଥିପାଇଁ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରିଥିଲେ । ୧୯୯୦ରେ ଭାରତ ବାଛିଥିବା ଉଭୟ ପଥରେ ସେ ପ୍ରଗତି ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କେବଳ ଗୋଟିଏ ରାସ୍ତାରେ ଆଗେଇ ଗଲେ । ଏବେ ଚାଇନା ସହ ଭାରତ ତୁଳନୀୟ ନୁହେଁ ଏବଂ ସରକାର ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ନିଜକୁ ତୁଳନା କରୁ ନାହାନ୍ତି । ଏହା ବଦଳରେ ଆମେ ଆଭ୍ୟନ୍ତରୀଣ ନିର୍ଯାତନା, ପାକିସ୍ତାନୀ ସେନା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସହିତ ଲଢ଼ି ନିଜକୁ ସାନ୍ତ୍ୱନା ଦେଉଛୁ । ୧୯୯୦ ପରେ ଭାଜପାର ନିର୍ବାଚନୀ ସଫଳତାରୁ ବୁଝାପଡୁଛି ଯେ, ଏହି ରାସ୍ତା ଛାଡ଼ିବା ତା' ପାଇଁ କଷ୍ଟକର ହେବ, କାରଣ ଏହି ନୀତିଗୁଡ଼ିକୁ ଗ୍ରହଣ କରିଛି । ଯୁବ ପାଠକଙ୍କ ପାଇଁ ୧୯୯୦ ବହୁତ ପୁରୁଣା ମନେହେବ, କିନ୍ତୁ ଆମ ମଧ୍ୟରୁ ଅନେକଙ୍କ ପାଇଁ ଏହା ଏବକାର ସ୍ମୃତି । ଆମେ ସେହି ଦଶନ୍ଧିଗୁଡ଼ିକୁ ଦେଖିଲେ ଜାଣିପାରିବା ଯେ, ସେତେବେଳେ ଏସବୁ କାହିଁକି ଘଟିଥିଲା ଏବଂ ପରବର୍ତ୍ତୀ ଦଶନ୍ଧିଗୁଡ଼ିକ ସମାନ ଘଟଣା ଘଟିବ । ଏକ ସମୃଦ୍ଧ ଏବଂ ସମାନତାର ସମାଜ ଗଢ଼ିବା ପଥରେ ଦ୍ୱିଧା ଏବଂ ଧିମା ଯାତ୍ରା ଦେଖିବାକୁ ମିଳିବ । ଅନ୍ୟ ପଟେ ଆତ୍ମବିଶ୍ୱାସର ସହିତ ଦ୍ରୁତଗତିରେ ହିନ୍ଦୁତ୍ୱ ବିଚାରଧାରା ପଥରେ ଆଗେଇ ଚାଲିବ ।

Email:aakar.patel@gmail.com

# ବଡ଼ ମାଛ ଧର




ଡ. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ଖୋଲିଲେ ବା ଟିଭି ଦେଖିଲେ ବିଭିନ୍ନ ଶ୍ରେଣୀର ଲୋକ ବିଶେଷକରି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତିକରି ଆୟ ବହିର୍ଭୂତ ବହୁ କୋଟି ଟଙ୍କାର କଳା ସମ୍ପତ୍ତି ଠୁଳକରିବା ଖବର ପଢ଼ିବାକୁ ବା ଶୁଣିବାକୁ ମିଳେ । ବେଶି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ନାମ ପଢ଼ିବାକୁ ମିଳେ, ଯେଉଁମାନେ ଚାକିରି ପୂର୍ବରୁ ଜନତାଙ୍କ ସେବା କରିବେ ବୋଲି କହିଥାନ୍ତି । ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ବ୍ୟକ୍ତି ମଧ୍ୟ ଏହି କଳାକାରନାମାରୁ ମୁକ୍ତ ନୁହନ୍ତି । ବାସ୍ତବରେ ଦୁର୍ନୀତିରେ ଲିପ୍ତ କିଛି ହାତଗଣତି ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଧରିପକାଇଲେ ଦୁର୍ନୀତି ଦୂରହେବନାହିଁ । ଏହାର ମୂଳ କାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ଅର୍ଥାତ୍ ଛୋଟ ମାଛ ଧରୁଛନ୍ତି, ବଡ଼ ମାଛ ଧରିବାକୁ ପ୍ରୟାସ କରିବା ଉଚିତ । ନିକଟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିଗ୍ରସ୍ତଙ୍କୁ କେବଳ ଦଣ୍ଡ ଦେଇଦେଲେ ଦୁର୍ନୀତି ରୋକିହେବନାହିଁ ଏବଂ ଦୁର୍ନୀତିର ମୂଳ କାରଣ ଖୋଜି ପ୍ରଶାସନିକ, ଆଇନଗତ,ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂରକରିବାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି ।

ବାସ୍ତବରେ ଦୁର୍ନୀତି ଆଜି ଜୀବନଶୈଳୀରେ ପରିଣତ ହୋଇଛି । ଦୁର୍ନୀତିର ଏକ ବଡ଼ କାରଣ ହେଉଛି ଅବକ୍ଷୟମୁଖୀ ସମାଜ ଏବଂ ଜୀବନଚର୍ଯ୍ୟାରେ ନୈତିକତା, ମାନବିକତା ଓ ମୂଲ୍ୟବୋଧର ଦ୍ରୁତ ହ୍ରାସ ଘଟିବା ଓ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା । ସରକାର ଦେଶର ପ୍ରଗତିକୁ ଜିଡିପିରେ ଏବଂ ଲୋକ ଜୀବନର ସଫଳତାକୁ ଅର୍ଥ ଓ ସମ୍ପତ୍ତିରେ ମାପିବା ଆଜିର ଦୁର୍ନୀତିର ଏକ ବଡ଼ କାରଣ । ନବ୍ୟ ଉଦାରୀକରଣ ଅର୍ଥନୀତି ଓ ତଜ୍ଜନିତ ଉଗ୍ର ଉପଭୋକ୍ତବାଦ ; ଜୀବନଚର୍ଯ୍ୟାରେ ତ୍ୟାଗ, ସେବା, ବଳିଦାନ ଅପେକ୍ଷା ଉପଭୋଗ, କଳେବଳେ ସମ୍ପତ୍ତି ଠୁଳ କରିବା ମାନସିକତାରୁ ଦୁର୍ନୀତି ବୃଦ୍ଧି ପାଉଛି । ଦୁର୍ନୀତିକରି ଦଣ୍ଡିତ ହେବା ଦେହସୁଆ ହୋଇଗଲାଣି । ଲାଜ, ସରମ ଟିକେ ବି ଲାଗୁନାହିଁ । ଆଜି ଦୁର୍ନୀତିର ମାନସିକତା ଅଧିକାଂଶଙ୍କୁ ଗ୍ରାସକରିବାର କାରଣ ହେଉଛି ସମାଜ ଦିନକୁ ଦିନ ଅଧିକ କଳୁଷିତ ହେଉଛି ଏବଂ ଭଲ ଲୋକଙ୍କୁ ଓ ଭଲ କାର୍ଯ୍ୟର ହତାଦର କରାଯାଉଛି । ଅର୍ଥ, କ୍ଷମତା ଓ ପ୍ରତିପତ୍ତି ନ ଥିଲେ କେହି ପଚାରିବେନାହିଁ । ଉଦାହରଣ ସ୍ୱରୂପ ଯଦି ଜଣେ କଳାଟଙ୍କାରୁ କେଉଁଠି ଚାନ୍ଦା ଦେଲେ, ଲୋକ ପ୍ରଶଂସାରେ ପୋତିଦେବେ, ନ ଦେଲେ କାର୍ପଣ୍ୟ କହି ଘୃଣାକରିବେ । ଅନେକସମୟରେ ଦୁର୍ନୀତିଗ୍ରସ୍ତ ହୋଇ ଦଣ୍ଡିତହେବା ପରେ ମଧ୍ୟ ଅନେକଙ୍କୁ ଗୌରବମଣ୍ଡିତ କରାଯାଉଛି । ଯଦି ଶାସକ ଦଳରେ ଯୋଗଦେଲା ବା ସମର୍ଥନ କଲା ତେବେ ସବୁ ଦୋଷ ମାପ ।

ଦୁର୍ନୀତିର ମୂଳ ଉତ୍ସ ହେଉଛି ରାଜନୀତିର ଅପରାଧୀକରଣ, ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା ଓ କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ । ଆଜିର ସମାଜରେ ବିତ୍ତଶାଳୀ, କ୍ଷମତାଶାଳୀଙ୍କୁ ବେଶି ସମ୍ମାନ ମିଳୁଛି । ଅଧିକ କ୍ଷମତାଶାଳୀ ହେବାର ବଡ଼ ମାଧ୍ୟମ ହେଲା ରାଜନୀତିକରି ଜନପ୍ରତିନିଧି, ନେତା, ମନ୍ତ୍ରୀ ହେବା । ଏଥିପାଇଁ ନିର୍ବାଚନରେ ଜିତିବା ଦରକାର ଓ ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । ଏଣୁ ସେଇଠୁ ଆରମ୍ଭ ହୁଏ କଳାଟଙ୍କା ଠୁଳକରିବା, ଲାଞ୍ଚ ନେବା ଓ ଚାନ୍ଦା ଆଦାୟ କରିବା, ଯାହା ଉପରୁ ତଳସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ । ନିର୍ବାଚନରେ ବିଭିନ୍ନ ଦଳ ଓ ପ୍ରାର୍ଥୀ ପ୍ରଚୁର କଳାଟଙ୍କା ଖର୍ଚ୍ଚ କରୁଛନ୍ତି । ବିନା କଳାଟଙ୍କାରେ ଜିତିବା ଅସମ୍ଭବ । ୨୦୨୪ ସାଧାରଣ ନିର୍ବାଚନ ସମୟରେ ୫ଟି ଜାତୀୟ ଏବଂ ୨୭ଟି ଆଞ୍ଚଳିକ ରାଜନୈତିକ ଦଳ ଦ୍ୱାରା ସଂଗୃହୀତ ମୋଟ ପାଣ୍ଠି ପରିମାଣ ୭୪୪୫.୫୬୬ କୋଟି ଟଙ୍କା ଥିଲା । ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ମୋଟ ଖର୍ଚ୍ଚ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିଲା । ପ୍ରାର୍ଥୀମାନେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ହାରାହାରି ୨୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ ଯାହା ବର୍ତ୍ତମାନ ୭୫.୯୫ ଲକ୍ଷ ଟଙ୍କା(୩୦୦ ଗୁଣ ବୃଦ୍ଧି)କୁ ବୃଦ୍ଧିପାଇଛି । ସରପଞ୍ଚ ନିର୍ବାଚନରେ ଜଣେ ପ୍ରାର୍ଥୀ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଆଜି ଲୋକମାନେ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି । ଟଙ୍କା ନ ଦେଲେ କେହି ନେତାଙ୍କ ରାଲିରେ, ସଭାକୁ ଯିବେନାହିଁ । ଭୋଟ ଦେବା ପାଇଁ ନେତା ଅର୍ଥ ଦେଲାବେଳେ ଲୋକ ମଧ୍ୟ ଅର୍ଥ ଚାହୁଁଛନ୍ତି । ସାମୂହିକ ସ୍ୱାର୍ଥ ଆଉ ଗୁରୁତ୍ୱ ପାଉନାହିଁ । ଏଣୁ ନିର୍ବାଚନ ବ୍ୟୟ ଭରଣା ପାଇଁ ଏବଂ



ନିଜ ଅନୁଗାମୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅଧିକାଂଶ ନେତା ଅସତ୍ ଉପାୟରେ ପ୍ରଚୁର ଅର୍ଥ ଠୁଳ କରୁଛନ୍ତି । ପୁନଶ୍ଚ କ୍ଷମତା ଚାଲିଗଲେ କେହି ପଚାରିବେ ନାହିଁ । ଜଣେ ନିର୍ବାଚନରେ ସବୁବେଳେ ଟିକେଟ ପାଇବ ବା ଜିତିବ ବୋଲି କେହି ଗାରେଣ୍ଟି ଦେଇପାରିବେ ନାହିଁ । ଭବିଷ୍ୟତର ଅନିଶ୍ଚିତତା ଯୋଗୁ ମଧ୍ୟ ଥରେ ନେତା ଓ ମନ୍ତ୍ରୀ ହେଲେ ଅଧିକାଂଶ ସାତପୁରୁଷ ପାଇଁ ସମ୍ପତ୍ତି ଠୁଳ କରିଦେଉଛନ୍ତି । ସେମାନେ ସିଧା ଲାଞ୍ଚ ନେବେନାହିଁ । ଅନ୍ୟ ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ତଥା ଅନ୍ୟମାନଙ୍କ ଜରିଆରେ ନେଉଛନ୍ତି । ଯିଏ ଉପରସ୍ତର ଲୋକଙ୍କୁ ଲାଞ୍ଚ ଦେବ, ସେ ଅନ୍ୟମାନଙ୍କଠାରୁ ଆଦାୟ କରିବ ଏବଂ ନିଜ ପାଇଁ ମଧ୍ୟ ରଖିବ, ଯାହା ସ୍ୱାଭାବିକ । ଫଳରେ ଦୁର୍ନୀତି ବ୍ୟାପୁଛି ।

ପୁନଶ୍ଚ ଅଧିକାଂଶ ବଡ଼ କମ୍ପାନୀ, ବ୍ୟବସାୟୀ ଓ ଉଦ୍ୟୋଗୀ ନିଜ ବ୍ୟବସାୟ ପ୍ରତିଷ୍ଠା ଓ ସମ୍ପ୍ରସାରଣ ସାଙ୍ଗକୁ ଟିକସ ରିହାତି ଆଦି ସୁବିଧା ପାଇଁ ବିଭିନ୍ନ ରାଜନୈତିକ ନେତା, ପ୍ରଶାସକ ଓ ବିଭିନ୍ନ ଦଳୀୟ ପାଣ୍ଠିକୁ ବିଶେଷକରି କ୍ଷମତାରେ ଥିବା ଦଳକୁ ପ୍ରଚୁର ଅର୍ଥ ଦେଇଥାନ୍ତି । ଯେତିକି ଦିଅନ୍ତି, ତାହାର ୧୦୦୦ଗୁଣ ଫାଇଦା ଉଠାନ୍ତି । ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ଆଇନରେ ପରିବର୍ତ୍ତନ କରାଯିବା ସହ ଟିକସ ହ୍ରାସ କରାଯାଏ । ସେମାନେ ବହୁ କୋଟି ଟଙ୍କା ଟିକସ ଫାଙ୍କିଲେ ବା ବ୍ୟାଙ୍କ ଋଣ ନ ଶୁଝିଲେ ମଧ୍ୟ ଆଇନ ତାଙ୍କୁ ସ୍ପର୍ଶ କରିପାରେନାହିଁ । ବରଂ ସହଜରେ ବିଦେଶକୁ ପଳାନ୍ତି ଓ ଅୟସ କରନ୍ତି । ୨୦୨୩-୨୪ ସୁଦ୍ଧା ଅନାଦାୟ ଟିକସ ପରିମାଣ ୩୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ୧୦ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ରାଇଟ୍ ଅଫ୍ ପରିମାଣ ୧୬.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ମାତ୍ର ୧୬ ପ୍ରତିଶତ ଆଦାୟ ହୋଇଛି । ଯେଉଁମାନେ ଏତେ ମାତ୍ରାରେ ଟିକସ ଫାଙ୍କୁଛନ୍ତି ବା ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ସେମାନଙ୍କୁ କାହିଁକି ଦଣ୍ଡିତ କରାଯାଉନାହିଁ? ପୁନଶ୍ଚ ବିଶ୍ୱରେ ଅନେକ ଟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ରହିଛି, ଯେଉଁଠି ଟଙ୍କା ରଖିଲେ ଟିକସ ବହୁତ କମ୍ ପଡ଼େ ଏବଂ ନାମ ଲୁକ୍କାୟିତ ରୁହେ । ପାନାମା ପେପର୍ସ ଏବଂ 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି, ଭାରତୀୟମାନେ କିପରି କଳାଟଙ୍କା ଟିକସ ଭୂସ୍ୱର୍ଗରେ ରଖିଛନ୍ତି ଏବଂ ଟିକସ ଫାଙ୍କୁଛନ୍ତି । କର୍ପୋରେଟମାନେ ସେଠି ପଞ୍ଜୀକୃତ ହୋଇ ଟିକସ ମଧ୍ୟ ଫାଙ୍କୁଛନ୍ତି । କଳାଟଙ୍କା ଆମ ଦେଶରୁ ଯାଇ ବିଭିନ୍ନ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଆମ ଦେଶକୁ ଏଫ୍ ବା ଷ୍ଟକ୍ ମାର୍କେଟରେ ବିଦେଶୀ ଆନୁଷ୍ଠାନିକ ନିବେଶକ ଭାବେ ଆସୁଛନ୍ତି । ଏହାଦ୍ୱାରା କଳାଟଙ୍କା ଧଳା ହେଉଛି । ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମ୍‌ର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁ ଅର୍ଜନ କରି ନ ଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ । ଏଣୁ ଦୁର୍ନୀତି ବିଲୋପ ପାଇଁ ଉପର ସ୍ତରରୁ ପ୍ରକ୍ରିୟା ଆରମ୍ଭ ହେବା ଉଚିତ ।

ମୋ:୯୪୩୭୨୦୮୭୬୨

# ଭେନେଜୁଏଲାର ଲୌହ ମାନବୀ

ବ୍ୟକ୍ତିତ୍ୱ



ମାରିଆ କୋରିନା ମାଚାଡୋ

'ଶାନ୍ତି କ୍ଷମତା କିମ୍ବା ପ୍ରଚାର ମାଧ୍ୟମରେ ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଜରିଆରେ ଅର୍ଜନ କରାଯାଏ' । ନରୱେଜିଆନ୍ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା କରିବା ଅବସରରେ ଉପରଲିଖିତ ମନ୍ତବ୍ୟ ବାଢ଼ି ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଦେଖାଦେଇଥିବା ଅନେକ ଯୁଦ୍ଧକୁ ରୋକିଥିବା ଦାବି କରି ଆସୁଥିବାରୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି କହିଆସୁଥିଲେ । ୧୦ ଅକ୍ଟୋବରରେ ମାରିଆଙ୍କ ନାମ ଘୋଷଣା ପରେ ଭେନେଜୁଏଲାର ଏକଚ୍ଛତ୍ରବାଦୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ଏହି ଲୌହ ମାନବୀ ୩୩୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଏକମାତ୍ର ତାରକା ହେବାର ଗୌରବ ଅର୍ଜନ କରିଛନ୍ତି । ଆଲୋଚନାର ବିଷୟ ଏହା ପାଲଟିଛି ଯେ, ମାରିଆଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ଘୋଷଣା ହେବା ପରେ ସେ ଟ୍ରମ୍ପ୍, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ, ଗଣତନ୍ତ୍ର ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି । ଯନ୍ତ୍ରଣା ଭୋଗୁଥିବା ଭେନେଜୁଏଲାବାସୀଙ୍କ ସହ ଟ୍ରମ୍ପ୍ ତାଙ୍କୁ ସମର୍ଥନ ଦେଇଥିବାରୁ ମାରିଆ ଏହି ପୁରସ୍କାରକୁ ସେମାନଙ୍କ ସକାଶେ ଉତ୍ସର୍ଗ କରିଛନ୍ତି । ଏଠି ମଧ୍ୟ ମାରିଆଙ୍କ ମହାନତାର ପରିଚୟ ମିଳିଛି ।

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ମାରିଆ ୧୯୬୭ ମସିହାରେ କାରାକାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତା ଜଣେ ମନୋବିଜ୍ଞାନୀ ଥିବାବେଳେ ପିତା ଇସ୍ପାତ ବ୍ୟବସାୟୀ । ସେ ଇଞ୍ଜିନିୟରିଂ ଓ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ କିଛି ସମୟ ପାରିବାରିକ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ । କିନ୍ତୁ ସାମାଜିକ ନେତୃତ୍ୱ ନେବା ପାଇଁ ତାଙ୍କ ମନ ଟାଣିବାରୁ ପ୍ରାରମ୍ଭିକ ଅବସ୍ଥାରେ ୧୯୯୨ରେ ସେ 'ଆଟେନିଆ ଫାଉଣ୍ଡେଶନ' ଗଢ଼ି ରାଜଧାନୀ କାରାକାସ୍‌ର ଦୁଃଖୀରଙ୍କୀଙ୍କୁ ସହାୟତା ଯୋଗାଇଥିଲେ । ପରେ ୨୦୦୨ରେ 'ସୁମାଟେ' ନାମକ ଭୋଟର ଅଧିକାର ସଙ୍ଗଠନ ପ୍ରତିଷ୍ଠା କରିଥିଲେ । ଏହାରି ମାଧ୍ୟମରେ ପରବର୍ତ୍ତୀ ସମୟରେ ସେ ରାଜନୀତି ଆଡ଼କୁ ଢଳିଥିଲେ ଓ ୨୦୧୧ରେ ରେକର୍ଡ ସଂଖ୍ୟକ ଭୋଟ ପାଇ ଭେନେଜୁଏଲାର ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ସରକାରଙ୍କ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ୨୦୧୪ରେ ତାଙ୍କୁ ବହିଷ୍କାର କରାଯାଇଥିଲା । ମାରିଆ ଭେଣ୍ଟ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ ଅଛନ୍ତି । ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୨୦୨୩ରେ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ । କିନ୍ତୁ ରାଷ୍ଟ୍ରପତି ନିକୋଲାସ ମଦୁରୋ ଷଡ଼ଯନ୍ତ୍ର କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ତେଣୁ ମାରିଆ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ । ହେଲେ ଏକଚ୍ଛତ୍ରବାଦୀ ଶାସକଙ୍କ ଆଗରେ ଗଣତନ୍ତ୍ରର ଅର୍ଥ କିଛି ନ ଥାଏ । ଭୋଟରେ ବ୍ୟାପକ କାରସାଦି କରିବାରୁ ମଦୁରୋ ପୁଣି ରାଷ୍ଟ୍ରପତି ହୋଇଥିଲେ । ସୂଚନା ଦିଆଯାଇପାରେ ଯେ, ୧୯୯୦ ଦଶକ ଯାଏ ଭେନେଜୁଏଲା ଲାଟିନ୍ ଆମେରିକାରରେ ସର୍ବାଧିକ ସମୟ ପାଇଁ ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଥିଲା । କିନ୍ତୁ ଏବେ ସେହି ଭୂଖଣ୍ଡରେ ଭେନେଜୁଏଲା ଏକଚ୍ଛତ୍ରବାଦୀ ଶାସକଙ୍କ କବଳକୁ ଚାଲିଯାଇଛି । ହୁଗୋ ଚାଭେଜ ଗଣତନ୍ତ୍ରକୁ ମୋଡ଼ିମକଚି ଏକଚ୍ଛତ୍ରବାଦର ଧ୍ୱଜା ଉଡ଼ାଇଲା ପରେ ତାଙ୍କ ପଥ ଅନୁସରଣ କରିଚାଲିଛନ୍ତି ନିକୋଲାସ ମଦୁରୋ । ଏଭଳି ପରିପ୍ରେକ୍ଷୀରେ ଦେଶରେ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା କରିବା ଲାଗି ମାରିଆ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଛନ୍ତି ।

ମାରିଆଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଜଣେ ଦୃଢ଼ମନା, ନୀତିବାନ୍ ଓ ନ୍ୟାୟ ପାଇଁ ଲଢୁଥିବା ମହୀୟସୀ ମହିଳା ପାଲଟିଯାଇଛନ୍ତି । ଏକଚ୍ଛତ୍ରବାଦ ବିରୋଧରେ ସେ ଯେଉଁଭଳି ଭାବେ ଲଢ଼ିଚାଲିଛନ୍ତି, ତାଙ୍କୁ ସମର୍ଥକମାନେ ଦେଶର 'ଆଇରନ୍ ଲେଡି' ଭାବେ ଆଖ୍ୟା ଦେଇଛନ୍ତି । ଏପରି କି ତାଙ୍କୁ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ସହ ତୁଳନା କରାଯାଉଛି । ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ 'ଟାଇମ୍ସ ୨୦୨୫'ର ସବୁଠାରୁ ପ୍ରଭାବଶାଳୀ ୧୦୦ ତାଲିକାରେ 'ଦୃଢ଼ତା, ଅଦମ୍ୟ ସାହସୀ ଓ ଦେଶପ୍ରେମର ପ୍ରତୀକ' ଭାବେ ଅଭିହିତ କରିଛନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମାରିଆ କରୁଥିବା ଉଦ୍ୟମକୁ ଉଚ୍ଚପ୍ରଶଂସା କରିଛନ୍ତି । ମାରିଆଙ୍କୁ ଦେଖିଲେ ମ୍ୟାନ୍‌ମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ବ୍ୟକ୍ତିତ୍ୱ ଆଖିଆଗକୁ ଆସିଥାଏ । ସୁ ଚୀ ମଧ୍ୟ ତାଙ୍କ ଦେଶରେ ଗଣତନ୍ତ୍ରକୁ ଏକପ୍ରକାର ସଫଳ କରିଆଣିଥିଲେ । ହେଲେ ଏକଚ୍ଛତ୍ରବାଦୀମାନେ ପୁନଶ୍ଚ ଲେଉଟି ପଡ଼ିଲେ । ତେବେ ସୁ ଚୀଙ୍କ ସଂଘର୍ଷ ତାଙ୍କୁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦେଇଥିଲା । ଭେନେଜୁଏଲା ତୈଳ ଭଣ୍ଡାରରେ ଭରପୂର ଏକ ଦେଶ, ଯାହାର ସୁଦୃଢ଼ ଅର୍ଥନୀତିକୁ ଏକଚ୍ଛତ୍ରବାଦୀ ଓ ତାଙ୍କ ସମର୍ଥକମାନେ କୋରି ଖାଇଚାଲିଛନ୍ତି । ମାରିଆଙ୍କ ଆଶା ରହିଛି ଦେଶକୁ ଗଣତନ୍ତ୍ର ଫେରିଆସିଲେ ସେଠାକାର ଜନସାଧାରଣ ତାହାର ସୁଫଳ ପାଇପାରିବେ । ଯେତେବେଳଯାଏ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ନ ହୋଇଛି ସେବେ ଯାଏ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ମାରିଆ କହିଛନ୍ତି ।

ବ୍ୟକ୍ତିଗତ ଜୀବନ ଦେଖିଲେ ମାରିଆ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି । ତାଙ୍କର ତିନି ସନ୍ତାନ । ନିଜ ଦେଶରେ ଜୀବନ ପ୍ରତି ବିପଦ ଥିବାରୁ ପିଲାମାନେ ବିଦେଶରେ ଅଛନ୍ତି । ମାରିଆ ମାଚାଡୋ ଜଣେ କ୍ୟାଥୋଲିକ୍ ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କାଶ୍ମୀରରେ ପୁରୁଣା ଚିନାର ଗଛଗୁଡ଼ିକର ସୁରକ୍ଷା ପାଇଁ ଏକ ଅଭିନବ ଉପାୟ ଆପଣାଇ ସେଠାକାର ବନ ବିଭାଗ ଗଛଗୁଡ଼ିକରେ କ୍ୟୁଆର୍ ଆଧାର ଟ୍ୟାଗ ଲଗାଇଛି । ବସନ୍ତଋତୁରେ ଏହି ଗଛର ସୌନ୍ଦର୍ଯ୍ୟ ଆକର୍ଷଣୀୟ । ଏହା ଭଲ ଛାଇ ଦେଇଥାଏ ଏବଂ ଏକ ପୂର୍ଣ୍ଣାଙ୍ଗ ଉଚ୍ଚତା ବିଶିଷ୍ଟ ଗଛ ଅର୍ଥାତ୍ ୩୦ମିଟର ଉଚ୍ଚ ଓ ୧୦ରୁ ୧୫ ମିଟର ଗୋଲେଇର ଗଣ୍ଡି ହେବା ଲାଗି ୧୫୦ ବର୍ଷ ଲାଗିଯାଏ । ଏହି ଗଛକୁ ସ୍ଥାନୀୟ ଅଞ୍ଚଳରେ ବୋଉନି ବୋଲି କୁହାଯାଏ, ଯାହା ସଂସ୍କୃତ ଶବ୍ଦ ଭଓ୍ୱାନି(ଦେବୀ)ରୁ ଆସିଛି । ଉଲ୍ଲେଖନୀୟ ଯେ, କଶ୍ମୀରୀରେ ମୋଗଲ ଓ ଡୋଗ୍ରା ରାଜତ୍ୱ ସମୟରେ ଏହି ସବୁ ଗଛ ଲଗାଯାଇଥିଲା । କୁହାଯାଏ, ଆକବର ମଧ୍ୟ ୧୨୦୦ ଚିନାର ଗଛ ଲଗାଇଥିଲେ । ହେଲେ ଏହାକୁ କାଟିବା ଯୋଗୁ ଗଛ ସଂଖ୍ୟା ଆଶାତୀତ ଭାବେ କମିଯାଇଛି । ୧୯୭୦ ମସିହା ସୁଦ୍ଧା ମୋଟ ଗଛ ସଂଖ୍ୟା ୪୨,୦୦୦ ଥିବାବେଳେ ଏବେ ତାହା ୧୭,୦୦୦ରୁ ୩୪,୦୦୦ ମଧ୍ୟରେ ରହିଛି । ତେବେ ବନ ବିଭାଗ ପାଖାପାଖି ୧୦,୦୦୦ ଗଛରେ କ୍ୟୁଆର୍ ଆଧାର ଲଗାଯିବା ପରେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହୋଇଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୬

- ଲେବାନନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମିତ୍ତ ସିରିୟା, ଲେବାନନ ଓ ପାଲେଷ୍ଟାଇନ ପ୍ରତିନିଧିମାନେ ଏକ ନୂତନ ଉଦ୍ୟମର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ।
- ଭାରତ ଓ ମୋଜାମ୍ବିକ ମଧ୍ୟରେ ଏକ ଅର୍ଥନୈତିକ, ବୈଷୟିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ ।
- ବିହାରର ଜନୈକ ଏମ୍.ଏଲ୍.ଏ. ଶ୍ରୀ ଭୋଲା ସିଂହ କମ୍ୟୁନିଷ୍ଟ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦେଇଛନ୍ତି ।

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | |
| | 6 | | 9 | | | 7 | 3 | |
| | | | | | 5 | | | 4 |
| | | | 5 | | | | 8 | |
| | | 2 | | 4 | 1 | | | 3 |
| | | 8 | | | | | 7 | |
| | 5 | | 3 | | | | | 8 |
| | 4 | | | 6 | | | | |
| | 3 | 9 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 4 | 8 | 6 | 1 | 9 | 2 |
| 9 | 4 | 8 | 3 | 1 | 2 | 5 | 6 | 7 |
| 1 | 6 | 2 | 9 | 7 | 5 | 4 | 8 | 3 |
| 5 | 3 | 1 | 6 | 4 | 9 | 2 | 7 | 8 |
| 4 | 7 | 9 | 8 | 2 | 3 | 6 | 5 | 1 |
| 8 | 2 | 6 | 7 | 5 | 1 | 3 | 4 | 9 |
| 6 | 8 | 5 | 2 | 3 | 7 | 9 | 1 | 4 |
| 2 | 1 | 4 | 5 | 9 | 8 | 7 | 3 | 6 |
| 3 | 9 | 7 | 1 | 6 | 4 | 8 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କେବଳ ଦୁର୍ଗାପୂଜା କାହିଁକି

ମହାଶୟ,

ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । ଓଡ଼ିଶାର ସର୍ବମୋଟ ଏକ ହଜାର ପଞ୍ଚାଅଶୀ ଗୋଟି ଦୁର୍ଗା ମେଢ଼କୁ କ, ଖ, ଓ ଗ ଶ୍ରେଣୀରେ ବିଭକ୍ତ କରି ଯଥାକ୍ରମେ ୧ ଲକ୍ଷ ୧ ହଜାର, ୭୫ହଜାର ଏବଂ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ । ଆମର କହିବାର କଥା କେବଳ ଦୁର୍ଗାମେଢ଼ କାହିଁକି ? ଓଡ଼ିଶାର ଜଟଣୀ ଗଣେଶ ପୂଜା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ତଥା ଭଦ୍ରକ କାଳୀ ପୂଜା ଭାରତ ପ୍ରସିଦ୍ଧ । ଏହି ସବୁ ପୂଜା ଅନୁଷ୍ଠାନରୁ ଅନେକ ହୁଏତ ୧୦୦ ବର୍ଷ ପୂରଣ କରିସାରିଥିବେ । ସରକାର ଦୁର୍ଗାପୂଜା ବା ଦୁର୍ଗାମେଢ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଉପରୋକ୍ତ ପୂଜାଗୁଡ଼ିକୁ ଦିଅନ୍ତୁ । ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ।

– ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଳିଙ୍ଗା ଘାଟିରେ ବର୍ଷା, ଧୋଇଗଲା ନିର୍ମାଣାଧୀନ କଂକ୍ରିଟ

ଜି.ଉଦୟଗିରି, ୧୧।୧୦(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଭୂସ୍ଖଳନ ଯୋଗୁ ଦୀର୍ଘ ୨୬ ଦିନ ହେଲାଣି କଳିଙ୍ଗା ଘାଟି ଦେଇ ଯାଇଥିବା ୧୫୭ ନଂ. ଜାତୀୟ ରାଜପଥରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଗତ ମାସ ୧୬ ତାରିଖରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଯୋଗୁ ୫୦ ମିଟର ରାସ୍ତା ଭାସିଯାଇ ବିରାଟ ଖାଲ ସୃଷ୍ଟି ହୋଇଥିଲା। ୧୭ ତାରିଖ ଠାରୁ ଜାତୀୟ ରାଜପଥ ବିଭାଗ ଦ୍ୱାରା ଏକ ବେସରକାରୀ ଠିକା ସଂସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଏକ ଅସ୍ଥାୟୀ


ଧୋଇ ଯାଇଥିବା ନିର୍ମାଣାଧୀନ କଂକ୍ରିଟ ।

ରାସ୍ତା ନିର୍ମାଣ କରୁଥିବା ବେଳେ ପ୍ରତିଦିନ କଳିଙ୍ଗା ଘାଟିରେ ବର୍ଷା ହେବା ଫଳରେ ପାହାଡ଼ରୁ ଆସୁଥିବା ପାଣିର ପ୍ରଖର ସ୍ରୋତରେ ଯାହା କାମ ହେଉଛି ପୁଣି ଭାସି ଯାଉଛି। ଯାହା ଫଳରେ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ଗୁରୁବାରଠାରୁ ଶେଷ ପର୍ଯ୍ୟାୟ କଂକ୍ରିଟ କାମ ଚାଲିଥିବା ବେଳେ ଶନିବାର ପ୍ରବଳ ବର୍ଷା ଯୋଗୁ ସେହିଦିନ ପଡ଼ିଥିବା କଂକ୍ରିଟ ପାହାଡ଼ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିବା ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ। ଅସ୍ଥାୟୀ ରାସ୍ତା ନିର୍ମାଣ କାମ ସାରି ଜରୁରୀକାଳୀନ ସେବା ନିମନ୍ତେ ଯାତାୟତ ସମ୍ଭବ କରିବା ପାଇଁ ଯେତେ ଚେଷ୍ଟା କରାଯାଉଛି ତା ଠାରୁ ଅଧିକା ପ୍ରକୃତି ଦାଉ ସାଧୁଛି ବୋଲି ଅଧିକାରୀ କହିଛନ୍ତି। ତଥାପି ରବିବାର ସକାଳୁ ଜଣାପଡ଼ିବ କେତେ କ୍ଷୟକ୍ଷତି ହୋଇଛି ଓ କେତେ ମାତ୍ରାରେ ରାସ୍ତାରେ ଢ଼ଳେଇ ହୋଇଥିବା କଂକ୍ରିଟ ଭାସି ଯାଇଛି। ରବିବାର ଠାରୁ ନିର୍ମାଣ କାମ ଆହୁରି ତ୍ୱରାନ୍ୱିତ କରାଯିବ ଯେତେ ଶୀଘ୍ର ହୋଇପାରିବ ରାସ୍ତା ନିର୍ମାଣ କାମ ସାରି ଯାତାୟତ ସମ୍ଭବ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡି ଜଣେ ମୃତ

ହିଞ୍ଜିଳିକାଟୁ, ୧୧।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ପୋଡିଙ୍ଗି ଗ୍ରାମରେ ଶନିବାର ପୋଖରୀରେ ବୁଡି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରହ୍ଲାଦ ପାଢ଼ୀ (୫୨) । ଶନିବାର ସକାଳେ ପ୍ରହ୍ଲାଦ ଚାଷଜମିରୁ ଫେରି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଥିଲେ। ପରେ ତାଙ୍କ ଶରୀର ପୋଖରୀ ପାଣିରେ ଭାସୁଥିବା ଦେଖିଥିଲେ । ଖବରପାଇ ହିଞ୍ଜିଳିକାଟୁ ଅଗ୍ନିଶମବାହିନୀ ପୋଖରୀରୁ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର, ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୨୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନା ପଠାଯାଇଛି।

## ସାବୁଲିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ରମ୍ଭା, ୧୧।୧୦(ବନବାସୀ ସେଠୀ)

ସାବୁଲିଆ କ୍ଲଷ୍ଟର୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଲାଗଣ୍ଡାପଲ୍ଲୀ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ୧୩ ଶିକ୍ଷାନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମଞ୍ଚାସିନ ବ୍ୟକ୍ତିମାନେ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରଧାନ ଶିକ୍ଷକ ସଚ୍ଚିତାନନ୍ଦ ବେହେରା ମନ୍ତ୍ର ପାଠ କରିଥିଲେ। ସାମୂହିକ କାର୍ଯ୍ୟକ୍ରମକୁ ଆଲପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ଦଳବେହେରା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡେପୁଟି ସେକ୍ରେଟାରୀ ବିଏସଇ ଓଡିଶା ଭୀମସେନ ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସିଆରସିସି କନକା କୃଷ୍ଣ ଚନ୍ଦ୍ର ବେହେରା, ଏବିଇଓ ସୁଶାନ୍ତ ନାୟକ, ସିଆରସିସି ରବୀନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ଶଶଧର ବେହେରା, କିଶୋର ଚନ୍ଦ୍ର ଘାସୀ, ନରେଶ ପାଲ ପ୍ରମୁଖ ମଞ୍ଚାସିନ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗିମାନେ ଚଳିତ ମାସ ୧୪ତାରିଖରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସ୍ତରୀକୃତ ହୋଇଛି।

# ପାଣି ପାଇଁ ହାଣ୍ଡି ମାଠିଆ ରଖି ରାସ୍ତାରୋକୋ

ହିଞ୍ଜିଳିକାଟୁ ୧୧।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବୁରୁପଡା ଗ୍ରାମରେ ପାନୀୟ ଜଳ ଯୋଗାଣରେ ସମସ୍ୟା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦରେ ଅସନ୍ତୁଷ୍ଟ ଲୋକେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରି ହିଞ୍ଜିଳି – ଶେରଗଡ ମୁଖ୍ୟ ରାସ୍ତାକୁ କାଳୀ ମନ୍ଦିର ଛକ ନିକଟରେ ହାଣ୍ଡିମାଠିଆ ରଖି ଅବରୋଧ କରିଥିଲେ । ପୂର୍ବାହ୍ନ ୭ଟାରୁ ୧୧ ଘଣ୍ଟ ପର୍ଯ୍ୟନ୍ତ ମହିଳା ଓ ପୁରୁଷମାନେ ,ହି ଆନ୍ଦୋଳନ ଚଳାଇଥିଲେ। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ବୁରୁପୋଡା ଗାଁ କାଳୀ ମନ୍ଦିର ସାହି ଓ ନିକଟସ୍ଥ ୩ଟି ସାହିକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ହୋଇ


ପାନୀୟ ଜଳ ଯୋଗାଣ ପାଇଁ ଉତ୍ତ୍ୟକ୍ତ ଲୋକେ କରିଥିବା ରାସ୍ତାରୋକୋ।

ଆସୁଥିଲା। ଏବେ ଦୀର୍ଘ ଦିନ ଧରି ଜଳ ଯୋଗାଣରେ ସମସ୍ୟା ଦେଖିବାକୁ ମିଳିଛି। ଠିକ୍ ରୂପେ ଜଳ ଯୋଗାଣ ହେଉ ନ ଥିବାରୁ ଅଞ୍ଚଳବାସୀ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନିକଟସ୍ଥ ଅଞ୍ଚଳକୁ ବାଦ ଦେଇ ଦୂରରେ ବୋରିଂ ଜଳଯୋଗାଣ ବ୍ୟବସ୍ଥା ଅଛି। ସେଠାରେ ପାଣି ଟାଙ୍କି ଅଛି ହେଲେ ସଂଯୋଗ ମିଳି ନ ଥିବାରୁ ଟ୍ୟାପରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଲାଇନରେ ପାଇପ ଯୋଗେ ହେଉଥିବା ଜଳ ଯୋଗାଣ ହେଉଥିଲା ସେ ଲାଇନଟି ଖରାପ ହୋଇଯାଇଥିବାରୁ ଲୋକଙ୍କୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ଟ୍ୟାଙ୍କର ଦ୍ୱାରା ଲୋକଙ୍କୁ ଜଳ ଯୋଗାଣ କରାଯିବ। ପରେ ଘୋଡାହାଡ ନଦୀରୁ ସାହି ନିକଟସ୍ଥ ପାଣି ଟାଙ୍କିକୁ ପାଇପ ଲାଇନ ପ୍ରକଳ୍ପ ମଞ୍ଜୁର ପାଇଁ ପ୍ରସ୍ତାବ ପଠାଯିବ। ଏହା ଅନୁମୋଦନ ହୋଇ ଆସିବା ପରେ ପାଇପ ଯୋଗେ ନିୟମିତ ଜଳ ଯୋଗାଣ ହେବ ବୋଲି ବିଭାଗ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପଦରସାହି ଗସ୍ତ

ଫୁଲବାଣୀ, ୧୧।୧୦ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଶନିବାର ଫୁଲବାଣୀ ବ୍ଲକ୍ ଗଞ୍ଜୁଗୁଡ଼ା ପଞ୍ଚାୟତ ବଇଡ଼ା ପଦର ସାହି ଗ୍ରାମକୁ ଗସ୍ତ କରିଛନ୍ତି। ଏହାସହ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ଯାତାୟାତର ସୁବିଧା ପାଇଁ କଚା ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଗ୍ରାମବାସୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଥମଥର ପାଇଁ ଗ୍ରାମକୁ ଜଣେ ଜିଲାସ୍ତରୀୟ ଅଧିକାରୀ ଗସ୍ତ


ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ଥାନୀୟ ଲୋକମାନଙ୍କ ସହିତ ଆଲେଚନା କରୁଛନ୍ତି।

କରିଥିବାରୁ ଗ୍ରାମବାସୀ ବେସ ଖୁସି ଅନୁଭବ କରିବା ସହ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ବିଭିନ୍ନ ଦାବି ଜଣାଇଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ମଧ କିଛି ଦାବି ଶ୍ରୀଘ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ଶନିବାର ସରକାରୀ ଛୁଟି ଦିବସ ହୋଇଥିଲେ ମଧ ମୁଖ୍ୟ ଉନ୍ନୟନ ଅଧିକାରୀ ଗ୍ରାମଗସ୍ତ କରି ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ପାଇଁ ତତ୍ପରତା ପ୍ରକାଶ କରିଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ କିଛି ରାସ୍ତା ମୋଟର ସାଇକେଲରେ ଯାଇଥିଲେ।

## କନ୍ୟା ସନ୍ତାନ ଦିବସ ପାଳିତ

ରାମଗିରି, ୧୧।୧୦(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପଞ୍ଚାୟତଠାରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଗଣିଆ ଉନ୍ନୟନ କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାମଗିରି ସରପଞ୍ଚ ସସ୍ମିତା କାର୍ଜିଙ୍କ ସହ ସମସ୍ତ ୱାର୍ଡ ମେମ୍ବର, ଏଡବ୍ଲୁଡବ୍ଲୁ କର୍ମୀମାନେ ଉପସ୍ଥିତ ଥିଲେ। ଗ୍ରାମର ବହୁ ମହିଳା ଓ ଯୁବତୀ ଉପସ୍ଥିତ ରହି ଶପଥ ପାଠ କରଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ସେମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଗଣିଆ ଉନ୍ନୟନ କମିଟିର କର୍ମୀ ନିର୍ମଳା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମମତା ପଣ୍ଡାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ମୋହନା ଅଞ୍ଚଳରେ ଘନ କୁହୁଡ଼ି

ମୋହନା, ୧୧।୧୦(ମନ୍ମଥ ମିଶ୍ର)

ଗଜପତି ଜଲା ମୋହନା ଅଞ୍ଚଳରେ ହାଲୁକା ଶୀତ ଅନୁଭୂତ ହେଉଛି। ଏଥିସହ ଘନ କୁହୁଡି ଦେଖିବାକୁ ମିଳୁଛି। ଦ୍ୱିତୀୟ ଦାରିଙ୍ଗିବାଡି କୁହାଯାଉଥିବା ମୋହନାକୁ ଦାରିଙ୍ଗିବାଡି ଅତି ନିକଟ ହୋଇଥିବାରୁ ଏଠାରେ ଅଧିକ ଶୀତ ଲହରୀ ଦେଖାଦିଏ। ସକାଳୁ ହାଲୁକା ଶୀତର ମଜାନେବା ପାଇଁ ଚା ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। କିଛିଦିନ ହେବ ଗଜପତି ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିଲା। ଏଥିଯୋଗୁ ନଂ. ୩୨୬ ଜାତୀୟ ରାଜପଥର କେତେକ ସ୍ଥାନରେ ରାସ୍ତା ଧୋଇହୋଇ ଯାଇଛି। ଫଳରେ ଗୋଟିଏ ପଟେ ରାସ୍ତା ଧୋଇ ହୋଇଯିବା ଅନ୍ୟ ପକ୍ଷରେ ଘନ କୁହୁଡିଯୋଗୁ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହେଉଛି।

# ୨୦ ହଜାର ଦସ୍ତଖତ ସଂଗ୍ରହ, ବହୁ ବିଜେଡ଼ି କର୍ମୀ ମିଶିଲେ

### କଂଗ୍ରେସର ଭୋଟ ଚୋରି ପ୍ରତିବାଦ

ଫୁଲବାଣୀ, ୧୧।୧୦ (ରାକେଶ କୁମାର ରାଉତ)

ଭାଜପା ଭୋଟ ଚୋରି କରି ନିର୍ବାଚନ ଜିତିଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ସାରା ଦେଶରେ ପ୍ରତିବାଦ କରାଯାଉଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲା କଂଗ୍ରେସ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଜିଲା କଂଗ୍ରେସ ପକ୍ଷରୁ ଶନିବାର ସୁଦ୍ଧା ୨୦ ହଜାର ଦସ୍ତଖତ ସଂଗ୍ରହ ହୋଇଥିବା ବେଳେ ସମୁଦାୟ ୫୦ ହଜାର ଦସ୍ତଖତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜିଲାର ୧୭୧ ପଞ୍ଚାୟତରେ ୨୧୦ଟି ୟୁନିଟ ଗଠନ କରାଯାଇ ଦଳୀୟ କର୍ମୀମାନେ ଦସ୍ତଖତ ସଂଗ୍ରହ କରୁଛନ୍ତି ବୋଲି ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଚନ୍ଦ୍ର ଶେଖର ପରିଡା ସୂଚନା ଦେଇଛନ୍ତି।




ଭୋଟଚୋରି ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ସଂଗୃହିତ ଦସ୍ତଖତ ରାଜ୍ୟ କଂଗ୍ରେସ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ। ଏହାସହ ପିସିସି ପର୍ଯ୍ୟବେକ୍ଷକ ହୁସେନ ଖାନ କହିଛନ୍ତି ସମ୍ବିଧାନ ଓ ଗଣତନ୍ତ୍ରକୁ ବଞ୍ଚାଇବାକୁ ହେଲେ ଭୋଟଚୋରିକୁ ରୋକିବାକୁ ପଡିବ। ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଦେବେନ୍ଦ୍ର କହଁର, ସଂଯୁକ୍ତା କହଁର, ବରିଷ୍ଠ ନେତା ହେମନ୍ତ କର, ବସନ୍ତ ପାଢ଼ୀ, ରଜତ ମହାନ୍ତି, ବ୍ଲକ୍ ଅଧକ୍ଷ, ଜିଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ବିଜେଡ଼ିର ଅନେକ କର୍ମକର୍ତ୍ତା ଓ ସଦସ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ବିଜେଡି ଯୁବନେତା ଅଭିଷେକ ନାୟକ, ସଂଖ୍ୟାଲଘୁ ସେଲର ରଞ୍ଜୟ ନାୟକ, ପୂର୍ବତନ ସମିତି ସଭ୍ୟ ଗୋପାଳ ନାୟକ, ସୋସିଆଲ ମିଡିଆ ସେଲର ରାଜବାଳା ସିଂ, ରଗିଙ୍ଗିଆର ପୂର୍ବତନ ସରପଞ୍ଚ ପାଉଲ ପ୍ରଧାନ, କଟିଙ୍ଗିଆର ପୂର୍ବତନ ସରପଞ୍ଚ ଇସାକ ପ୍ରଧାନ ପ୍ରମୁଖ ଶତାଧିକ ସମର୍ଥକଙ୍କ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଅନ୍ୟ ଦଳମାନଙ୍କରୁ ବହୁ ନେତା ଓ କର୍ମୀ କଂଗ୍ରେସରେ ସାମିଲ ହେବେ ବୋଲି ଜିଲା ସଭାପତି କରିଛନ୍ତି।

# ଆଞ୍ଜାସ୍ଥଳୀ ପାଲଟିଛି ମିନି ଷ୍ଟାଡିୟମ ବ୍ୟାୟାମ କେନ୍ଦ୍ର

### ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ବ୍ୟାୟାମ ସାମଗ୍ରୀ

ଗଞ୍ଜାମ, ୧୧।୧୦ (ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ବ୍ୟାୟାମ କେନ୍ଦ୍ର କେତେ ଜଣ ଯୁବକ ଓ ଅନ୍ୟମାନଙ୍କ ଆଞ୍ଜାସ୍ଥଳୀ ପାଲଟିଛି। ତତ୍କାଳୀନ ସରକାରଙ୍କ ସମୟରେ ଏଠାରେ ବିଭିନ୍ନ ବ୍ୟାୟାମ ସାମଗ୍ରୀ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସକାଳ ହେଲେ ଗଞ୍ଜେଇ ସେବନକାରୀଙ୍କ ଏବଂ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଭିଡ଼ ଜମୁଛି। ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୂରଦୃଷ୍ଟି ଅଭାବରୁ ତାହା ଠିକ ଭାବେ ରକ୍ଷଣବେକ୍ଷଣ କରାଯାଉନାହିଁ। ଫଳରେ ଲକ୍ଷାଧିକ ଟଙ୍କା ମୂଲ୍ୟର ବ୍ୟାୟାମ ସାମଗ୍ରୀ ଭାଙ୍ଗିରୁଜି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସହରବାସୀ। ଏଠାରେ ଚାଲିଥିବା ଆଞ୍ଜାକୁ ପୋଲିସ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍‌ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ"।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD) ସମ୍ବଲପୁର
PR-676/Q/25-26

# ଗଞ୍ଜେଇ ବୋଝେଇ ଅଟୋ ଜବତ, ୨ ଗିରଫ

ଦିଗପହଣ୍ଡି, ୧୧।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ପୋଲିସ ଶନିବାର ଦିଗପହଣ୍ଡି–ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥ ପୋଡ଼ାମାରି ପୋଲିସ ଚେକ୍ ଗେଟ୍ ନିକଟରେ ଗାଡ଼ି ଚେକିଂ କରୁଥିଲେ। ଗଜପତି ଜିଲାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ଯାତ୍ରୀବାହି ଅଟୋ (ଓଡ଼ି୦୭ ଏପି ୧୯୦୯)କୁ ଏସ୍‌ଆଇ ଶୁଭଲକ୍ଷ୍ମୀ କହଁର ଅଟକାଇ ଖାନ ତଲାସ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏନେଇ ସେ ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦିଲ୍ଲୀପ କୁମାର ଜେନାଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯିବା ସହ ଓଜନ କରିବାରୁ ତାହା ୪୨ କେଜି ୪ ଶହ ଗ୍ରାମ ହୋଇଥିଲା। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଗଜପତି ଜିଲା ମୋହନା ଥାନା ବୁରୁଡ଼ିଅ ଗ୍ରାମରେ ରହୁଥିବା ବାରିଆବନ୍ଧ ଗ୍ରାମର ଜିଶୟ ଶବର ଏବଂ ବାରିଆବନ୍ଧ ଗ୍ରାମର ଅରୁଣ ଗୌଡ଼ଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରିବା ପରେ ଉକ୍ତ ଗଞ୍ଜେଇକୁ ବିକ୍ରି କରିବା ପାଇଁ ବ୍ରହ୍ମପୁର ଷ୍ଟେଶନ୍ ଅଭିମୁଖେ ସେମାନେ ଯାଉଥିବା ସ୍ୱୀକାର କରିଥିଲେ। ଏନେଇ ଏସଆଇଙ୍କ ଏତଲା କ୍ରମେ କେଶ୍ ନଂ. ୪୬୩/୨୫ ଅନୁଯାୟୀ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି। ରବିବାର ବ୍ରହ୍ମପୁର ସ୍ଥିତ ଜିଲା ଜଜ କୋର୍ଟକୁ ଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି।

# ଯୁବ ରେଡ଼କ୍ରସ୍‌ର ନୂତନ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ

ବେଲଗୁଣ୍ଠା, ୧୧।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଯୁବ ରେଡକ୍ରସ୍‌ର ନୂତନ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼.ଗିରିଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଯୁବ ରେଡକ୍ରସ୍‌ର ପୂର୍ବତନ ସଂଯୋଜକ ବି. ଗୋବିନ୍ଦ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ନୂତନ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ରେଡକ୍ରସ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ସାମାଜିକ ସେବାରେ ନିଜକୁ ସାମିଲ କରିବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ.ଇଂ ରବି ନାରାୟଣ ପାତ୍ର ଯୋଗଦେଇ ସମାଜସେବାରେ ଯୁବ ରେଡ଼କ୍ରସ୍‌ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରେଡକ୍ରସ୍ ଉପଦେଷ୍ଟା ଡ.ସଂଜୀବ ଦାଶ ସଂଯୋଜନା କରିଥିଲେ। ସମସ୍ତ ଅଧାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

**GOVERNMENT OF ODISHA** No.O-865
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING
**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_07 of 2025-26 | 13.10.2025 at 11.00 AM | 24.10.2025 up to 05.30 PM | 23.10.2025 up to 3.00 P.M. | 27.10.2025 up to 11.00 A.M. |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
Rural Works Division-II, Malkangiri
OIPR-25079/11/0033/2526

**GOVERNMENT OF ODISHA** No.O-963
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**"e" Procurement Notice for Roads Works**
**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 15.10.2025 at 11 A.M. | 23.10.2025 at 5.00 P.M. | 22.10.2025 at 5.00 A.M. | 24.10.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division
Kuchinda
OIPR-25151/11/0029/2526

**GOVERNMENT OF ODISHA** No.O-951
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Building works**
**Bid Identification No. : EERWJYP - Online - 06/2025-26**
**Letter No. : 4452** **Date : 04.10.2025**
01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender - 06/ RWD-JYP/2025-26 | 05 Nos. | 13.10.2025 at 10.00 A.M. | 23.10.2025 upto 05.00 P.M. | 22.10.2025 at 1.30 P.M. | 24.10.2025 at 10.00 A.M. |

For details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd./- Executive Engineer
Rural Works Division, Jeypore
OIPR-25160/11/0024/2526

**OFFICE OF THE CHIEF CONSTRUCTION ENGINEER** No.O-942
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No.392 for 2025-26.**
**Letter No.4588/Date. 26.09.2025//**
1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

Sd./- Chief Construction Engineer,
R.W. Circle, Baripada
OIPR-25130/11/0058/2526

**GOVERNMENT OF ODISHA** No.O-920
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
Email : rw_balliguda@yahoo.com
**GEPNIC e-Procurement Notice**
**Bid Identification No. : EERWBLG - Online - 04/2025-26**
**No. : 3561 / Date : 25.09.2025**
01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Balliguda
OIPR-25150/11/0008/2526

## ୧୧୧ ମଦ ବୋତଲ ଜବତ, ଜଣେ ଗିରଫ

ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡରେ ଥିବା ନିରଞ୍ଜନ ବେହେରାଙ୍କ ପାନ ଦୋକାନରୁ ଶନିବାର ୧୧୧ଟି ବିଦେଶୀ ମଦ ବୋତଲ ଜବତ ହୋଇଛି। ଟିକିଟି ଅବକାରୀ ଇନ୍ସପେକ୍ଟର ସଞ୍ଜୟ ପଣ୍ଡା ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ନିରଞ୍ଜନ ତାଙ୍କ ପାନ ଦୋକାନରେ ବିଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଚଢାଉ କରିଥିଲେ। ସାକ୍ଷୀମାନଙ୍କ ଉପସ୍ଥିତିରେ ଇନ୍ସପେକ୍ଟର ଦୋକାନ ଭିତରେ ଥିବା ବିଦେଶୀ ମଦ ବୋତଲଗୁଡ଼ିକୁ ଜବତ କରି ଦୋକାନ ମାଲିକଙ୍କୁ ଗିରଫ କରିଥିଲେ। ନଂ.୪୯/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି।

## ସଂକ୍ଷେପରେ

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୧୧।୧୦(ଉମା ଚରଣ ନେପାକ) ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ କୋଳିହଳା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଶୁକ୍ରବାର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବାବୁଲା ବାଡତ୍ୟା (୫୦)। ବାବୁଲା ଗତ କିଛି ମାସ ଧରି ବେଙ୍ଗାଲୁରୁସ୍ଥିତ ଦେନାଳୀ ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର କମ୍ପାନୀରେ କାମ କରୁଥିବା ବେଳେ ହଠାତ ତଳେ ପଡିଯାଇଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବ ଗାଁରେ ପହଞ୍ଚିବ ବୋଲି ଜଣାପଡିଛି। ବାବୁଲାଙ୍କ ପରିବାର ଅତି ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ, କଣ୍ଡକ୍ଟର ମୃତ

ଖଜୁରିପଡ଼ା,୧୧।୧୦ (ବିଦୁର ବେହେରା) ଲାଞ୍ଜିଗଡ଼ରୁ କଟକ ଯାଉଥିବା ସରକାରୀ ବସ୍ ଗାଡ଼ିଆପଡା ଘାଟି ବୁଲାଣିରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କଣ୍ଡକ୍ଟର ସୌମ୍ୟରଞ୍ଜନ ଦାସ(୨୪)ଙ୍କ ମୃତ ହୋଇଥିବା ବେଳେ ବସ୍ ଚାଳକ ଗୁଟୁ ପ୍ରଧାନ (୩୫) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ୫ ଯାତ୍ରୀ ଗୁରୁତର, ୧୦ ଯାତ୍ରୀ ଆହତ। ଖବରା ପାଇଁ ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସମେତ ପୋଲିସ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ଡାକ୍ତର କଣ୍ଡକ୍ଟର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସୋମ୍ୟରଞ୍ଜନଙ୍କ ଘର ଢେଙ୍କାନାଳ ଜିଲା କନ୍ହେଇପାଳ ଗ୍ରାମର ବୋଲି ଜଣାପଡ଼ିଛି। ଶନିବାର ସୌମ୍ୟର ମାମୁଅଲେଖ ପ୍ରସାଦ ଦାସ ଥାନାରେ ଏତଲା ଦେଇଛନ୍ତି। ଏନେଇ ଥାନାରେ ୨୩୦/୨୫ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

### ଛାତ୍ର ମୃତ୍ୟୁ ଘଟଣା, ୩୦ ହଜାର ସହାୟତା ଦେଲେ ବିଡିଓ

ଦିଗପହଣ୍ଡି,୧୧।୧୦(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ମେନ୍ ରୋଡ଼ର ଯୁକ୍ତ ୩ ଛାତ୍ର ସୁଧାକର ମାଦଳାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର ମିଶ୍ର ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସୁଧାକରଙ୍କ ବାପା ବିଜୟ ମାଦଳାଙ୍କୁ ରେଡକ୍ରସ ପାଣ୍ଠିରୁ ଅନ୍ତେଷ୍ଟି କ୍ରିୟା ପାଇଁ ୩୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ବିଜୟଙ୍କ ଏକମାତ୍ର ପୁଅ ସୁଧାକର ବ୍ରହ୍ମପୁର ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବି- ଟେକ୍ ଇଞ୍ଜିନିୟରିଂ ପାଠ ପଢୁଥିଲେ। କୌଣସି କାରଣରୁ ସେଠାରେ ଅଧା ପାଠ ପଢି ଘରକୁ ଚାଲିଆସିଥିଲେ। ପରେ ସେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଯୁକ୍ତ ୩ ବିଜ୍ଞାନ ବିଭାଗରେ ନାମ ଲେଖାଇ ପଢୁଥିଲେ। କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଗୁରୁବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ବ୍ଲକସ୍ତରୀୟ ସାଇନ୍ସ ସେମିନାର

ବୁଗୁଡା,୧୧।୧୦(କାଳିଚରଣ ଦାଶ) ବୁଗୁଡ଼ା ପିପୁଲ୍ସ ହାଇସ୍କୁଲରେ ବ୍ଲକସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ କାଳୀଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଜୟରାମ ବିଷୋୟୀ ଓ ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉକ୍ତ ସେମିନାରର ଥିମ୍ କ୍ୱାଣ୍ଟମ୍ ଏଜ୍ ବିଗିନ୍ସ ପୋଟେନସିଆଲ୍ସ ଏଣ୍ଡ୍ ଚ୍ୟାଲେଞ୍ଜେସ୍ ରହିଥିଲା। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୪ ଜଣ ଛାତ୍ରୀଛାତ୍ର ପ୍ରତିଯୋଗି ଅଂଶ ଗ୍ରହଣ କରି କ୍ୱାଣ୍ଟମ୍ ଯୁଗାରମ୍ଭରେ ରହିଥିବା ସମ୍ଭାବନା ଓ ଆହ୍ୱାନ ସମ୍ପର୍କରେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।

# ଉଚ୍ଚକୋଟୀର ଥିଲା ଭଞ୍ଜ ସାହିତ୍ୟ

ଭଞ୍ଜନଗର,୧୧।୧୦(ବାବୁଲା ପ୍ରଧାନ)


ଅତିଥିମାନେ ଜଣେ ଯୁବକଙ୍କୁ ସମ୍ମାନିତ କରୁଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭା କକ୍ଷରେ ଶନିବାର ସମ୍ଭବ ସାହିତ୍ୟ ପରିବାର ଓ ଶ୍ରୀ ବିଘ୍ନରାଜ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭଞ୍ଜ ସାହିତ୍ୟ କୃତୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ଭବ ପତ୍ରିକା ଓ ଆକାଶ ଛାତିରେ ବର୍ଷାର ଛିଟା ଗଳ୍ପ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ଆମ ଭଞ୍ଜ ଆମ ଅସ୍ମିତା ଉପରେ ସେ କହିଥିଲେ, ଘୁମୁସର ମାଟିରେ ବିଶ୍ୱପ୍ରସିଦ୍ଧ କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ। ତାଙ୍କର ଲେଖା ବହୁ ଉଚ୍ଚକୋଟୀର। ଏଭଳି ଜଣେ ବିଶ୍ୱପ୍ରସିଦ୍ଧ କବିଙ୍କ କାବ୍ୟ, ଇତିହାସା ଉପଯୁକ୍ତ ପ୍ରଚାରପ୍ରସାର ବିଗତ ଦିନରେ ଅଭାବ ଥିଲା। ଏବେ ମୋ ପକ୍ଷରୁ ଘୁମୁସର ଇତିହାସ ଏବଂ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟର ପ୍ରଚାର ପ୍ରସାର ନେଇ ଉଦ୍ୟମ ଜାରି ରହିଛି। ଆଗାମୀ ଦିନରେ ଭଞ୍ଜ ସାହିତ୍ୟର ପ୍ରଚାର ପ୍ରସାର ଘୁମୁସରରୁ ଦିଲ୍ଲୀ ପର୍ଯ୍ୟନ୍ତ କରାଯିବ ବୋଲି ବିଧାୟକ ନାୟକ କହିଥିଲେ। ଅନୁଷ୍ଠାନର ସଭାପତି ଡ. ଶ୍ୟାମା ପ୍ରସାଦ ମିଶ୍ର ଉତ୍ସବରେ ଅଧକ୍ଷତା କରି କହିଥିଲେ ଆମ ଭଞ୍ଜ, ଆମ ଅସ୍ମିତା। ବିଶ୍ୱ ଭାରତୀ ଶାନ୍ତିନିକେତନର ସହକାରୀ ପ୍ରଫେସର ଡ ଶରତ କୁମାର ଜେନା, ଅବସରପ୍ରାପ୍ତ ପ୍ରଫେସର ଡ ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଡିଏଓ ହିମାଂଶୁ ଶେଖର ମହାନ୍ତି, ଝାଡ଼ଭୂମି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଭଞ୍ଜ ସାହିତ୍ୟ

**ଆମ ଭଞ୍ଜ ଆମ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର**

ଉପରେ ଆଲୋଚନା କରିଥିଲେ। କବି ରଞ୍ଜିତ ପ୍ରଧାନ ସଂଯୋଜନା କରିଥିଲେ। ରତ୍ନାକର ସିଅ ମଞ୍ଚ ପରିଚାଳନା କରିଥିଲେ। ସମ୍ଭବ ସାହିତ୍ୟ ପରିବାରର ସମ୍ପାଦିକା ଡ. ରୋଜାଲିନ ସେନାପତିଙ୍କ ଆବାହକତ୍ୱରେ ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ରାଜେଶ ପାତ୍ର ସଭାପତିତ୍ୱ କରିଥିଲେ। ଇ. ବିଜୟ ମିଶ୍ର ମୁଖ୍ୟ ଅତିଥି, ବଂଶୀଧର ସେଠୀ, ଡ. ଲକ୍ଷ୍ମୀ ନାରାୟଣ ଦାସ, ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ମିଶ୍ର, ପ୍ରଭାତି ମଞ୍ଜରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନେକ କବି ନିଜ କବିତା ପାଠ କରିଥିଲେ।

# କୃଷ୍ଣସାର ମୃଗ ଉଦ୍ଧାର


କୃଷ୍ଣସାର ମୃଗକୁ ଜଙ୍ଗଲରେ ଛଡାଯାଇଛି।

ଦିଗପହଣ୍ଡି/ସାନଖେମୁଣ୍ଡି,୧୧।୧୦

(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ): ସାନଖେମୁଣ୍ଡି ବ୍ଲକ ଡି.ଆମଠା ଗ୍ରାମରୁ ଶନିବାର ସକାଳେ ବନ କର୍ମଚାରୀମାନେ ଏକ କୃଷ୍ଣସାର ମୃଗ ଉଦ୍ଧାର କରିଛନ୍ତି। ମୃଗଟି ବାଟ ଭୁଲି ଗାଁ ମଧ୍ୟକୁ ଚାଲି ଆସି ଏଣେତେଣେ ଦୌଡିଥିଲା। କେତେଜଣ ଯୁବକ ମୃଗଟିକୁ କାବୁ କରି ଗାଁ କୋଠଘରେ ରଖି ପାଟପୁର ବନ ବିଭାଗ ସେକ୍ସନ କାର୍ଯ୍ୟାଳୟକୁ ଜଣାଇଥିଲେ। ଫରେଷ୍ଟର ସନ୍ତୋଷ କୁମାର ସାହୁ ସଦଳବଳେ ଗାଁରେ ପହଞ୍ଚି ମୃଗଟିକୁ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ମାଈ ମୃଗର ବୟସ ପ୍ରାୟ ୩ ବର୍ଷ ହେବ ବୋଲି କୁହାଯାଇଛି। ପାଟପୁର ପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାକୁ ନିକଟସ୍ଥ ରଉନେଇ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି। ଗତ କିଛିବର୍ଷ ହେଲା ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳରେ କୃଷ୍ଣସାର ମୃଗଙ୍କ ବଂଶ ବଢୁଛି। ଏମାନଙ୍କ ସୁରକ୍ଷା ନିମନ୍ତେ ବନବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ କହିଛନ୍ତି।

# ବର୍ଷାରେ ଧୋଇଗଲା ୩୦ ହଜାର କୋବି ଗଛ

ଦାରିଙ୍ଗବାଡ଼ି,୧୧।୧୦ (ଅରୁଣ ସାହୁ)

ଅନେକ ଆଶା ଥିଲା ଚାଷ କରି ଭଲ ଦୁଇ ପଇସା କମେଇବେ। ଏଥିପାଇଁ ନିଜ ଜମି ନ ଥାଇ ମଧ୍ୟ ଅନ୍ୟଜଣଙ୍କ ଜମିକୁ ଭଡ଼ାସୂତ୍ରରେ ଚାଷ କରିଥିଲେ। ହେଲେ ବର୍ଷା ସବୁ ସ୍ୱପ୍ନକୁ ଧୂଳିସାତ କରିଦେଲା। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ବାଡାବାଙ୍ଗା ପଞ୍ଚାୟତ ସିକକେଡା ଗ୍ରାମର ଶୈଳେନ୍ଦ୍ର ପ୍ରଧାନଙ୍କ କ୍ଷେତ୍ରରେ। ପ୍ରକାଶ ଯେ, ଶୈଳେନ୍ଦ୍ର ଜଣେ ଭଲ ଚାଷୀ ସେ ପ୍ରତିବର୍ଷ ବିଭିନ୍ନ ପନି ପରିବାର ଚାଷ କରନ୍ତି। ତାଙ୍କର ଏହି ପ୍ରଚେଷ୍ଟା ଦେଖି ଜମି ମାଲିକମାନେ ତାଙ୍କୁ ଜମି ଯୋଗାଇଦେଇଥାନ୍ତି। ଚଳିତ ବର୍ଷ ସେ ଗ୍ରାମର ପ୍ରତ୍ୟୁଷ ପ୍ରଧାନଙ୍କ ଜମିରେ ପ୍ରାୟ ୩୦ ହଜାର ଫୁଲ କୋବି ଚାଷ କରିବା ସହ ୨ କେଜି ବିନ ମଞ୍ଜି ରୋପଣ କରିଥିଲେ। ସବୁ ଫଳିବା ସମୟରେ ଲଘୁଚାପ ଜନିତ ବର୍ଷା ଫଳରେ


କ୍ଷତିଗ୍ରସ୍ତ ହୋଇଥିବା କୋବି ଫସଲ।

ଗଛ ସଢ଼ିଯିବା ପରେ ରୋଗପୋକ ସମ୍ପୂର୍ଣ୍ଣ ଫସଲ ନଷ୍ଟ କରିଦେଲେ। ଏବେ ସାହୁକାର ଋଣ ଏବଂ ଜମି ଭଡା ବାବଦକୁ କିଭଳି ସୁଝିବେ ସେନେଇ ଶୈଳେନ୍ଦ୍ର ଓ ତାଙ୍କ ପରିବାର ଚିନ୍ତାରେ ରହିଛନ୍ତି। ସେ ଏହି ଚାଷ ଅଗଷ୍ଟ ମାସରୁ ଆରମ୍ଭ କରି ପ୍ରାୟ ୪୦ହଜାର ଖର୍ଚ୍ଚ କରିଥିବା ବେଳେ କୌଣସି ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କରୁ ତାଙ୍କୁ ଟଙ୍କାଟିଏ ମଧ୍ୟ ଋଣ କି କୌଣସି ସହାୟତା ମିଳିନାହିଁ। ସେ ସାହୁକାରଙ୍କ ଠାରୁ ଋଣ ଆଣି ଚାଷ କରିଥିବା ବେଳେ ଗ୍ରାମ ବିକାଶ ଅନୁଷ୍ଠାନ ୧ କେଜି ବିନ ମଞ୍ଜି ବିହନ ଯୋଗାଇଦେଇଥିଲା। କୌଣସି ସହାୟତା ନ ଥାଇ ସେ ଏହି ଚାଷ କରି ଏବେ ବଡ଼ କ୍ଷତି ସହିଛନ୍ତି। ଏବେ ସେ ଋଣ ଶୁଝିବା ଚିନ୍ତାରେ ରହିଛନ୍ତି।

## ପୀତବାସ ପଣ୍ଡା ହତ୍ୟା ଘଟଣା ନିରପେକ୍ଷ ତଦନ୍ତ ଦାବିକଲେ ପୂର୍ବତନ ଜିଲା ପରିଷଦ ସଭ୍ୟ

ଗୋପାଳପୁର,୧୧।୧୦(ନବୀନ ରାଜ ଆଚାରୀ): ବରିଷ୍ଠ ଆଇନଜୀବୀ ତଥା ଭାଜପା ସଦସ୍ୟ ପୀତବାସ ପଣ୍ଡାଙ୍କୁ ହତ୍ୟା ଘଟଣାର ୫ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରାପଡି ନାହାନ୍ତି କି ହତ୍ୟାର କାରଣ ଜଣାପଡିନି। ପୋଲିସ ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି। ଏଭଳି ସ୍ଥିତିରେ ଭାଜପାର ପୂର୍ବତନ ୫୩ ନଂ ଜୋନ ଜିଲା ପରିଷଦ ସଭ୍ୟ ଏନ. ଡମ୍ବରୁ ରେଡ୍ଡୀ ଘଟଣାର ମୁକ୍ତ, ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଡାକ ଯୋଗେ ଚିଠି ଲେଖି ଅନୁରୋଧ କରିଥିବା ସୂଚନା ମିଳିଛି। ସେ ଉଲ୍ଲେଖ କରିଛନ୍ତି, ଗତ ୬ ତାରିଖର ହତ୍ୟା ଘଟଣା ଗଞ୍ଜାମ ଜିଲାକୁ ଦୋହଲାଇ ଦେଇଛି । ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି। ଏହି ଅପରାଧ ପଛର ଷଡ଼ଯନ୍ତ୍ରରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ବ୍ରହ୍ମପୁର ଜିଲା ପୋଲିସକୁ ଆନୁଷ୍ଠାନିକ ଭାବେ ଏହାର ଦାୟିତ୍ୱ ଦିଆଯାଉ। ପ୍ରକୃତ ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀମାନଙ୍କୁ ଖସିଯିବାକୁ ଦିଆଯିବା ଉଚିତ୍ ନୁହେଁ। ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାନଯାଉ ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ ରେଡ୍ଡୀ ଚିଠିରେ ଦର୍ଶାଇଛନ୍ତି।

# ଗୁମ୍ମା ବ୍ଲକ କ୍ଷୟକ୍ଷତି ଦେଖିଲେ ବିଧାୟକ

ଗୁମ୍ମା,୧୧।୧୦(ପ୍ରବୀଣ କୁମାର ଲିମା) ଗଜପତି ଜିଲା ଗୁମ୍ମା ବ୍ଲକ ଗତ ୨ତାରିଖ ଲଗାଣ ବର୍ଷାରେ ଅନେକ ଗ୍ରାମରେ କ୍ଷୟକ୍ଷତି ହୋଇଛି। ତରଭା ପଞ୍ଚାୟତ ଆଶ୍ରୟାଗଡ଼ର ଏକ ପୋଲ ପାଣିରେ ଧସିଯାଇଥିବା ବେଳେ ସୁକେଇ ଗ୍ରାମରେ ଧାନ ମେଶିନ ପାଣିରେ ଭାସିଯାଇଛି। ସେହିପରି ମାଡାଉଲ ଗ୍ରାମର ଅନେକ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ଗୁମା, ଗାଇବା ରାସ୍ତା ପାଣିରେ ଧୋଇ ହୋଇଯାଇଛି।

ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମ ବୁଲି ଦେଖିଛନ୍ତି ପାରଳା ବିଧାୟକ ଇଂ.ରୁପେଶ ପାଣିଗ୍ରାହୀ। ଗୁମ୍ମା ବିଡିଓ ତୁଲେମ ରାମ ମାର୍ଣ୍ଡି, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଏଇଇ ବିଭୁ ଚନ୍ଦନ ପୂଜାରୀ, ଏଇ ପ୍ରଶାନ୍ତ ମିଶ୍ର ବିଧାୟକଙ୍କ ସହ କ୍ଷୟକ୍ଷତି ସମୀକ୍ଷା କରିଥିଲେ। ତୁମୁଳ ପଞ୍ଚାୟତର ତୁମଚାର, ଅରାଙ୍ଗୁଗୁଳ, ତବରସିଂ ଗ୍ରାମବାସୀ ବିଧାୟକଙ୍କୁ ନିଜ ଗ୍ରାମକୁ ନେବା ପାଇଁ ଏକ ପୁରୁଣା ମହେନ୍ଦ୍ରା ଟ୍ରେକର ନେଇ ଆସିଥିଲେ। ନିଜ ଗ୍ରାମକୁ ଆସିବା ପାଇଁ ବିଧାୟକଙ୍କୁ


କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖୁଛନ୍ତି ବିଧାୟକ।

ଅନୁରୋଧ କରିଥିଲେ। ପଥୁରିଆ ରାସ୍ତା ହୋଇଥିବାରୁ କାର ନ ଯିବାରୁ ବିଧାୟକ ଗ୍ରାମବାସୀଙ୍କ ଟ୍ରେକରରେ ବସି ତୁମଚର ଗ୍ରାମକୁ ଯାଇଥିଲେ। ଗ୍ରାମରେ ପହଞ୍ଚି ବିଧାୟକ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ପ୍ରଥମେ ରାସ୍ତା କାମ ତୁରନ୍ତ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଦିଲୀପ ବେହେରାଙ୍କୁ ଶୀଘ୍ର ଏହି ରାସ୍ତା କାମ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହ ଜିଲା ସଭାପତି ପ୍ରଦୀପ ନାଇକ, ବ୍ଲକ ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ବୁଲୁ ରଇତ, ମସଲୁନ ରଇତ, ପ୍ରୀତମ ପାଳ, ବରିଷ୍ଠ ବିଜେଡ଼ି ନେତା କୃଷ୍ଣ ବେହେରା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୧୧।୧୦(ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଆନୁକୁଲ୍ୟରେ ଜିଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଛି। ଏହାକୁ ଜିଲା ବଜ୍ଞାନ 'ନିରୀକ୍ଷକ ଏ.ରବି କୁମାର ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଓ ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାତ୍ତ୍ୱିକ ପଟ୍ଟନାୟକ ବିଚାରକ ଭାବେ ଉପସ୍ଥିତ ଥିଲେ। 'କ୍ୱାଣ୍ଟମ ଯୁଗ ଆରମ୍ଭ : ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ




ଆଲୋଚନାଚକ୍ରରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ଜିଲାର ୭ଟି ବ୍ଲକରୁ ୧୯ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ବବିତା ପୁରହିତ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଚପଳା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୬୫ ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଜ୍ଞାନ କୁଇଜ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀ ଅଂଶଗ୍ରହଣ କରି ଶ୍ରେଷ୍ଠ ବିବେଚିତ ସ୍ନେହାଞ୍ଜଳି ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ

ଆସିକା,୧୧।୧୦(ସୁରେନ୍ଦ୍ର ନାଥ ସାହୁ):

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ସରୋଜ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କେ ଓମ୍ ନାରାୟଣ ରାଓ, ଗଣେଶ୍ୱର ମାଝୀ, ଏସ୍.ଟି. ରହେମାନ, ଡ଼. ଜୟପ୍ରଦା ମହାପାତ୍ର, ଡ଼. ଉର୍ମିଳା ମୁଦୁଲି, ଡ଼. ଯସଶ୍ରୀ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ସେମାନଙ୍କ ପାରଦର୍ଶିତା ହାସଲ କରୁଥିବା କୁହାଯାଇଥିଲା।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଇକିଆ,୧୧।୧୦(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟଠାରେ ଶନିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଅଧ୍ୟାପିକା ମଞ୍ଜୁଳା ସାହୁ କାଯ୍ୟକ୍ରମର ସଂଯୋଜନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ମହତ୍ତ୍ୱ ଓ ଅନୁଭୂତି କିପରି ଆଜିର ସମାଜ ଓ ଯୁବ ବର୍ଗଙ୍କୁ ମାର୍ଗଦର୍ଶନ ଦେଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ମହାବିଦ୍ୟାଳୟର ଅଧକ୍ଷ ତଥା ପ୍ରଫେସର ଉମାକାନ୍ତ ରଥ ବରିଷ୍ଠ ନାଗରିକଙ୍କ ମହନୀୟତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ନାଗରିକ ତାରିଣୀ ଚରଣ ଦିଗଲ, ରାମକୃଷ୍ଣ ମହାପାତ୍ର, ତୁଳସୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଦକ୍ଷତା, ସମାଜ ପ୍ରତି ସେବା, ଏବଂ ମହାତଙ୍କାକ୍ଷୀ ଭାବନାକୁ ଦର୍ଶାଇ ଅଧ୍ୟାପକ ଡା.ସନ୍ତୋଷ ନାୟକ, ଅଧ୍ୟାପକ ଦିଲ୍ଲୀପ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଭୁବନ ମୋହନ ସାହୁ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ଜମି ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

ଦାରିଙ୍ଗବାଡ଼ି,୧୧।୧୦ (ଅରୁଣ ସାହୁ)

ଜଙ୍ଗଲର ସୁରକ୍ଷା ହେଲେ ଆମେ ବଞ୍ଚିପାରିବା ଆଉ ଜଙ୍ଗଲ ସୁସ୍ଥ ରହିଲେ ଜଳବାୟୁ ରହିବ ଏବଂ ଜଙ୍ଗଲ ରହିଲେ ରୋଜଗାର ମିଳିବ। ଜଙ୍ଗଲକୁ କିଭଳି ସୁରକ୍ଷା ଦେବା ସେ ନେଇ ଜଙ୍ଗଲ ସୁରକ୍ଷା ଓ ତାର ପରିଚାଳନା ନେଇ ଜାଗୃତି ସଭାଗୃହଠାରେ ଚାଲିଥିବା ୨ ଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଗୋଷ୍ଠୀ ଜଙ୍ଗଲ ଜମି ସମ୍ପର୍କିତ କର୍ମଶାଳାରେ

**୨୨ ଗାଁର ୩୮ ସଦସ୍ୟଙ୍କ ଯୋଗଦାନ**

କାର୍ଯ୍ୟକ୍ରମ ଅଧିକାରୀ ସଦାନନ୍ଦ ସିଂଙ୍କ ଅଧକ୍ଷତା କରିଥିଲେ। ବୈଷୟିକ ସହାୟକ ଧନେଶ୍ୱର ସାହୁ ପରିଚାଳନା କରିଥିଲେ। ଏଥିରେ ତାଲିମଦାତା ଭାବେ ଭୁବନେଶ୍ୱରର ସୁଶାନ୍ତ ଦଳେଇ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ସୋନପୁର, ବାଡାବାଙ୍ଗା, ଦନେକବାଡି ଆଦି ୩ ପଞ୍ଚାୟତର ୨୨ ଗ୍ରାମର ୩୮ ଜଣ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ନେତୃତ୍ୱ ନେଉଥିବା ସଦସ୍ୟା ସଦସ୍ୟମାନେ ତାଲିମ ନେଇଛନ୍ତି। ଗୋଷ୍ଠୀ ଜଙ୍ଗଲକୁ କିଭଳି ଭାବେ ପରିଚାଳନା କରାଯିବ, ଜଙ୍ଗଲରୁ କ'ଣ ସବୁ ଅମଳ ହେଉଛି, ତାହା ଆମକୁ କିଭଳି ଜୀବନ ଜୀବିକା ସ୍ୱାବଲମ୍ବୀ କରିବାରେ ସହଯୋଗ କରୁଛି, ଜଙ୍ଗଲ ସୁରକ୍ଷିତ ରହିଲେ କେମିତି ଆମକୁ ଫାଇଦା ମିଳୁଛି ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

## ମାଓବାଦୀଙ୍କୁ ଦମନ କରିବାକୁ ଅଣ୍ଟା ଭିଡ଼ିଲା କନ୍ଧମାଳ ପୋଲିସ
# ବିଭିନ୍ନ ସ୍ଥାନରେ ଖୋଲିଲା ବିଏସ୍‌ଏଫ୍ କ୍ୟାମ୍ପ


ଖୋଲିଥିବା ବିଏସ୍‌ଏଫ୍ କ୍ୟାମ୍ପ।

ଦାରିଙ୍ଗବାଡ଼ି,୧୧।୧୦ (ଅରୁଣ ସାହୁ)

ମାଓବାଦୀଙ୍କୁ ପ୍ରତିହତ କରିବାକୁ କନ୍ଧମାଳ ପୋଲିସ ଅଣ୍ଟା ଭିଡ଼ିଛି। କିଛି ଦିନ ହେଲା ମାଓବାଦୀ କନ୍ଧମାଳ ଜିଲା ଦାରିଙ୍ଗବାଡି ଏବଂ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ପୁଣି ନିଜ ଉପସ୍ଥିତ ଜାହିର କରିଥିବା ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହାକୁ ପ୍ରତିହତ କରିବା ପାଇଁ ବ୍ରାହ୍ମଣୀଗାଁ ଥାନା ତାଲୁଙ୍ଗିଆ ପଞ୍ଚାୟତ କଲିଙ୍ଗ ଠାରେ ୧୦୮ ବିଏସ୍‌ଏଫ୍ ବାଟାଲିୟନର ନୂତନ କ୍ୟାମ୍ପ ସ୍ଥାପନ କରାଯାଇଛି। ଏହାକୁ କନ୍ଧମାଳ ଏସ୍‌ପି ହରିଶ ବିଶି ଉଦ୍‌ଘାଟନ କରିଛନ୍ତି। କ୍ୟାମ୍ପରେ ବିଏସ୍‌ଏଫ୍ ଯବାନମାନେ ପହଞ୍ଚି କୁଟୀର ପ୍ରସ୍ତୁତି କରିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଜନ ସମ୍ପର୍କ ଶିବିରର ଆୟୋଜନ କରାଯାଇଛି। ଏହି ବାଟାଲିୟନ ଏବେ ଉକ୍ତ ଅଞ୍ଚଳରେ ଜୋରଦାର କୋମ୍ବିଂ ଅପରେସନ କରିବା ସହ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବ। ଏହି ଉତ୍ସବରେ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ବିଜୟ ହାଇବୁରୁ, ସବଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ପୋଲିସ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି କ୍ୟାମ୍ପ କରିବା ପାଇଁ ପ୍ରସ୍ତୁତି ହେଉଛି।

# ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ

ପାରଳାଖେମୁଣ୍ଡି,୧୧।୧୦(ଗିରିଧାରୀ ପରିଚ୍ଛା)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ଅନୁପ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଆନନ୍ଦ ସାମନ୍ତରାୟ, ପ୍ରୋଗ୍ରାମ ଅଧିକାରୀ ସାରଳା ପାତ୍ର, ଭଗ୍ୟଲକ୍ଷ୍ମୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ଶିଶୁକନ୍ୟାଙ୍କ ଅଧିକାର, ସୁସ୍ଥତା, ଶିକ୍ଷା ଓ ସେମାନଙ୍କ ସଶକ୍ତୀକରଣକୁ ନେଇ ସମାଜକୁ ସଚେତନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଆଜି ମଧ୍ୟ ଅନେକ ସ୍ଥାନରେ କନ୍ୟାମାନେ ଶିକ୍ଷାରୁ ବଞ୍ଚିତ ହୋଇ ରହୁଛନ୍ତି। କମ ବୟସରେ ବିବାହ କରୁଛନ୍ତି ଓ ପୁଷ୍ଟି ଅଭାବରେ ପୀଡ଼ିତ ଅଛନ୍ତି। ପ୍ରତ୍ୟେକ କନ୍ୟାଶିଶୁଙ୍କୁ ଶିକ୍ଷିତ, ସୁସ୍ଥ, ସୁରକ୍ଷିତ ଓ ସଶକ୍ତ କରିବାର ଶପଥ


ରାୟଗଡ ବ୍ଲକରେ ଛାତ୍ରୀମାନଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ନେବାକୁ ସମୟ ଆସିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଜିଲାର ସବୁ ବ୍ଲକରେ ସିଡ଼ିପିଓ, ସୁପରଭାଇଜର, ଶିକ୍ଷକ ଓ ଆଙ୍ଗନବାଡ଼ି କର୍ମୀଙ୍କ ନେତୃତ୍ୱରେ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ଜନପ୍ରତିନିଧି,ମାତୃ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ କିଶୋରୀ ବାଳିକାମାନଙ୍କ ସହିତ ପ୍ରତ୍ୟେକ ଗ୍ରାମରେ ବୈଠକ କରାଯାଇ ଶିଶୁ ବିବାହ ରୋକିବା, ଝିଅ ଶିଶୁଙ୍କ ଶିକ୍ଷା ନିଶ୍ଚିତ କରିବା, ଓ ଶିଶୁ ସୁରକ୍ଷା ଉପରେ ଆଲୋଚନା କରାଯାଇଛି। ସେହିପରି ରାୟଗଡ ବ୍ଲକ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାକୁ ପ୍ରଧାନ ଶିକ୍ଷକ ସୁରଶ ସାହୁକାର ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ରବିନ୍ଦ୍ରନାଥ ମିଶ୍ର, ଶିବ ପ୍ରସାଦ ଚୌଧୁରୀ, ପୁରୁଷୋତ୍ତମ ମାଳି, ଏମଭି ଆପନ୍ନା, ସତ୍ୟଭାମା ବର୍ଦ୍ଧନ, ସୁନନ୍ଦା ସାହୁ, ବିରଞ୍ଚି ନାରାୟଣ ରଥ ସହଯୋଗ କରିଥିଲେ ।

# ଗୁଳିମାଡ଼ ପଛରେ ବାବାଙ୍କ ଯୌନ ଶୋଷଣ

ଭୁବନେଶ୍ୱର,୧୧।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଦେଉଳିପାଟଣା ଗାଁ ନିକଟ ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା ପଛରେ ବଡ଼ ଗୁମର ପଦାକୁ ଆସିଛି। ଏହି ଘଟଣା ପଛରେ ବାବାଙ୍କ ଯୌନଶୋଷଣ ମୂଳ କାରଣ ବୋଲି କମିଶନରେଟ୍ ପୋଲିସ କହିଛି। ୩ବର୍ଷ ତଳେ ମା'ଙ୍କ ସହ ମଠକୁ ଆସିଥିବା ଜଣେ ନାବାଳିକାଙ୍କୁ ବାବା ଓ ତାଙ୍କ ସହଯୋଗୀ ବାରମ୍ବାର ବଳାତ୍କାର କରିଥିଲେ। ଏହାର ପ୍ରତିଶୋଧ ନେବାକୁ ତାଙ୍କ ପୁରୁଷବନ୍ଧୁ(ବର୍ତ୍ତମାନ ସ୍ୱାମୀ) ନିଜ ସାଙ୍ଗଙ୍କ ସହ ବାବାଙ୍କୁ ହତ୍ୟା କରିବାକୁ ଏହି ଘଟଣା ଭିଆଇଥିଲେ। ବନ୍ଧୁକର ଟାର୍ଗେଟ୍‌ରେ ବାବା ଥିବାବେଳେ ଭୁଲବଶତଃ ମଠରେ ରହୁଥିବା ଅନ୍ୟ ଦୁଇ ଜଣ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁଳିମାଡ଼ ଘଟଣାରେ ପୋଲିସ ପୀଡ଼ିତାଙ୍କ ସ୍ୱାମୀ ଓ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସୁରଜ ରାଉତ ଓରଫ ଟିଙ୍କୁନ୍(୨୩) ଓ ତାଙ୍କ ସାଙ୍ଗ ମୁକ୍ତିକାନ୍ତ ଦାସ ଓରଫ ଶ୍ରୀରାମ (୨୮)। ଉଭୟଙ୍କ ପାଖରୁ ଗୁଳିମାଡ଼ରେ ବ୍ୟବହୃତ ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ, ବାଇକ ଆଦି ଜବତ ହୋଇଛି। ଅପରପକ୍ଷରେ ୩ବର୍ଷ ତଳେ ବାବାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୀଡ଼ିତା (ଏବେ ୨୦ବର୍ଷ) ପୋଲିସ ଠାରୁ ସାହସ ପାଇ ବାବାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଇନ୍‌ଫୋଭ୍ୟାଲି ଥାନା ତାଙ୍କ ଏତଲାକୁ ଭିତ୍ତି କରି ଶୁକ୍ରବାର ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୬୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ବାବା ତଥା ଅବସରପ୍ରାପ୍ତ ସିପାହି ଅଜୟ ସାମନ୍ତରାୟ(୭୮) ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ସହଯୋଗୀ ଜଣକ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନୂଆପୋଖରୀ ଗାଁର ସୁକାନ୍ତ କୁମାର ବିଶ୍ୱାଳ(୫୬)। ସେ ଭରତପୁର ଅଞ୍ଚଳରେ ଥିବା ୱାଟ୍‌କୋ ପମ୍ପ ହାଉସରେ କାମ କରନ୍ତି। ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଉକ୍ତ ମଠକୁ ସିଲ୍ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ତେବେ ସୁରଜ ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିବାବେଳେ ଏହି ଲିଙ୍କ୍‌ରେ ମଧ୍ୟ ତଦନ୍ତ କରାଯାଉଥିବା କମିଶନର କହିଛନ୍ତି।



ଗିରଫ ବାବା ଅଜୟ ସାମନ୍ତରାୟ ଏବଂ ସୁକାନ୍ତ।



ଜବତ ବନ୍ଧୁକ,ଗୁଳି ଓ ମୋବାଇଲ।





ଗୁଳିକାଣ୍ଡ ଘଟଣାରେ ଗିରଫ ସୁରଜ ରାଉତ ଓ ମୁକ୍ତିକାନ୍ତ ଦାଶ।

## ୩ବର୍ଷ ତଳେ ନାବାଳିକାଙ୍କୁ ମଠକୁ ଡାକି ବଳାତ୍କାର କରିଥିଲେ

ଧାମନଗର ଅଞ୍ଚଳର ପୀଡ଼ିତା ଜଣକ ୨୦୨୨ରେ ମଠକୁ ପାଠ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆସିଥିବାବେଳେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ସମ୍ପର୍କୀୟ ହେଲେ ସୁକାନ୍ତ। ସୁକାନ୍ତଙ୍କ ପ୍ରରୋଚନାରେ ପୀଡ଼ିତା ତାଙ୍କ ମା'ଙ୍କ ସହ ମଠକୁ ଆସିଥିଲେ। ସେଠାରେ ବାବା ଅଜୟ ଓ ସୁକାନ୍ତ ତାଙ୍କୁ ଲଗାତର ଯୌନଶୋଷଣ କରିଥିଲେ। ଏହି ଘଟଣା ପୀଡ଼ିତାଙ୍କ ମା' ଜାଣିଥିଲେ ମଧ୍ୟ ଭୟ ଓ ଲୋକ ଲଜ୍ଜାରେ ଚୁପ ରହିଥିଲେ। ପୀଡ଼ିତା ଜଣକ ଏହି ଘଟଣା ବିଷୟରେ ସେତେବେଳେ ପୁରୁଷବନ୍ଧୁ ସୁରଜଙ୍କୁ କହିଥିଲେ। ତେବେ ସୁରଜ ସେହିଦିନଠାରୁ ବାବାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଇତିମଧ୍ୟରେ ୨୦୨୪ରେ ସୁରଜ ତାଙ୍କ ପ୍ରେମିକା (ପୀଡ଼ିତା)ଙ୍କୁ ବିବାହ ମଧ୍ୟ କରିଥିଲେ। କିଛିମାସ ତଳେ ସୁରଜ ଉତ୍ତରପ୍ରଦେଶରୁ ୨ଟି ବନ୍ଧୁକ କିଣି ଆଣିଥିଲେ। ଏପରିକି ବାବାଙ୍କୁ ହତ୍ୟା କରିବା ଲାଗି ଗତ ଅଗଷ୍ଟ ମାସରେ ଦୁଇ ଥର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସେ ବିଫଳ ହୋଇଥିଲେ। ଏପରିକି ସୁକାନ୍ତଙ୍କୁ ଗତ ମେ' ମାସରେ ଭଦ୍ରକକୁ ଡାକି ସୁରଜ ମାରପିଟ୍ ମଧ୍ୟ କରିଥିଲେ। ତେବେ ଏହି ଘଟଣା ପଦାକୁ ନ ଆସିବା ପାଇଁ ସୁକାନ୍ତ ତାହା ପ୍ରକାଶ କରି ନ ଥିଲେ।

## ଅକ୍ଟୋବର ୫ ସନ୍ଧ୍ୟା, ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ ବାବା

୨୦୨୫ ଅକ୍ଟୋବର ୫(ଗୁଳିକାଣ୍ଡ ଦିନ)ରେ ସୁରଜ ତାଙ୍କ ସାଙ୍ଗ ଶ୍ରୀରାମଙ୍କୁ ନେଇ ବାଇକ୍‌ରେ ଭଦ୍ରକରୁ ଭୁବନେଶ୍ୱର ଆସିଥିଲେ। ସେମାନେ ବାବାଙ୍କୁ ଗୁଳିମାଡ଼ କରି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ବେଳେ ଦେଉଳିପାଟଣାସ୍ଥିତ ଭାଇଭାଇ ମଠ ଗେଟ ପାଖରେ ପହଞ୍ଚି ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ମଠରେ ରହୁଥିବା ସୁନୀଲ କୁମାର ମହାନ୍ତି ଗୁରୁତର ହୋଇଥିବାବେଳେ ୫ଦିନ ହେବ ସେଠାକୁ ଆସିଥିବା ଯାଜପୁରର ଅଶୋକ ମହାନ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ରହୁଥିବା ବାବାଙ୍କ ଝିଅ ଜ୍ୟୋତିର୍ମୟୀ ରାୟ(୪୬)ଙ୍କ ଏତଲାକୁ ଆଧାର କରି ଇନ୍‌ଫୋଭ୍ୟାଲି ପୋଲିସ ମାମଲା (ନଂ.୨୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା**

- ବାବା, ସହଯୋଗୀ ଗିରଫ, ମଠ ସିଲ୍
- ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ, ସାଙ୍ଗ ଗିରଫ
- ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିଲେ ସୁରଜ

## ବାବାଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା

ବାବା ଅଜୟଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା ଅଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଠ ନାଁରେ ସେ ଲୋକଙ୍କ ଭାବନାର ସହ ଖେଳ ଖେଳିବା ସହ ଅଳ୍ପ ବୟସ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସୁକାନ୍ତ ଝିଅ ଯୋଗାଉଥିଲେ। ଏପରିକି ବହୁ ମହିଳା ଓ ଯୁବତୀ ମଠକୁ ଆସି ରହୁଥିବାବେଳେ ନିଶା ଦେଇ ସେମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାବାଙ୍କ ଦ୍ୱାରା ଅପରାଧର ଶିକାର ହୋଇ ଏଭଳି ବହୁ ପୀଡ଼ିତା ମୁହଁ ଖୋଲି ନ ଥିଲେ।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଠାକୁରମୁଣ୍ଡା,୧୧।୧୦(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ପଞ୍ଚାୟତ ଆସନକୁଦର ଗ୍ରାମ ପୁରୁଣା ଖଡ଼ିଆସାହିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଲେ ସାହିର ସୁବୁଦ୍ଧି ଦେହୁରୀ(୫୫)ଙ୍କ ସ୍ତ୍ରୀ ଚୁନି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ସୁବୁଦ୍ଧି ଉତ୍‌କ୍ଷିପ୍ତ ହୋଇ ଘର ଭିରରେ ଥିବା ଟାଙ୍ଗିଆରେ ଚୁନିଙ୍କ ବେକକୁ ଆକ୍ରମଣ କରିଥିଲେ। ସୁବୁଦ୍ଧିଙ୍କ ପୁଅ ପବିତ୍ର ସାପ୍ତାହିକ ହାଟରୁ ଫେରିବା ପରେ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ଜରିଆରେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଅ ପବିତ୍ରଙ୍କ ଅଭିଯୋଗ ଆଧାରରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା (ନଂ. ୧୧୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତକରି ପୋଲିସ ତଦନ୍ତ କରୁଛି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୧।୧୦(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜନୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଞ୍ଜନ କୁମାର ସ୍ୱାଇଁ (୨୦)। ଏନେଇ କେସ୍ ନଂ ୬୩୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଏକ ଘରୋଇ ଫାଇନାନ୍ସରେ କାମ କରୁଥିଲେ। ତେବେ ବଳାତ୍କାର ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡ଼ି ଦେଇଥିବା ବେଳେ ପୀଡ଼ିତା ଯୁବତୀ ଜଣକ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ।

# କକାଙ୍କୁ ପିଟି ହତ୍ୟାକଲେ ପୁତୁରା

ସୁନ୍ଦରଗଡ଼,୧୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କିରେଇ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ କକାଙ୍କୁ ପିଟି ପୁତୁରା ହତ୍ୟା କରିଛନ୍ତି। ଶନିବାର ସକାଳେ ପୋଲିସ ଅଭିଯୁକ୍ତ ପୁତୁରା ବିଶାଲ ନାଏକ(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ ହୋଇଛି। କକା ସଚ୍ଚିନ୍ଦ୍ର ନାଏକ(୪୭)ଙ୍କୁ ପିଟି ହତ୍ୟା କରିଥିବା ନେଇ ବିଶାଲ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଥାନା ଆଇଆଇସି ସସ୍ମିତା ଦେବତା ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ କକା ସଚ୍ଚିନ୍ଦ୍ର ଓ ପୁତୁରା ବିଶାଲ ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକାଠି ମଦ୍ୟପାନ କରୁଥିଲେ। ପରେ ଘରୋଇ କଳିକୁ ନେଇ ଉଭୟ କକା ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପୁତୁରା ବିଶାଲ ସଚ୍ଚିନ୍ଦ୍ରଙ୍କ ମୁହଁକୁ ହାତରେ ପିନ୍ଧିଥିବା ବଳାରେ ମୁଥମାରିବା ସହ ଏକ ଠେଙ୍ଗାରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଘଟଣାସ୍ଥଳରେ ସଚ୍ଚିନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ବିଶାଲ ସେଠାରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ କେତେଜଣ ଲୋକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଚ୍ଚିନ୍ଦ୍ରଙ୍କ ମୁହଁରେ ମାଡ଼ ହୋଇଥିବାରୁ ଚିହ୍ନଟ ହେବାରେ ବିଳମ୍ବ ହୋଇଥିଲା। ପରେ ତାଙ୍କର ପରିଚୟ ମିଳିବାପରେ ପୋଲିସ ବିଳମ୍ବିତ ରାତିରେ ଅଭିଯୁକ୍ତ ବିଶାଲଙ୍କୁ ଭେଡ଼ାବାହାଲ ନିକଟରୁ ଧରିଥିଲା। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବିଶାଲ କିଛିଦିନ ହେବ ଘରକୁ ଜଣେ ଝିଅ ଆଣିଛନ୍ତି। ଏହାକୁ ତାଙ୍କ ମା' ଓ କକା ବିରୋଧ କରିଆସୁଥିଲେ। ଘଟଣା ରାତିରେ କକା ପୁତୁରାଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା ଓ ପୁତୁରା କକାଙ୍କୁ ପିଟି ପିଟି ହତ୍ୟା କରିଥିବା ବିଶାଲ ସ୍ୱୀକାର କରିଥିବା ପୋଲିସ କହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**

Phone : 06842 254004 Email : sernbphulbani@gmail.com

**INVITATION FOR BIDS (IFB)**

Bid Identification No. CCE_R and B_PLB_12 of 2025-26

No.B-590 **No.1660 Dated 08.10.2025**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors | | |
| 2 | Nature of work | : | Road Work |
| 3 | No. of tenders | : | One No. |
| 4 | Tender cost | : | Rs. 10,000/- (through online) only |
| 5 | Class of Contractor | : | A class |
| 6 | Date & Time of sale & receipt of bids | : | 10.00 A.M. of 16.10.2025 to 5.00 P.M. of 30.10.2025 |
| 7 | Date of Opening of bid | : | 11.00 A.M. of 31.10.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer, Phulbani (R&B) Circle, Phulbani
OIPR-34129/11/0029/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-1973

No.-CHEP/TW-202 (Vol.-V)/3824 Date: 08.10.2025

**TENDER CALL NOTICE NO.-CHEP-32/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Earth Resistance Measurement Tester, DC Milli Ampere Digital Clamp Meter and AC / DC Digital Clamp Meter for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,970/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.14.10.2025 up to 12:30 PM of dtd.28.10.2025.
OIPR-04006/11/0103/2526 Sd/- C & P Head, CHEP, Chiplima

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
No.O-965
eerw_kendraparat@yahoo.co.in
**'E' PROCUREMENT NOTICE NO. RWD-II/KPD-7/25-26**
**DTD 08.10.2025**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 43 Nos. Roads |
| 3 | Estimated Cost | : | Rs.5.04 Lakhs to 33.61 lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B, C & D Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

Other details as follows :

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 15.10.2025 at 11:00 A.M. to 23.10.2025 up to 5:00 P.M. |
| c) | Last date & time of seeking of tender clarification | : | 22.10.2025 up to 5:00 P.M. |
| d) | Opening of Tender | : | 23.10.2025 at 5:30 P.M. |
| e) | Date of lottery | : | 07.11.2025 at 11:30 A.M. |

Further details can be seen from the Govt. website www.tendersorissa.gov.in
Sd./- Superintending Engineer, Rural Works Division-II, Kendrapara
OIPR-25098/11/0023/2526

**OFFICE OF THE SORO MUNICIPALITY, SORO, BALASORE**

No.4477 Date : 10.10.2025

**'e' Procurement Notice**

Bid Identification No. **SOROM_04_2025-26**

**No.C-1250** : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : 90 days
5. Date & Time of availability of Bid documents in the Portal : 13.10.25 at 10.00 A.M. to 22.10.25 up to 5.00 P.M.
6. Last date & time for receipt of bids in the portal : 22.10.25 up to 05.00 P.M.
7. Bid received online shall be opened on : 23.10.25 at 10.00 A.M.
8. Name and address of the officer inviting Bid : Executive Officer, Soro Municipality

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, Soro Municipality
OIPR-13166/11/0017/2526

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
No.A-708
Letter No. 4433/Dt. 08.10.2025
**GOVERNMENT OF ODISHA e-Procurement Notice**
Bid Identification No. online SECMID - 18/2025-26
eemidcuttack@yahoo.co.in

1. Name of work : **Improvement of MIPs under Improvement to CAPEX ROAD and MIPSP scheme in MI Sub-Division Athagarh, Banki and Narasinghpur.**
2. Total Number of work : **05 (Five) nos.**
3. Estimated cost : **Various from 57.79 to 82.65 lakhs**
4. Tender paper cost (Online) : **Rs.10,000/-**
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From **15.10.2025, 10.00 A.M. to 28.10.2025, 5.00 P.M.** in website (www.tendersorissa.gov.in)
8. Last date & Time of receipt : **28.10.2025 at 5.00 P.M.** through online Bid
9. Date of opening of Technical Bid documents : **29.10.2025 - at 11.00 A.M.** in the office of the SE, M.I. Division, Cuttack
10. Date of opening of Financial Bid Documents : **04.11.2025 at 11.00 A.M.** in the office of the SE, M.I. Division, Cuttack
11. Date of Lottery, if required : **15.11.2025 at 12.00 Noon** in the office of the SE, M.I. Division, Cuttack
12. Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer, M.I. Division, Cuttack
OIPR-32121/11/0046/2526

**Directorate of Higher Secondary Education Odisha, Bhubaneswar**

**Notice**

**No.N-175** : It is informed to all concerned that the online applications are invited on SAMS portal for opening of new Higher Secondary School, new stream, new subject, increase of seats, Permanent Recognition, Temporary Recognition etc. for the Academic Session 2025-26 (Admission Session 2026-27). The online application link (www.samsodisha.gov.in/juniorweb.aspx) is active and last date for applying is up to **30th November, 2025 (11.55 P.M.). For Guidelines /User Manual and other details, please log in on** www.samsodisha.gov.in/juniorweb.aspx

OIPR-11033/11/0024/2526 Sd./- Director

**ଭାରତ ସରକାର**
**ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ**
**(ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରସାର ବିଭାଗ)**
**ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**ସର୍ବସାଧାରଣ ବିଜ୍ଞପ୍ତି**

ସରକାରଙ୍କ ଦୃଷ୍ଟିକୁ ଏହା ଅଣାଯାଇଛି ଯେ, ଅତୀତରେ ମିଥ୍ୟା ଘୋଷଣାନାମା ଅଧୀନରେ ଭାରତକୁ ବେଆଇନ ଭାବେ ବିଦେଶ ନିର୍ମିତ ଆତସବାଜି ସାମଗ୍ରୀ ଆମଦାନୀ କରାଯାଇଛି । ଏତଦ୍ବାରା ସୂଚିତ କରିଦିଆଯାଉଅଛି କି, ଆମଦାନୀ ସଂକ୍ରାନ୍ତରେ ଆଇଟିସି (ଏଚ୍‌ଏସ୍) ଅଧୀନରେ ଆତସବାଜି ସାମଗ୍ରୀଗୁଡ଼ିକୁ ପ୍ରତିବନ୍ଧିତ ସାମଗ୍ରୀ ରୂପେ ଘୋଷଣା କରାଯାଇଛି । ଆଜି ତାରିଖ ସୁଦ୍ଧା, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ ଦ୍ୱାରା ବିସ୍ଫୋରକ ସାମଗ୍ରୀ ନିୟମାବଳୀ, ୨୦୦୮ ଅଧୀନରେ ଆତସବାଜି ସାମଗ୍ରୀ ପାଖରେ ରଖିବା ଏବଂ/କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଆମଦାନୀ କରିବା ପାଇଁ କୌଣସି ଲାଇସେନ୍ସ ମଞ୍ଜୁର କରାଯାଇନାହିଁ ।

ଚୋରାରେ ଚାଲାଣ ହେଉଥିବା ବିଦେଶ ନିର୍ମିତ ଆତସବାଜି ସାମଗ୍ରୀରେ 'ପୋଟାସିୟମ୍ କ୍ଲୋରେଟ୍' ରହିଥାଏ, ଯାହା ଏକ ବିପଜ୍ଜନକ ଓ ଘାତକ ରାସାୟନିକ ଅଟେ ଏବଂ ସେଥିରେ ସ୍ୱତଃପ୍ରବୃତ୍ତ ଭାବେ ନିଆଁ ଲାଗିବାର ଆଶଙ୍କା ରହିଥାଏ । ଏପରି ଆତସବାଜି ସାମଗ୍ରୀ ଗୁରୁତର ଅଘଟଣର କାରଣ ସାଜିବା ସହିତ ଧନଜୀବନ ଏବଂ ଦେଶ ପାଇଁ ବିବିଧ ପରିବେଶୀୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ।

ଧନଜୀବନର ସୁରକ୍ଷା ଓ ନିରାପତ୍ତା ପାଇଁ ଏପରି ଆତସବାଜି ସାମଗ୍ରୀ ରଖିବା ଏବଂ/କିମ୍ବା ବିକ୍ରି କରାଯିବା ସମ୍ବନ୍ଧୀୟ ସୂଚନାକୁ ନିକଟତମ ଥାନା କିମ୍ବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବା ଲାଗି ଜନସାଧାରଣ ଏବଂ ହିତଧାରକଙ୍କୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

CBC 05209/12/0003/2526 ମୁଖ୍ୟ ବିସ୍ଫୋରକ ସାମଗ୍ରୀ ନିୟନ୍ତ୍ରକ

No.T-92
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ବାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା13.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0199/2526

No.CAD-1966
**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
(UNIT-HATADIHI BLOCK,GHASIPURA BLOCK, ANANDAPUR BLOCK & ANANDAPUR MUNICIPALITY, KEONJHAR SADAR BLOCK & KEONJHAR MUNICIPALITY, BANSPAL BLOCK, TELKOI BLOCK, SAHARPADA BLOCK, PATNA BLOCK, GHATAGAON BLOCK, HARICHANDANPUR BLOCK, JHUMPURA BLOCK,CHAMPUA BLOCK & NAC)

TENDER No.: 3029 to 3040 Dated: 06/10/2025

**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside district).

| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only |
| 9 | Help Desk telephone no. | CCSO-cum-DM, OSCSC Ltd., Keonjhar Contact No : 9438200048 |

Sd./- Chief CSO-cum-District Manager
OSCSC Ltd., Keonjhar

**NOTICE INVITING TENDER**
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(LEVEL-I)**

TENDER No.: 3041 Dated: 06/10/2025

**Cost of Tender Document :- Rs.11800/- Inclusive of GST**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date **14/10/2025** Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | At-O/o the Mini Conference Hall, Collectorate, Keonjhar |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only |
| 10 | Help Desk telephone no | (i) OSCSC Ltd. :- District Manager :- No. 9438200048 Account Head No. 9437201773 (ii) State Procurement Cell :- 0674-2530998 / 18003456765 |

Sd./- Chief CSO-cum-District Manager
OSCSC Ltd., Keonjhar
OIPR-07048/11/0010/2526

## ସଂକ୍ଷେପରେ

### ୨ ଲକ୍ଷ ଟଙ୍କାର ବାଣ ଜବତ

ଆସିକା,୧୧।୧୦(ସୁରେନ୍ଦ୍ର ନାଥ ସାହୁ)–ଆସିକା ଏନ୍‌ଏସି ଖଣ୍ଡେଶ୍ୱରୀ ମନ୍ଦିର ନିକଟରେ ଥିବା ଏକ ବାଣ ଗୋଦାମ ଉପରେ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା । ସେଠାରୁ ବିଭିନ୍ନ ପ୍ରକାରର ବହୁ ପରିମାଣର ବାଣ ଜବତ କରାଯାଇଛି । ଜବତ ବାଣର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି । ଏ ନେଇ ଆସିକା ଥାନାରେ ୫୮୨/୨୫ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୁଳ ମଣି ସେଠ ସୂଚନା ଦେଇଛନ୍ତି । ଗୋଦାମ ମାଲିକଙ୍କୁ ପୋଲିସ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଛି। ତେବେ ଆସିକା ପୋଲିସ ପକ୍ଷରୁ ଏଭଳି ବେଆଇନ ବାଣ କାର ବାର ବିରୁଦ୍ଧରେ ଚଢ଼ାଉ ଆହୁରି ଜୋର ଯାର କରାଯିବ ବୋଲି ପୋଲିସ ପକ୍ଷରୁ କୁହା ଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୧୧।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମରେ ଶନିବାର ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମ ଇନ୍ଦିରା ନଗର ସାହିର ମିଟୁ ସେଠୀ (୩୬)। ଅପରାହ୍ନରେ ମିଟୁଙ୍କ ସ୍ତ୍ରୀ, ୨ଝିଅ ଓ ଗୋଟିଏ ପୁଅ ଘରେ ଶୋଇଥିଲେ। ଏହି ସମୟରେ ମିଟୁ ଅନ୍ୟ ଏକ କୋଠରୀ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରିଛି। ଏ ନେଇ ନଂ.୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଟେନିସ୍ ବଲ କ୍ରିକେଟ ଦଳରେ ଗଞ୍ଜାମରୁ ୨

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ୧୬ ବର୍ଷରୁ କମ ଟେନିସ ବଲ କ୍ରିକେଟ ଦଳରେ ଗଞ୍ଜାମ ଜିଲାର ଟି.ଅମନ କୁମାର ଓ ଦିବାକର ପାତ୍ରଙ୍କୁ ସ୍ଥାନ ମିଳିଛି। ଆସନ୍ତା ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ୩୦ତମ ସବ ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚାମ୍ପିଅନଶିପ ରାଜସ୍ଥାନ ଦୌସା ଜିଲ୍ଲାରେ ହେବ। ଏଥି ନିମନ୍ତେ ଓଡ଼ିଶା ଦଳ ଘୋଷଣା ସରିଛି। ଗଞ୍ଜାମ ଜିଲାର ୨ ଉଦୀୟମାନ ଯୁବ କ୍ରୀଡାବିତ୍ ଉକ୍ତ ଦଳରେ ନିଜ ସ୍ଥାନ ପକ୍କା କରି ପାରିଛନ୍ତି। ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବିଷୋୟୀ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୧୩ ଏସ୍‌ଆଇ ହେଲେ ଇନ୍ସପେକ୍ଟର

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ୧୩ ଜଣ ଏସଆଇଙ୍କ ପଦୋନ୍ନତି ହୋଇଛି। ସେମାନେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ହୋଇଛନ୍ତି । ଉକ୍ତ ଏସଆଇମାନେ ହେଲେ ଜ୍ୟୋତିରଞ୍ଜନ ବେହେରା, ବିଭୂତିଭୂଷଣ ସେଠୀ, ସ୍ମିତା ଜେନା, ଏ. ସ୍ୱର୍ଣ୍ଣଲତା ପାତ୍ର, ଅଭିନାଶ ନାୟକ, ଅଞ୍ଜଳି ବେହେରା, ଜ୍ଞାନରଞ୍ଜନ ବେହେରା, କୁମାରୀ ପ୍ରଣତୀ ନାୟକ, ଜ୍ଞାନରଞ୍ଜନ ସାହୁ, ସୁଜତା କଅଁର, ମିନାକ୍ଷୀ ଦଳବେହେରା, ସସ୍ମିତା ସେଠୀ, ରାଧିକା ବାଉଣ୍ଡା । ଶୁକ୍ରବାର ରାଜ୍ୟ ପୋଲିସ ମୁଖ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ଏସଆଇଙ୍କ ପଦୋନ୍ନତି ହୋଇଛି ।

### ଅନ୍‌ଲାଇନ ଟ୍ରେଡ଼ିଂ ଆଳରେ ୩୮ ଲକ୍ଷ ନେଇଗଲେ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ବେଲଗୁଣ୍ଠା ଅଞ୍ଚଳର ଜଣେ ଯୁବକଙ୍କ ପାଇଁ ଅନ୍‌ଲାଇନ ଟ୍ରେଡ଼ିଂ ମହଙ୍ଗା ପଡିଛି। ସାଇବର ଠକମାନେ ତାଙ୍କଠାରୁ ୩୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଯୁବକଙ୍କ ହ୍ୱାଟସଆପକୁ ଗତ ୨୦ ତାରିଖରେ ତାଙ୍କ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା । ଅନଲାଇନ ଟ୍ରେଡ଼ିଂ କଲେ ବହୁ ଲାଭ ମିଳିବ ବୋଲି ଲେଖାଥିଲା। ଯୁବକ ଜଣଙ୍କ ଲୋଭରେ ମେସେଜ ସହ ଆସିଥିବା ଟେଲିଗ୍ରାମ ଚ୍ୟାନେଲ ଲିଙ୍କକୁ କ୍ଲିକ କରି ଟ୍ରେଡ଼ିଂ ପାଇଁ ସମ୍ମତି ଜଣାଇଥିଲେ। ଯୁବକ ଜଣଙ୍କ ପର୍ଯ୍ୟାୟକ୍ରମେ ୩୮ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ । ହେଲେ କିଛି ଦିନ ତଳେ ସେ ଇନଭେଷ୍ଟ ଟଙ୍କାରୁ କିଛି ଉଠାଇବାକୁ ଚେଷ୍ଟା କରିବାରୁ ସମ୍ଭବ ହୋଇନଥିଲା । ଏ ବିଷୟରେ ସେ କମ୍ପାନୀର ପ୍ରତିନିଧିଙ୍କୁ ଜଣାଇଥିଲେ। ତାଙ୍କୁ କୌଣସି ଠିକ ଉତ୍ତର ମିଳିନଥିଲା।

# ରାଜନୈତିକ ଆକ୍ରୋଶରୁ ଗଡୁଛି ମୁଣ୍ଡ

ଗଞ୍ଜାମ ଜିଲ୍ଲା

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲାରେ ରାଜନୈତିକ ଆକ୍ରୋଶରୁ ହତ୍ୟାକାଣ୍ଡ ଘଟୁଛି। ପ୍ରତିବର୍ଷ ଅତି କମରେ ଜଣେ ରାଜନେତା ହତ୍ୟାର ଶିକାର ହେଉଥିବା ପୋଲିସ ଡାଟାରୁ ଜଣାପଡ଼ିଛି। ଗତ ୬ ତାରିଖ ରାତିରେ ବ୍ରହ୍ମପୁର ବେଙ୍କଟ ନଗରସ୍ଥିତ ନିଜ ବାସଭବନ ନିକଟରେ ଆଇନଜୀବୀ ତଥା ବିଜେପି ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅତି ନିକଟରୁ ଗୁଳିକରି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଧରାପଡି ନ ଥିବା ବେଳେ ପୀତବାସଙ୍କ ସେମାନେ କାହିଁକି ହତ୍ୟା କଲେ ତାହାର କାରଣ ଜଣିବା ପାଇଁ ପୋଲିସ ତଦନ୍ତ ଜାରି ରହିଛି। ସେହିପରି ୨୦୨୪ ସାଧାରଣ ନିର୍ବାଚନ ବେଳେ ଖଲ୍ଲିକୋଟ ଶ୍ରୀକୃଷ୍ଣ ଶରଣପୁରର ଭାଜପା କର୍ମୀ ଦିଲ୍ଲୀପ ପାହାନଙ୍କୁ ହତ୍ୟା କରାଯାଇଥିଲା। ୨୦୨୨ରେ ଦିଗପହଣ୍ଡି ବ୍ଲକରେ ୨ ବିଜେଡି ସମର୍ଥକ, ୨୦୨୧ରେ ପୂର୍ବତନ କେନ୍ଦୁପଲିଆପଦା ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ ଏବଂ ଅନନ୍ତରେ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରାଯାଇଥିଲା। ୨୦୧୯ରେ ନିର୍ବାଚନ ପୂର୍ବରୁ ବ୍ରହ୍ମପୁରରେ ଆସିକା ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ହୋଇଥିବା ମନୋଜ ଜେନାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେହିବର୍ଷ ଶେରଗଡ଼ ବ୍ଲକ କୁଲାଗଡ଼ର ପୂର୍ବତନ ସମିତି ସଦସ୍ୟ ସୁବାସ ଚନ୍ଦ୍ର ସାହୁ ମଧ୍ୟ ହତ୍ୟାର ଶିକାର ହୋଇଥିଲେ। ୨୦୧୭ରେ ଛତ୍ରପୁର ଏନ୍‌ଏସିର ବିଜେଡି ନେତା ତଥା କାଉନସିଲର ଲକ୍ଷ୍ମୀଧର ପ୍ରଧାନ ଓ ୨୦୧୫ରେ କୁକୁଡ଼ା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ପାତ୍ରଙ୍କ ହତ୍ୟା ହୋଇଥିଲା। ୨୦୧୪ରେ ଛତ୍ରପୁରରେ ସିପିଆଇ ସଦସ୍ୟ ପୁକୁରୀ ସାହୁ, ୨୦୧୦ରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏନ. ସୀମାଞ୍ଚଳ ରେଡ୍ଡୀ ବିଶେଇ, ୨୦୦୯ରେ ଆସିକାରେ ବିଜେଡିର ସୁଦର୍ଶନ ପରିଡ଼ା, ୨୦୦୮ରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ମହାନ୍ତି, ୨୦୦୨ରେ ଆସିକାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉମା ଚରଣ ବିଶୋଇ ଏବଂ ୧୯୯୮ରେ ଆସିକା ଏନଏସିର ପୂର୍ବତନ ଅଧ୍ୟକ୍ଷ ସାହେବ ପରିଡ଼ାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ।

ପୂର୍ବତନ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼.କେ. ବରାଳଙ୍କ ମତରେ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ବିଭିନ୍ନ ରାଜନୈତିକ ଦଳରେ ସାମିଲ କରିବା ହତ୍ୟାକାଣ୍ଡର ଏକ କାରଣ ହୋଇପାରେ। ଆଇନଜୀବୀ ସୁରେନ୍ଦ୍ର ବେହେରା କହିଛନ୍ତି, ମଦ ବ୍ୟବସାୟ ସମେତ ବ୍ୟବସାୟିକ ପ୍ରତିଦ୍ୱନ୍ଦିତା ମଧ ରାଜନେତାଙ୍କ ହତ୍ୟାର ଅନ୍ୟତମ କାରଣ। ପୋଲିସ ଏହି ଘଟଣାଗୁଡ଼ିକର ତଦନ୍ତ ଜାରି ରଖିଛି ଏବଂ ଅପରାଧୀଙ୍କୁ ଧରିବା ପାଇଁ କଡ଼ା ପଦକ୍ଷେପ ନେଉଛି।

# ଏମ୍‌କେସିଜିରେ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜରେ ୨ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ରବିବାରଠାରୁ ୧୬ ତାରିଖ ଯାଏ ଏମ୍‌କେସିଜିରେ ଇଣ୍ଟର ମେଡିସ ପ୍ରତିଯୋଗିତା ହେବାକୁ ଯାଉଛି। ଏହା ପୂର୍ବରୁ ଏମକେସିଜି ଓ ବାହାର ମେଡିକାଲ କଲେଜ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି । ସ୍ୱାଗତ ନାଁରେ ଶନିବାର ବାହାର ମେଡିକାଲ କଲେଜ ଛାତ୍ରଙ୍କୁ ଏମକେସିଜିରେ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ବୁର୍ଲା ମେଡିକାଲ କଲେଜରେ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଏମ୍‌କେସିଜିର ଛାତ୍ରଙ୍କୁ ସ୍ୱାଗତ ନାଁରେ ଆକ୍ରମଣ କରାଯାଇଥିବା ଅଭିଯୋଗ ରହିଥିଲା। ତେଣୁ ଏମକେସିଜି ମେଡିକାଲରେ ମଧ୍ୟ ସେଭଳି କିଛି ଘଟଣା ଘଟିବା ପକ୍ଷରୁ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ରବିବାରରୁ ଆରମ୍ଭ ହେବାକୁ ଥିବା ଏହି ଆନ୍ତଃ ମେଡିକାଲ କଲେଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ବିଦ୍ୟାର୍ଥୀମାନେ ଏମକେସିଜିକୁ ଆସିଛନ୍ତି। ମେଡିକାଲ କଲେଜର ବହୁ ଛାତ୍ର ଏମକେସିଜିରେ ପହଞ୍ଚିବା ପରେ ସେମାନଙ୍କ ପାଇ ନିର୍ଦ୍ଧାରିତ ସ୍ଥାନକୁ ରହିବାକୁ ଯାଇଥିଲେ। ଏହି ସମୟରେ ଏମକେସିଜିର ୩ ନଂ ହଷ୍ଟେଲ ସମ୍ମୁଖରେ ଏମକେସିଜି ଛାତ୍ରମାନେ ସେମାନଙ୍କୁ ସ୍ୱାଗତ କରିବା ନାଁରେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ସେଠାରେ ଅପ୍ରିତିକର ପରିସ୍ଥିତି ଉପୁଜିଥିଲା ।

# ସୁନାଗରିକ ହେବା ପାଇଁ ସକାରାତ୍ମକ ମନୋଭାବ ଲୋଡ଼ା

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ, ମିନାକ୍ଷୀ ନଗର ନୂତନ କ୍ୟାମ୍ପସ ଠାରେ ବିଶ୍ୱ ମାନସିକ ସାସ୍ଥ୍ୟ ଦିବସ ଅବସରରେ ଆମ ଗୌରବ ଆମ କଲେଜ ତଥା ଶକ୍ତିଶ୍ରୀ ସେଲ ଆନୁକୂଲ୍ୟରେ ଏକ ମାନସିକ ସାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ଡ. ନିବେଦିତା ମହାପାତ୍ରଙ୍କ ଅନୁମତି କ୍ରମେ ଏବଂ ଲାୟନସ କ୍ଲବ, ବ୍ରହ୍ମପୁର ସହଯୋଗରେ ଅନୁଷ୍ଠିତ ଏହି ସଭାରେ କ୍ଲବ ସଭାପତି ଲାୟନ ନବୀନ ଚନ୍ଦ୍ର ଶତପଥୀ ଅଧକ୍ଷତା କରିଥିଲେ । କଲେଜ ପ୍ରଶାସନିକ ଅଧିକାରିଣୀ ଡ. ଜୟନ୍ତି ରାଣୀ ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇ ଥିବା ବେଳେ ଆମ ଗୌରବ ଆମ କଲେଜ ତଥା ଶକ୍ତିଶ୍ରୀ ସଂଯୋଜିକା ଡ. ସର୍ଣ୍ଣଲତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମନସ୍ତତ୍ତ୍ୱବିତ ସୁଦିପ୍ତା ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ସକାରାତ୍ମକ ମନୋଭାବ ସହ ଆଗକୁ ବଢ଼ିଲେ ଭବିଷ୍ୟତରେ ଏକ ସୁନାଗରିକ ହୋଇପାରିବା ସହ ଯୋଗ ଧାନ ଏବଂ ସୂର୍ଯ୍ୟ ନମସ୍କାର କରି ନିଜ ନିଜର ମାନସିକ ସାସ୍ଥ୍ୟ କୁ ସୁସ୍ଥ ରଖିବାକୁ ପରାମର୍ଶ ଦେଇଥିଲେ । ଅଭିଭାଷଣ ର ସାରାଂଶ ରେ ଜୋନ ଚେୟାର ପର୍ସନ ଲାୟନ ଅରୁଣ ପ୍ରସାଦ ପଣ୍ଡା ଏବଂ କଲେଜ ମନୋବିଜ୍ଞାନ ଅଧ୍ୟାପକ ଅରୁଣ କୁମାର ମଲ ସୁସ୍ଥ ପରିବେଶ ସହ ସୁସ୍ଥ ମାନସିକତା କୁ ଗୁରୁ ଦେଇଥିଲେ । ପରିଶେଷରେ ଲାୟନ ପି. ଧର୍ମାରାଓ ଧନ୍ୟବାଦ ଦେଇଥିଲେ। ଲାୟନ ସୁଜୟ ଦାସ, ଲାୟନ ଉତ୍ତମ କୁମାର, ଲାୟନ ସବିତା ପାଣିଗ୍ରାହୀ ପ୍ରମୁଖ ସଭା ପରିଚାଳନା ରେ ସହଯୋଗ କରିଥିଲେ । ଏଥିରେ ସମସ୍ତ ଅଧ୍ୟାପିକା, କର୍ମଚାରୀଙ୍କ ସହ ଶତାଧିକ ଛାତ୍ରୀ ଉପସ୍ଥିତ ରହି ମାନସିକ ସୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ହୋଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ସଂକ୍ରାନ୍ତ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୧।୧୦(ଅଶୋକ କୁମାର ସାହୁ)

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ବିଷୟରେ ଏକ ବିଶେଷ ବିଭାଗୀୟ କାର୍ଯ୍ୟକ୍ରମ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହର ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ଜିଲ୍ଲା ନିରୀକ୍ଷଣ ଅଧିକାରୀ ଡ଼. ଅଜୟ କୁମାର କର ଯୋଗଦେଇଥିଲେ। ଯୋଜନାର ଉଦ୍ଦେଶ୍ୟ, ଜିଲାରେ ଏହାର ପ୍ରୟୋଗ ଓ କୃଷି ଉଦ୍ୟୋଗୀମାନଙ୍କ ପାଇଁ ଲାଭ ବିଷୟରେ ଆଲୋକପାତ କରିଥିଲେ। ନିର୍ବାହୀ ଯନ୍ତ୍ରୀ (କୃଷି) ରବି ନାରାୟଣ ମିଶ୍ର , ଗଞ୍ଜାମ କୃଷି ଯନ୍ତ୍ରପାତି ବିଷୟରେ ଉଦବୋଧନ ରଖିଥିଲେ ଏବଂ ଆଧୁନିକ ଯନ୍ତ୍ରପାତି ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ବିଭାଗର ଅଧିକାରୀ ଯଥା ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷ୍ମିତା ପ୍ରଧାନ, ଭେଟେରିନାରି ଅସିଷ୍ଟାଣ୍ଟ ସର୍ଜନ ଡ଼. ଏସ. କେ. ରେଡ଼ି, ସହକାରୀ କୃଷି ଅଧିକାରୀ, ଏପିକଲ ଆଶିଷ ଦାସ, ସହକାରୀ ଉଦ୍ଭିଦ ଉଦ୍ୟାନ ଅଧିକାରୀ ଐଶ୍ୱର୍ଯ୍ୟ ପଣ୍ଡା ଓ ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀମାନେ ତାଙ୍କ ଅନୁଭବ ବାଣ୍ଟିଥିଲେ। ଜିଲା ସଂଯୋଜକ ଚିନ୍ମୟ କୁମାର ବେହେରା ଯୋଜନା ସମ୍ବନ୍ଧୀୟ ନିୟମାବଳୀ ଓ ଗାଇଡଲାଇନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସମ୍ପୃକ୍ତ ଯୋଜନା ଅଧିକାରୀ ବିଷ୍ଣୁ ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ


ମନ୍ତ୍ରୀ ଓ ଅନ୍ୟମାନେ

ଛତ୍ରପୁର,୧୧।୧୦
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆଭାସୀ ମାଧ୍ୟମରେ ପ୍ରଧାନ ମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳ କୀର୍ତ୍ତି ୱାସନ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଧାନ ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଉତ୍ପାଦନରେ ଭାରତ ବର୍ଷକୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ଡାଲି ଉତ୍ପାଦନ ବୃଦ୍ଧି କୃଷି ଭାଇ ଭଉଣୀ ମାନେ ଆତ୍ମନିର୍ଭରଶୀଳ ହେବେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ସମ୍ମାନିତ ଅତିଥି ଭାବେ ଆସିକା ଏମପି ଅନିତା ଶୁଭଦର୍ଶିନି,ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ଯୋଜନା ଭାରତ ବର୍ଷରେ ୧.୭କୋଟି କ୍ଷୁଦ୍ର ଓ ନାମ ମାତ୍ର କୃଷକ ,ମହିଳା, ଏବଂ ଯୁବକ ଯୁବତୀଙ୍କୁ ନୂତନ ଜ୍ଞାନ କୌଶଳ,ତାଲିମ ପ୍ରକୃଷ୍ଟ ବଜାର ଯୋଗେଇ ଦେବାକୁ ଲକ୍ଷ୍ୟ ରଖିଛି।

# ରଘୁନାଥ ପଣ୍ଡା ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୧୧।୧୦(ସ୍ମୃତି ରଞ୍ଜନ ମହାଲିକ): ଚାଷୀ ନେତା, କମ୍ୟୁନିଷ୍ଟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ କବିରାଜ ରଘୁନାଥ ପଣ୍ଡାଙ୍କ ତିରୋଧାନ ଦିବସ ଆସନ୍ତା ୧୪ ତାରିଖରେ ପାଳନ ହେବ। ଏଥିପାଇଁ ରଘୁନାଥ ପଣ୍ଡା ସ୍ମୃତି କମିଟି ପକ୍ଷରୁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ସକ୍ରିୟ କର୍ମୀ ଥିଲେ। ସେ ଆୟୁର୍ବେଦ ଚିକିତ୍ସକ, ଗୁଣ୍ଡପଡା ହାଇସ୍କୁଲର ପ୍ରତିଷ୍ଠାତା, ଗୁଣ୍ଡପଡ଼ାର ପୂର୍ବତନ ସରପଞ୍ଚ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ତାଙ୍କର ତିରୋଧାନ ଦିବସରେ ଗିରିରୋଡ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ସ୍ମୃତିସଭା ହେବ ବୋଲି ସ୍ମୃତି କମିଟିର ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଅଲ ଇଣ୍ଡିଆ ଖେତ ମଜଦୂର କିଶାନ ସଭାର ଜିଲା ସଭାପତି ଅବନୀ ଗୟା, ଶିକ୍ଷକ ସଙ୍ଗଠନ ନେତା ବିଜୟ ଚନ୍ଦ୍ର ବିଷୋୟୀ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

# ଅପହୃତା ନାବାଳିକା ମୁମ୍ବାଇରୁ ଉଦ୍ଧାର

## ବଳାତ୍କାର ମାମଲାରେ ବନ୍ଧାହେଲେ ଯୁବକ

ବ୍ରହ୍ମପୁର,୧୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ):

ବର୍ଷକ ତଳେ ବ୍ରହ୍ମପୁରରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ବଡ଼ବଜାର ଥାନା ପୋଲିସ ମୁମ୍ବାଇରୁ ଉଦ୍ଧାର କରିଛି। ତାଙ୍କୁ ଅପହରଣ କରିଥିବା ଜଣେ ଯୁବକଙ୍କୁ ବାନ୍ଧିଛି। ସେ ହେଲେ ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ରାଜୁଧୋବା ସାହିର ସୁକାନ୍ତ ମହାନ୍ତି(୨୭) । ମାମଲା ନଂ.୩୨୦/୨୫ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ବଡବଜାର ଥାନା ଅଞ୍ଚଳର ନାବାଳିକା(୧୬)ଙ୍କୁ ଜଣେ ଯୁବକ ଅପହରଣ କରି ନେଇଯାଇଥିବା ଗତବର୍ଷ ସେପ୍ଟେମ୍ବର ୧୩ ତାରିଖରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ଓ ନାବାଳିକାଙ୍କ ମୋବାଇଲ ଫୋନ୍ ଟ୍ରାକିଂ କରୁଥିଲା । ସୁକାନ୍ତ ନାବାଳିକାଙ୍କୁ ନେଇ ପ୍ରଥମେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ୪ ମାସ ରହିବା ପରେ ଉଭୟେ ମୁମ୍ବାଇ ଯାଇ ଘରଭଡା ନେଇ ରହିଥିଲେ। କିଛି ଦିନ ତଳେ ଅପହୃତ ନାବାଳିକା ଓ ଅଭିଯୁକ୍ତ ସୁକାନ୍ତ ମୁମ୍ବାଇରେ ରହୁଥିବା ଜଣାପଡିବା ପରେ ପୋଲିସ ଟିମ ମୁମ୍ବାଇ ଯାଇଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର ସହ ସୁକାନ୍ତଙ୍କୁ କାବୁ କରାଯାଇଥିଲା। ନାବାଳିକାଙ୍କ ବୟାନ ଆଧାରରେ ପୋଲିସ ଅପହରଣ ଓ ବଳାତ୍କାର ଅଭିଯୋଗରେ ସୁକାନ୍ତଙ୍କୁ ଗିରଫ କରିଛି ।

# ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ପାଳିତ

ବ୍ରହ୍ମପୁର,୧୧।୧୦(ସ୍ମୃତି ରଞ୍ଜନ ମହାଲିକ) ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ମିଶନ ଶକ୍ତି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏସଡବ୍ଲୁଓ ବିଜୟ ଲକ୍ଷ୍ମୀ ବେହେରା, ସିଡିପିଓ ରାଣୀ ରାଉଳ ଓ ୩୨ ନଂ ୱାର୍ଡ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଅତିଥି ରୂପେ ଯୋଗ ଦେଇଥିଲେ। ପୃଷ୍ଟି, ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି କରିବା। ଶୈଶବ ଅବସ୍ଥାରେ ଶିଶୁଙ୍କୁ କିଭଳି ଯତ୍ନ ନେବା ସଂପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ନେଇ ଚାରାରୋପଣ କରାଯାଇଥିଲା। ଅଞ୍ଚଳ ପରିଦର୍ଶିକା ସବିତା ଜେନା, ପ୍ରେମାବତୀ ଦାଶ, ରୁନୁ ଦାସଙ୍କ ସମେତ ଅଙ୍ଗନୱାଡି କର୍ମୀ ଓ ସହାୟିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମୁଦ୍ରରେ ଭାସିଯାଉଥିବା ଯୁବକଙ୍କୁ ଉଦ୍ଧାରକଲେ ଗୃହରକ୍ଷୀ

ଗୋପାଳପୁର,୧୧।୧୦(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଶନିବାର ଅପରାହ୍ନରେ ଜଣେ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ମୁକୁନ୍ଦ ସାହିର ସତ୍ୟ ସାମନ୍ତରାୟ। ଖବର ଅନୁସାରେ ସତ୍ୟଙ୍କ ପରିବାର ଲୋକେ ଶନିବାର ଅପରାହ୍ନରେ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ସତ୍ୟ ଓ ଅନ୍ୟମାନେ ସମୁଦ୍ରରେ ଗାଧେଇଥିଲେ। ହଠାତ ଏକ ଜୁଆରରେ ସତ୍ୟ ସମୁଦ୍ରର ପ୍ରାୟ ୪୦୦ ମିଟର ଭିତରକୁ ଚାଲି ଯାଇଥିଲେ। ପରିବାର ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ଗୃହରକ୍ଷୀ ଚିଟି ବାବୁ ଓ ଜି.କାଳୀ ଶଙ୍କର ସମୁଦ୍ର ଭିତରୁ ଯାଇ ସତ୍ୟଙ୍କୁ ମୃତ୍ୟୁ ମୁଖରୁ ଟାଣି କୂଳକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ହୋଇଯାଇଛି। ସୂଚନାଯୋଗ୍ୟ, ଗୋପାଳପୁର ସମୁଦ୍ର ବେଳାଭୂମିରେ ଗାଧୋଇବା ସମୟରେ ଜୁଆରରେ ପର୍ଯ୍ୟଟକମାନେ ଭିତରକୁ ଚାଲିଯାଇ ବୁଡି ଯାଇଥାନ୍ତି। ଗତ ୧୭ ବର୍ଷ ମଧ୍ୟରେ ଏପରି ମୃତ୍ୟୁମୁଖରୁ ୨୫୩ ଜଣଙ୍କୁ ଗୃହରକ୍ଷୀମାନେ ଉଦ୍ଧାର କରିଛନ୍ତି। ୨୭ ଜଣ ମୃତ୍ୟୁ ଘଟିଥିବା ଜଣାପଡିଛି।


ଯୁବକଙ୍କୁ ଉଦ୍ଧାର କରୁଛନ୍ତି ଗୃହରକ୍ଷୀ

# କଳା ଓ କଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ

## ଅପୂର୍ବ ପଟ୍ଟନାୟକ ସମ୍ମାନିତ



ବ୍ରହ୍ମପୁର,୧୧।୧୦(ଅଶୋକ କୁମାର ସାହୁ) ବ୍ରହ୍ମପୁରସ୍ଥିତ ଗଞ୍ଜାମ କଳା ପରିଷଦରେ କଳା ଓ କଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ନାଟକ 'ତିତିଲି' ମଞ୍ଚସ୍ଥ ହୋଇଥିଲା। ମଣିଷ ଯେତେବେଳେ ସ୍ୱାର୍ଥପର ହୋଇଯାଏ ସେତେବେଳେ ଭଲମନ୍ଦ ଭାବିବାକୁ ତା ପାଖରେ ଜ୍ଞାନ ନ ଥାଏ । ଏଭଳି ଘଟଣା ଘଟିଛି ଅବସରପ୍ରାପ୍ତ ଡିଏସପି ସୁଜିତ ମହାନ୍ତିଙ୍କ ଜୀବନରେ। କ୍ୟାନସରରେ ସ୍ତ୍ରୀଙ୍କ ମୃତ୍ୟୁ ପରେ ତାଙ୍କୁ ମଧ କ୍ୟାନସର ହୋଇଥିବା ଡାକ୍ତର କୁହନ୍ତି। ସେ କିନ୍ତୁ ମୃତ୍ୟୁକୁ ସାମନା କରିବାକୁ ପ୍ରସ୍ତୁତ ନୁହନ୍ତି। ଜୀବନ ପ୍ରତି ତାଙ୍କର ଲୋଭ ବଢିଯାଏ । ନିଜକୁ ବଞ୍ଚାଇବା ପାଇଁ ନିଜ ପରିବାରକୁ ବାଜି ଲଗାଇ ଦିଅନ୍ତି ସେ । ସୁଜିତାଭ ମହାନ୍ତିଙ୍କ ସ୍ୱାର୍ଥର ଜାଲରେ ଛନ୍ଦିହୋଇ ବଡପୁଅ ଆକାଶଙ୍କ ମୃତ୍ୟୁ ଘଟେ। ବୋହୁ ସୁମିତ୍ରା, ସାନ ପୁଅ ଭିକି ଓ ଝିଅ ତିତିଲି ସମସ୍ତେ ଛଟପଟ ହୁଅନ୍ତି ଜୀବନ ସ୍ରୋତରେ । ଏହାର ସୁଯୋଗ ନେଇଛି ସୁଜିତାଭଙ୍କ ଦୂର ସମ୍ପର୍କୀୟ ପୁତୁରା ରୋହିତ ରାୟ । ସାନ ଝିଅ ତିତିଲି ନିଜ ପରିବାରକୁ ସେହି ଜାଲରୁ ମୁକୁଳାଇଲେ। ଏଭଳି କିଛି ଘଟଣାକୁ ଦର୍ଶକଙ୍କ ନିକଟରେ ପରସି ଥିଲା ତିତିଲି। ନାଟ୍ୟକାର ସ୍ୱର୍ଗତ ରଣଜିତ ପଟ୍ଟନାୟକଙ୍କ ନାଟକ "ତିତିଲି "କୁ ରାଜୁ ପାଢ଼ୀ ଏବଂ ସୁବୋଧ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ। ସଂଗୀତରେ ଥିଲେ କାହ୍ନୁ ମହାପାତ୍ର ବିଭିନ୍ନ ଭୂମିକାରେ ଇ ମନୋଜ ଦଣ୍ଡପାଟ, ଡ ମିହିର କୁମାର ତ୍ରିପାଠୀ, ଗିରିଜା ଶଙ୍କର ଦାଶ, ସନ୍ଦୀପ ପଟ୍ଟନାୟକ, ବିନାୟକ ହୋତା, ରବୀନ୍ଦ୍ର କୁମାର ନାୟକ, ସରୋଜ କୁମାର ବାରିକ, ସୁନନ୍ଦା ରାଣୀ ସାହୁ, ପ୍ରୀତି ମଞ୍ଜରୀ ପ୍ରତିନିଧି ଏବଂ ମାନସୀ ସାହୁ ରହିଥିଲେ। ସଭାରେ ସଭାପତି ଇ ଅରୁଣ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଅତିଥିଭାବେ ବ୍ରହ୍ମପୁରର ବିଧାୟକ କେ. ଅନିଲ କୁମାର ଯୋ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ପୁରୁଷୋତ୍ତପୁର ବ୍ଲକର ପୂର୍ବତନ ଅଧକ୍ଷା ମିନତୀ ପ୍ରଧାନ, ଗୀତିକାର ତଥା ନାଟ୍ୟକାର ତିରୁପତି ସାହୁ, ସାହିତ୍ୟିକ ଇ ଯାମିନୀ କାନ୍ତ ଦାସ, ନାଟ୍ୟଶ୍ରୀ ଓଡିଶା ସାଂସ୍କୃତିକ ସଂସଦର ସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ନାଳନ୍ଦାଶ୍ରୀ ମହାବିଦ୍ୟାଳୟର ଅଧକ୍ଷ କାଳି ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଇ.ଅପୂର୍ବ ପଟ୍ଟନାୟକଙ୍କୁ କଳା ଓ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଗୀତ ନିର୍ଦ୍ଦେଶକ ତାପସ ପାଣିଗ୍ରାହୀ, ଯୋଗେଶ୍ୱିନୀ ଗୌଡ଼, ବିମଳ କୁଣ୍ଡୁ, ସତ୍ୟ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତା ହୋଇଥିଲା । ୬୫ ପ୍ରତିଯୋଗୀ ଭାଗ ନେଇଥିଲେ। ଗୁରୁ ନୀଳାଞ୍ଚଳ ବେହେରା, ଅଶ୍ୱିନୀ ମହାପାତ୍ର, ତାପସ ପାଣିଗ୍ରାହୀ, ସୁଜ୍ଞାନୀ ଆଚାର୍ଯ୍ୟ, ପ୍ରତିମା ନାୟକ ଏବଂ ସୁରଜ ଡାକୁଆ ପ୍ରମୁଖ ବିଚାରକଥିଲେ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ...

ଡାକ୍ତରୀ ଶିକ୍ଷା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଏହି ଘଟଣା ୨୦୨୪ ଅଗଷ୍ଟ ୯ରେ କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ସ୍ମୃତିକୁ ଉଜାଗର କରିଛି। ଆର୍.ଜି. କର ଘଟଣା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିବା ସହ କ୍ୟାମ୍ପସ୍ ସୁରକ୍ଷାରେ ସଂସ୍କାର ପାଇଁ ଦାବି ଉଠିଥିଲା। କିନ୍ତୁ ଏହାର ୧୪ ମାସ ପରେ ପୁନର୍ବାର ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ମମତା ବାନାର୍ଜୀ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା ବିରୋଧୀ ଭାଜପା ସମାଲୋଚନା କରିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର Xରେ କହିଛନ୍ତି, ପଶ୍ଚିମବଙ୍ଗ ବଳାତ୍କାରୀ ଓ ଅପରାଧୀଙ୍କ ପାଇଁ ଚାରଣଭୂମି ପାଲଟିଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅମଳରେ ରାଜ୍ୟରେ ମହିଳାମାନେ ଆଉ ସୁରକ୍ଷିତ ନୁହନ୍ତି। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ମଧ୍ୟ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ୍ୟାମ୍ପସରେ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ମମତା ସରକାର ବିରୋଧରେ ସ୍ଲୋଗାନ ଦେଉଥିବାବେଳର ଫଟୋ ସେୟାର କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ବିରୋଧୀ ଦଳଗୁଡ଼ିକୁ ଟିଏମ୍‌ସି ପରାମର୍ଶ ଦେଇଛି। ସେପଟେ ପଡ଼ିତାଙ୍କ ବାପା ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରୁନାହାନ୍ତି। ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ସୋଇଥିଲେ ଦୋଷୀଙ୍କ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ବୋଲି ପଡ଼ିତାଙ୍କ ବାପା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସମ୍ପର୍କରେ ଉଦ୍‌ବେଗ ଜଣାଇଛନ୍ତି ଓ ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ଏକ ପୋଷ୍ଟକରି କହିଛନ୍ତି, ଏହି ଖବର ଶୁଣି ସେ ଗଭୀର ମର୍ମାହତ। ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମମତାଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରିବା ସହ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ଯୋଗାଯୋଗକରି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ିତାଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ବିବାଦରେ ଆଫଗାନ...

ଗୁହେଁ ବୋଲି ଶନିବାର ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏଭଳି ଭେଦଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ତାଙ୍କର ନାରୀ ଶକ୍ତି ସ୍ଲୋଗାନ୍‌ର ଫମ୍ପା ଆଵାଜକୁ ପଦାରେ ପକାଇଥିବା ବିରୋଧୀ କହିଛନ୍ତି। ଏକ ସର୍ବସାଧାରଣ ଫୋରମ୍‌ରୁ ମହିଳା ଖବରଦାତାଙ୍କୁ ବାଦ୍‌ଦେବା ଘଟଣାରେ ପ୍ରଧାନମନ୍ତ୍ରୀଙ୍କର ଏହା ନିରବତା ଛିଡ଼ାହେବାକୁ ଦୁର୍ବଳ ବୋଲି ପ୍ରତେୟକ ଭାରତୀୟ ମହିଳାଙ୍କୁ ଜଣାଇଦେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହାକୁ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କହିଛନ୍ତି ଏଭଳି ଘଟଣା ଦେଶର ଅଧିକାଂଶ ଦକ୍ଷ ମହିଳାଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଭାରତରେ ମହିଳା ସାମ୍ବାଦିକଙ୍କୁ ନିଷେଧ କରିବା ଘଟଣାକୁ ଭାରତ ସରକାର କିପରି ଗ୍ରହଣ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଏଥିରେ କୌଣସି ଭୂମିକା ନ ଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଫଗାନ ମନ୍ତ୍ରୀଙ୍କ ଗସ୍ତ ପାଇଁ ଦିଲ୍ଲୀରେ ଅବସ୍ଥାପିତ ମୁମ୍ବଇର ଆଫଗାନ କନସୁଲ୍ ଜେନେରାଲ ମିଡ଼ିଆ ଖବରଦାତାମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତ ସରକାରଙ୍କ କ୍ଷମତା ପରିସରରେ ଆସୁ ନ ଥିବା ମନ୍ତ୍ରଣାଳୟ ସଫେଇ ଦେଇଛି।

### ତାଲିବାନ୍‌ଙ୍କ ପାଇଁ...

ମାନଙ୍କର ବିବେକ ଥିଲେ, ସେମାନେ ସେଠାରୁ ଉଠି ଚାଲିଯାଇଥାନ୍ତେ ବୋଲି ଓବୈସି ମେହମନ୍ଦୁଙ୍କୁ ସମାଲୋଚନା କରିଛନ୍ତି।ଆଫଗାନ ବୈଦେଶିକ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଖବରଦାତା ସମ୍ମିଳନୀରେ ମହିଳା ଖବରଦାତାଙ୍କ ଯୋଗଦେବା ଉପରେ କୌଣସି ଅନୁମତି ମିଳି ନ ଥିଲା। ତାଲିବାନ ଦ୍ୱାରା କାର୍ଯ୍ୟକାରୀ ଇସ୍‌ଲାମ ଅନୁଯାୟୀ, ମହିଳାମାନେ କେବଳ ଘରେ ରହି ପିଲାଙ୍କ ଯତ୍ନ

ନେବା ସହ ସ୍ୱାମୀ ଓ ପିଲାମାନଙ୍କ ସେବା କରିବେ ବୋଲି ଆଶା କରାଯାଏ। ସେଠାର ସ୍ତ୍ରୀବିଦ୍ୱେଷୀ ପୁରୁଷମାନେ ମହିଳାଙ୍କୁ ଘର ବାହାରେ ଦେଖିବାକୁ ଚାହାନ୍ତି ନାହିଁ ବୋଲି ତସ୍‌ଲିମା କହିଛନ୍ତି।

### ମହାକାଶ ଯିବ...

ଟେକ୍ନୋଲୋଜି ମାଧ୍ୟମରେ ସୃଷ୍ଟି କରାଯାଇଥିବା ଏହି ମହିଳା ରୋବୋ ମହାକାଶରେ ତଥ୍ୟ ସଂଗ୍ରହ କରି ଇସ୍ରୋକୁ ପଠାଇବ। ମହାକାଶର ପରିବେଶ ମଣିଷଙ୍କ ଉପରେ କିଭଳି ପ୍ରଭାବ ପକାଇବ, ସେଠାରେ ମଣିଷ ଜୀବିତ ରହିପାରିବେ କି ନାହିଁ ସେ ସମ୍ପର୍କରେ ବ୍ୟୋମମିତ୍ର ମାଧ୍ୟମରେ ଅନୁଧ୍ୟାନ କରାଯିବ। ଏଥିସହ ସେଠାକାର ତାପମାତ୍ରା, ବାୟୁର ଚାପ, ଆର୍ଦ୍ରତା ସମ୍ବନ୍ଧୀୟ ତଥ୍ୟ ପୃଥିବୀ ପୃଷ୍ଠକୁ ପଠାଇବ ରୋବୋ। ସେହିପରି ଗଗନ୍‌ଯାନ-୨ ପାଇଁ ମଧ୍ୟ ଆବଶ୍ୟକ ଯନ୍ତ୍ରାଂଶ ଏଠାରେ ତିଆରି କରାଯାଇଥିଲା ବୋଲି ସିଟିସିର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସିଟିସି ପକ୍ଷରୁ ଏକ ଡର୍କ ଫାସିଲିଟି ମଧ୍ୟ ବିକଶିତ କରାଯାଇଛି, ଯାହାକୁ ଇସ୍ରୋ ମହାକାଶର କ୍ଲିନ୍ କାର୍ଯ୍ୟରେ ବ୍ୟବହାର କରିପାରିବ। ସିଟିସିର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର କହିଛନ୍ତି, ସ୍ପେସ୍‌ରେ ଯେଉଁସବୁ ପୁରୁଣା ସାଟେଲାଇଟ୍ ଘୂରିବୁଲୁଛି, ସେ ସବୁକୁ କ୍ଲିନ୍ କରିବା ପାଇଁ ଏହି ଡର୍କ ଫାସିଲିଟି ପ୍ରସ୍ତୁତ ହୋଇଛି। ଏହା ଚନ୍ଦ୍ରୟାନ ଲାଣ୍ଡ କରିଥିବା ପ୍ଲାନ ଅନୁସାରେ ଏହାର ନାମ 'ଶିବଶକ୍ତି' ରହିଛି। ଏହି ଅତ୍ୟାଧୁନିକ ମେସିନ ସ୍ପେସ୍ ଷ୍ଟେଶନରୁ ସମସ୍ତ ଅଦରକାରୀ ବା ପୁରୁଣା ସାଟେଲାଇଟ୍‌କୁ ସଂଗ୍ରହ କରିବ ବୋଲି ସେ କହିଛନ୍ତି। ସେହିପରି ସିଟିସିର ପ୍ରଡକ୍ସନ ମ୍ୟାନେଜର କେ. ବିଜୟ କୁମାର କହିଛନ୍ତି, ଇସ୍ରୋ ପାଇଁ ସିଟିସି ବହୁ ଦିନରୁ କାର୍ଯ୍ୟ କରୁଛି। ଏହି ଜିନିଷ ସବୁ ତିଆରି କରିବା ପାଇଁ ବହୁ କମ୍ପୋନେଣ୍ଟର ବ୍ୟବହାର କରାଯାଇଛି। ତେବେ ରୋବୋ 'ବ୍ୟୋମମିତ୍ର'ର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଆରମ୍ଭ କରାଯାଇଛି। ଏଥିରେ ୩ଡି ସହିତ ବହୁ ଆଧୁନିକ ଉପକରଣ ବ୍ୟବହାର କରାଯାଇଛି। ମହାକାଶରେ ରୋବୋ ଷ୍ଟାର୍ଟ କରିବା ସହିତ ରାଡାରର ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।

---

## ODISHA MINING CORPORATION LIMITED

OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES Mining Happiness

### E-auction Notice (17.10.2025 - 195th & 196th E-auction)
### IRON ORE CLO & FINES

**No.CAD-1964** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna - Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 17.10.2025**. For details, please visit the website of MSTC i.e. www.mstcecommerce.com

OIPR-30005/11/0279/2526 **Chief General Manager (S&M)**

---

## ODISHA MODEL TRIBAL EDUCATION SOCIETY (OMTES)
## ST & SC DEVELOPMENT, M & BCW DEPARTMENT, GOVERNMENT OF ODISHA
## ADDENDUM

No.CAD-An addendum to the Request for Proposal (RFP) No.865 dated 26.09.2025 has been uploaded on the official websites of ST & SC Development Department and OMTES, regarding the conduct of the 4th National EMRS Sports Meet, 2025, scheduled to be held in Sundargarh District from 11th to 15th November 2025.

For details of the Addendum, please visit website- www.omtes.org and http://stsc.odisha.gov.in.

OIPR-26009/11/0012/2526 **Sd./- Secretary, OMTES**

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୦୩୭୪, ଇପିବିଏକ୍ସ: (୦୬୭୪) ୨୩୯୦୫୪୨, ୨୩୯୦୦୫୪
ଫାକ୍ସ: (୦୬୭୪) ୨୩୯୦୩୫୨, ୱେବ୍‌ସାଇଟ: https://oshb.org

ପତ୍ର ସଂଖ୍ୟା: ୧୬୫ ତା:୧୮।୦୯।୨୫

### ବିଜ୍ଞାପନ

No. CAD-1983: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.-୧-୬୩ (MIG-1-63), ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ, ଝାରସୁଗୁଡ଼ାରେ ଶ୍ରୀ ବିଭୂତି କୁମାର ତିୱାରୀ, ପିତା: ସୁଦିଶ ତିୱାରୀ, ଗ୍ରା: ରୋଖାଳା ରୋଡ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଭୂତି କୁମାର ତିୱାରୀ ଉକ୍ତ ଗୃହଟିକୁ ହସ୍ତାନ୍ତର ପତ୍ର ଆଧାରରେ ଶ୍ରୀମତୀ ଦଲଜିତ କଉର, ପିତା: ଚରଣ ସିଂ, ଗ୍ରା: ହାଉସିଂ ବୋର୍ଡ କଲୋନୀ, ପୋ: ଏକାତାଳୀ, ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିଜ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ହେବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଉପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0884/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

---

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION NO.-II, KEONJHAR

E-mail : eerw_kjr2@yahoo.com

No.O-959

### "e" Procurement Notice for Road Works
### Identification No. Online NCB - 08/2025-26

| | | |
|---|---|---|
| 1 | Name of the work | Road Works |
| 2 | Total Number of Work | 24 Nos. |
| 3 | Estimated Cost | Rs.5.08 Lakhs to Rs.52.54 Lakhs |
| 4 | Class of Contractor | 'D', 'C' & 'B' Class |
| 5 | Period of Completion | As per annexure of e-Procurement Notice No.08/2025-26 |
| 6 | Other Details | |

| Procurement Officer | Bid Identification No. | Availability of tender Online for bidding From | To | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.08 | Dt.15.10.25 at 11.00 A.M. | Dt.30.10.25 up to 5.00 P.M. | Dt.29.10.25 up to 5.00 P.M. | Dt.31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

OIPR-25093/11/0022/2526 **Sd./- Executive Engineer R.W.Divn. No.-II, Keonjhar**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

No.B-592

Mail ID : sepwdsbp@rediffmail.com

### e-Procurement

**BID IDENTIFICATION NO. CCENC (R AND B) / 14 / 2025-26**
**No. 3703 Dtd. 06.10.2025**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work and Bridge Work** as detailed in the DTCN from the eligible class of contractors.
2. No. of works : **(02 Nos) (Road Works)**
3. Tender Cost : **Rs. 10,000/-**
4. Class of contractor : **"A" Class and "Special" Class**
5. Date & Time of available in website & receipt of Bids from **14.10.2025** to **17.00 hours of 29.10.2025.**
6. Date of opening of Technical Bid **30.10.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

OIPR-34035/11/0047/2526 **Sd./- Chief Construction Engineer Northern (R&B) Circle, Sambalpur**

---

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER SUNDARGARH FOREST DIVISION

No.MM-227

Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.07/2025-26

### Tender Notice Call for Construction of Civil Work

Office Order No.212 Dated 09.10.2025

| | | |
|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | |
| 2 | Nature of Works | Construction of Civil Work |
| 3 | Type of Works | 1.Construction of Forest Guard Qtr. of Gaddwar Beat, Gopalpur Section, Gopalpur Range under Sundargarh Forest Division 2.Construction of Forest Guard Qtr. of Gambharidihi Beat, Ujalpur Section, Ujalpur Range under Sundargarh Forest Division. 3.Construction of Forester Qtr. at Gundiadihi in Lephripara Range under Sundargarh Forest Division |
| 4 | Tender Cost | Rs.6000/- |
| 5 | Class of Contractor | "D", "C" & Class Contractor |
| 6 | Availability of bid document in the Sundargarh portal i.e. https://sundargarh.odisha.gov.in | From 10.00 AM of Dt.14.10.2025 to 5.00 P.M. of Dt.24.10.2025. |
| 7 | Date of Opening of Bid | At 11.00 A.M. of Dt.27.10.2025 |
| 8 | The Bidders have to participate in OFFLINE bidding only. | |

OIPR-08034/11/0024/2526 **Sd./- Divisional Forest Officer Sundargarh Forest Division**

---

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
### ଘୋଷଣା

File No.PT1-COLKHD-LA-MISC-0076-2023
Declaration No-1408/LA/KHD/25, Dated 16.08.2025

**No.XXXIII-21**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୁବନେଶ୍ୱର ସହର**, ୟୁନିଟ-୩୯, ଗାଡକଣ, ଥାନା-ନିଜ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତପସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୦.୦୧୩୫ ଡିସିମିଲ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା.୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୁବନେଶ୍ୱର ସହର** ୟୁନିଟ-୩୯ ଗାଡକଣ, ଥାନା-ନିଜ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି।

ତପସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯, ଗାଡକଣ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୩୩୦ ଡିସିମିଲ | ଏ ୦.୦୧୩୫ ଡିସିମିଲ | ଏଥି ସହିତ ସଂଲଗ୍ନ |

ତପସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୦୯.୨୦୨୫।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଖୋର୍ଦ୍ଧା

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

(ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,
ମୌଜା-ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକଣ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୧୯୦ | ୪୧ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୨୦୦ ଡି. | ଏ ୦.୦୦୫ ଡି. | ସୁଧାକର ସାହୁ, ପି:ଫଗେଇ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୩୬୨୭ | ୪୨/ ୧୦୯୩୨ | ଗରଚରି | ଏ ୦.୦୬୦ ଡି. | ଏ ୦.୦୬୦ ଡି. | ଗୋବିନ୍ଦ ନାୟକ, ପି: ବିଶ୍ୱନାଥ ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| | | | ୨୧୯୦ | ୪୨/ ୧୧୧୨୩ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୦୭ ଡି. | ଏ ୦.୦୦୦୭ ଡି. | ସୁଧାକର ସାହୁ, ପି: ଫଗେଇ ସାହୁ, ଜା: ତେଲି, ବା:ନିଜଗାଁ |
| | | | ୪୭୧୧ / ୩୦୨୪ | ୧୧୧୨୩ /୧୪୩୨୦ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୧୩ ଡି. | ଏ ୦.୦୦୧୩ ଡି. | ପ୍ରଫୁଲ୍ଲ କୁମାର ମଲ୍ଲିକ, ପି:ଧନେଶ୍ୱର ମଲ୍ଲିକ, ଜା:କଉରା, ବା: ପ୍ଲଟ ନଂ.ଏମ୍ଆଇଜି-୧ ୫୨/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |
| | | | ୪୮୯୦ | ୪୨/ ୧୧୧୨୭ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୬୦ ଡି. | ଏ ୦.୦୬୦ ଡି. | ଜୟଦୀପ ନାୟକ, ସ୍ୱା: ଭାବ ରଞ୍ଜନ ନାୟକ, ହେମ ରୋଗ ଚିନ୍ମୟ କୁମାର ନାୟକ, ଗୋପାଳ ନାୟକ, ପି: ଭାବ ରଞ୍ଜନ ନାୟକ, ଜା: ଖଣ୍ଡାୟତ, ବା: ଗୁରୁମୁହୀଁ, ଥାନା-ଦଳିପୁର, ଜିଲ୍ଲା-ମୟୂରଭଞ୍ଜ ଜଣ ବା:ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ ୦.୦୧୩୫ ଡିସିମିଲ

OIPR-24381/14/0009/2526 ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

---

## Government of Odisha
## "e" Procurement Notice

No.O-967

Letter No.3933, Dated 09.10.2025

**Bid Identification No.TENDER ONLINE SNPR-03 OF 2025-26**

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 02 (Two) Nos.
3. Approximate Estimated Cost : Vary from Rs.23.57 lakh to Rs.47.70 Lakh
4. Period of Completion: 06 (Six Calendar Months) to 9 (Nine Calendar Months)
5. Period and time of availability of bid document in the portal for bidding : 13.10.2025 at 11.00 AM to 24.10.2025 upto 5.00 PM.
6. Date and Time of Opening of Tender: 27.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

OIPR-25054/11/0037/2526 **Sd./- Executive Engineer Rural Works Division, Sonepur**

---

## "e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-03/25-26

No.1792 Date : 08.10.2025

**No.L-78** : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

| | | | |
|---|---|---|---|
| 1. | No. of work | : | 18 |
| 2. | Estimate cost | : | Rs.2,25,764.00 To Rs.39,52,939.00 |
| 3. | Period of completion | : | 60 days to 150 days |
| 4. | Date & time of availability of the Bid documents in the portal | : | Dt.13.10.2025 at 10.30 A.M. to Dt.24.10.2025 at 5.30 P.M. |
| 5. | Online Submission Last date in portal | : | Dt.24.10.2025 at 5.30 P.M. |
| 6. | Last date & time receipt of bids in offline drop | : | Dt.14.10.2025 at 10.30 A.M. to Dt.27.10.2025 at 5.30 P.M. |
| 7. | Bids received online shall be opened on | : | Dt.28.10.2025 at 11.00 A.M. |
| 8. | Name and address of the officer inviting Bids | : | Executive Engineer (Agril.) Mayurbhanj Division, Baripada |

Further details can be seen/downloaded from the procurement portal i.e. https:// tenderodisha.gov.in.

OIPR-01474/11/0013/2526 **Sd./- Executive Engineer (Agril.) Mayurbhanj Division, Baripada**

---

## OFFICE OF THE SORO MUNICIPALITY, SORO, BALASORE

No. 4471 Date: 10.10.2025

### "e" Procurement Notice
### BID Identification No. SOROM_03_2025-26

No. C-1257: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

| | | |
|---|---|---|
| 1. | Name of the Work | Construction of Civil work as mentioned in DTCN |
| 2. | No. of Works | 02 Nos. |
| 3. | Estimated Cost | As per Work List |
| 4. | Period of Completion | 180 days |
| 5. | Date & time of availability of bid documents in the portal | 13.10.25 at 10.00 A.M. to 22.10.25 upto 5.00 P.M. |
| 6. | Last date & time for receipt of bids in the portal | 22.10.2025 upto 05.00 P.M. |
| 7. | Technical Bid received online shall be opened on | 23.10.2025 at 10.00 A.M. |
| 8. | Financial Bid received online shall be opened on | 24.10.2025 at 10.00 A.M. |
| 9. | Name and address of the Officer Inviting Bid | Executive Officer, Soro Municipality |

Further details can be seen from the procurement portal i.e. **www.tendersodisha.gov.in**.

OIPR-13166/11/0019/2526 **Sd./- Executive Officer, Soro Municipality**

---

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER SUNDARGARH FOREST DIVISION

No.MM-225

Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.08/2025-26

### Tender Notice Call for Construction of Civil Work

Office Order No.214 Dated 09.10.2025

| | | |
|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | |
| 2 | Nature of Works | Construction of Civil Work |
| 3 | Type of Works | 1.Excavation of Large Water Body (50x40x3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division. 2.Excavation of Large Water Body (50x40x3 mtr) at Garjanpahad RF near Sotali village of Hemgir Section in Hemgir Range under Sundargarh Forest Division. 3.Excavation of Large Water Body (50x40x3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division |
| 4 | Tender Cost | Rs.6000/- |
| 5 | Class of Contractor | "D" & "C" Class Contractor |
| 6 | Availability of bid document in the Sundargarh portal i.e. https://sundargarh.odisha.gov.in | From 10.00 AM of Dt.17.10.2025 to 5.00 P.M. of Dt.27.10.2025. |
| 7 | Date of Opening of Bid | At 11.00 A.M. of Dt.30.10.2025 |
| 8 | The Bidders have to participate in OFFLINE bidding only. | |

OIPR-08034/11/0022/2526 **Sd./- Divisional Forest Officer Sundargarh Forest Division**

---

## ODISHA LIFT IRRIGATION CORPORATION LTD.

(A GOVERNMENT OF ODISHA UNDERTAKING)
Plot No. 17/2, NAYAPALLI, BHUBANESWAR- 12
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com

### REQUEST FOR PROPOSAL (e-Tender)
### RFP Advt. No. IT-25/2025/8359/OLIC, Dated : 09.10.2025

**No.CAD-1986** : Request for Proposals are Invited from Eligible Bidders for "Selection of Recruitment Agency to conduct Computer Based Test (CBT) for Recruitment of different Posts for and on behalf of 'Odisha Lift Irrigation Corporation Limited' ".The tender document with all information relating to the tender process, including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website http//:odishalift.com and www.tendersodisha.gov.in

| | | |
|---|---|---|
| 1 | Availability of RFP document | From Date 10.10.2025 at 11.00 AM Downloadable from website: http//:odishalift.com and www.tendersodisha.gov.in |
| 2 | Pre-Bid Meeting | On Date 18.10.2025 at 16:00 Hours at OLIC Conference Hall. |
| 3 | Last date and time for online Submission of completed proposal. | Through e-Procurement Portal: <www.tendersodisha.gov.in> Dt. 01.11.2025 up-to 17:00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On dt. 03.11.2025 at 11:30 Hours at OLIC Head Office |
| 5 | Technical Presentation by the Prequalified Bidders only | Shall be communicated to such bidders only via e-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |
| 7 | Place of opening of Technical & Financial Bids | Odisha Lift Irrigation Corporation Ltd., Plot No. N-17/2, Nayapalli, Bhubaneswar 751012 |

Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The authority reserves the right to cancel any or the entire selection process, may increase or decrease the quantity without assigning any reason thereof.

OIPR-32135/11/0064/2526 **Sd./- Managing Director OLIC Ltd, Bhubaneswar**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଏମ ବିର୍ଲା ହାର୍ଟ ହସ୍ପିଟାଲର ସଫଳତା




**ଭୁବନେଶ୍ୱର,୧୧।୧୦**

ବିଏମ ବିର୍ଲା ହାର୍ଟ ହସ୍ପିଟାଲ ପୂର୍ବ ଭାରତରେ ପ୍ରଥମ କେନ୍ଦ୍ର ଭାବେ ଡୁଆଲ-ଚାମ୍ବର୍ ଲିଡ୍‌ଲେସ୍ ସଫଳତାର ସହ ପ୍ରତ୍ୟାରୋପଣ କରିଛି। ଡାକ୍ତର ଅନିଲ ମିଶ୍ରଙ୍କ ନେତୃତ୍ୱରେ ଏହି ଅଭିନବ ଏଭେଇର୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଭିଟାମିନ କ୍ୟାପସୁଲ୍ ଆକାରର ଏହି ବେତାର ପେସମେକର୍ ଅପେକ୍ଷାକୃତ କମ୍ ବିପଦପୂର୍ଣ୍ଣ, ୧୮-୨୦ ବର୍ଷ ଆୟୁଷ ଓ ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ। ଏହା ହୃଦରୋଗ ଚିକିତ୍ସାରେ ଏକ ବିପ୍ଳବ ବୋଲି ହସପିଟାଲ ପକ୍ଷରୁ କୁହାଯାଇଛି।

# ମାଲାବାରର ହୀରା ଅଳଙ୍କାର ପ୍ରଦର୍ଶନୀ




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଷ୍ଟୋରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଶନିବାର ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମାଲାବାରର ସବ୍‌ବ୍ରାଣ୍ଡ 'ମାଇନ୍ ଡାଇମଣ୍ଡସ୍'ରୁ ଉତ୍କୃଷ୍ଟ ଡିଜାଇନ ଏଠାରେ ପ୍ରଦର୍ଶନ କରାଯାଇଛି। ହୀରା ହାର, ମୁଦି,କାନଫୁଲ, ନାକଫୁଲ, ବାଙ୍ଗେଲ ଆଦି ସ୍ୱତନ୍ତ୍ର ଡିଜାଇନ ସହ ଏଠାରେ ଉପଲବ୍ଧ ରହିଛି। ଧନ୍‌ତେରସ୍ ଏବଂ ଦୀପାବଳି ଅବସରରେ ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା, ମୂଲ୍ୟବାନ୍ ପଥର ଏବଂ ଅନ୍‌କଟ୍ ହୀରା ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀଙ୍କୁ ୨୫୦୦ ଟଙ୍କା କ୍ୟାଶ୍ ବ୍ୟାକ୍ ପ୍ରଦାନ କରୁଛି। 'ମାଲାବାର'ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଚନ୍ଦ୍ରଶେଖରପୁରରେ ହୀରା ଅଳଙ୍କାର ପ୍ରଦର୍ଶନୀ ଆରମ୍ଭକରି ଖୁବ୍ ଆନନ୍ଦିତ। ଗ୍ରାହକଙ୍କ ପାଇଁ ଏକ ଉତ୍କୃଷ୍ଟ ହୀରା କଲେକ୍ସନ ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ଷ୍ଟୋର ଜିଏମ୍ ଗୌରୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ମାଲାବାର ସର୍ବନିମ୍ନ ୧୫ ହଜାର ଟଙ୍କାରୁ ହୀରା ଅଳଙ୍କାର ପ୍ରଦର୍ଶନୀ ବିକ୍ରି ଆରମ୍ଭ କରିଛି। ଆଡଭାନ୍ସ ବୁକିଂକରି ଗ୍ରାହକ ଅଧିକ ଉପକୃତ ହୋଇପାରିବେ । ବୁକିଂ ତାରିଖ ଓ କ୍ରୟ ତାରିଖ ମଧ୍ୟରୁ ସୁନା ଦାମ କମ୍ ରହିଥିବା ଦିନର ଦାମରେ ଗ୍ରାହକ ବୁକ୍ କରିଥିବା ଅଳଙ୍କାର ନେଇପାରିବେ। ଏହି ଅଫର ସାରା ଓଡ଼ିଶାର ୮ଟି ଷ୍ଟୋରରେ ବୈଧ ରହିବ ବୋଲି ସେ କହିଛନ୍ତି।

# ୨ୟ ଥର ପାଇଁ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ




**ଭୁବନେଶ୍ୱର,୧୧।୧୦**

ଦ୍ୱିତୀୟ ଥର ପାଇଁ ରାଜ୍ୟର ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ କମ୍ପାନୀ ଡିଅନ୍ ଗ୍ରୁପ୍‌କୁ ବିଜ୍‌ନେସ୍ ଓଡ଼ିଶା ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଡିଅନ୍ ଗ୍ରୁପ୍ ଗତ ୧ ଦଶନ୍ଧି ମଧ୍ୟରେ ଭୁବନେଶ୍ୱର ଏବଂ କଟକରେ ଏକାଧିକ ରିୟଲ ଇଷ୍ଟେଟ ପ୍ରୋଜେକ୍ଟ ସମ୍ପନ୍ନକରି ପ୍ରତିଷ୍ଠା ଲାଭ କରିଛି । ଏହି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିଅନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ମନୋଜ କୁମାର ସାହୁଙ୍କୁ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଥାଉକି, ଡିଅନ୍ ଗ୍ରୁପ୍ ପକ୍ଷରୁ କଟକ ତ୍ରିଶୂଳିଆଠାରେ ୯୦୦ ମେଗା ଫ୍ଲାଟ୍ ବିଶିଷ୍ଟ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

# ମନେ ପଡ଼ନ୍ତି

## ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜଚିନ୍ଦ୍ର କୁମାର ରାୟ**

ଜିତିକାରସ୍ୱାଁଲୋ, ଭିଙ୍ଗାରପୁର, ଖୋର୍ଦ୍ଧା

ଆବିର୍ଭାବ - ୨୭/୦୭/୧୯୬୮ • ତିରୋଧାନ - ୧୯/୧୦/୨୦୧୯

ଆଜିର ଏହି ପୁଣ୍ୟତିଥିରେ ଆମେ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ**

ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ବନ୍ଧୁ ଓ ପରିବାରବର୍ଗ

ଧ-୨୨୪୬

## ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାର ଦାସ**

ବାରିପଦା, ମୟୂରଭଞ୍ଜ

ଆବିର୍ଭାବ: ୦୧।୦୨।୧୯୪୬
ତିରୋଧାନ: ୦୫।୧୧।୨୦୨୦

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୨୨୪୭

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଫେଷ୍ଟିଭ କଲେକ୍ସନ୍




**ଭୁବନେଶ୍ୱର,୧୧।୧୦(ଅନୁରାଧା ମହାରଣା)**

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ) ଚଳିତ ପାର୍ବଣଋତୁରେ ଏହାର ଧନ୍‌ତେରସ୍ ସଗୁନ୍ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଏହି ଜୁଏଲେରି ବ୍ରାଣ୍ଡ ପାର୍ବଣ ଋତୁର ଉତ୍ସାହକୁ ପାଳନକରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସଗୁନ୍ କଲେକ୍ସନ ଯଥା ୟେଲୋ ଗୋଲ୍ଡ ଡାଇମଣ୍ଡ, ଆଣ୍ଟିକ୍ ଓ ପୋଲ୍‌କିରେ ନିର୍ମିତ ଡିଜାଇନଗୁଡିକର ଏକ ଫେଷ୍ଟିଭ ରେଞ୍ଜ ଆଣିଛି। ଏହି ସିଗ୍ନେଚର କଲେକ୍ସନକୁ ପରିପୂର୍ଣ୍ଣ କରୁଛି ସ୍ୱତନ୍ତ୍ର ଭାବେ ନିର୍ମିତ ଫେଷ୍ଟିଭ ଅଫରିଙ୍ଗ। ଦ ଲୋଟସ୍ କଲେକ୍ସନ ବାଏ ଏଭରଲାଇଟ୍‌ରେ ୯ କ୍ୟାରେଟ୍ ଗୋଲ୍ଡ ଜୁଏଲେରିରେ ଟ୍ରେଣ୍ଡି ଓ ହାଲୁକା ଜୁଏଲେରି, ଦ ତତ୍ତ୍ୱ କଲେକ୍ସନ ବାଏ ଗସିପ୍ ଫ୍ୟାଶନ-ଫର୍‌ୱାର୍ଡ ସିଲ୍‌ଭର ଜୁଏଲେରି, ପୁରୁଷଙ୍କ ପାଇଁ ଅହମ କଲେକ୍ସନ ଜୁଏଲେରି ରହିଛି । ପର୍‌ଫେକ୍ଟ ଲଭ୍ ହାର୍ଟସ ଆଣ୍ଡ ଆରୋସ୍ କଟ୍ ଡାଇମଣ୍ଡ ଜୁଏଲେରି ରହିଛି। ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ଜୋଇତା ସେନ୍ କହିଛନ୍ତି, ଧନତେରସ୍ ସଗୁନ୍ କ୍ୟାମ୍ପେନ ସୁନାର ପ୍ରତ୍ୟେକ ଝଲକ ପ୍ରେମର ଉଷ୍ମତାକୁ ପ୍ରତିଫଳନ କରୁଛି। ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଟୋବର ୭ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶୋ'ରୁମ୍‌ରେ ଉତ୍ସାହଜନକ ଡିଲ୍‌ର ଏକ ରେଞ୍ଜ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତିର ଲାଭ ଉପଭୋଗ କରିପାରିବେ।

# ସିଏମ୍‌ପିଡିଆଇ ପକ୍ଷରୁ ଖଣିଜ ସମ୍ଭାବନା ଉପରେ କର୍ମଶାଳା




**ଭୁବନେଶ୍ୱର,୧୧।୧୦**

ରାଞ୍ଚିସ୍ଥିତ ଏକ ହୋଟେଲରେ ସିଏମ୍‌ପିଡିଆଇ ପକ୍ଷରୁ 'ମିନରଲାଇଜ-୨୦୨୫: ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜକୁ ଉନ୍ମୁକ୍ତ କରିବା: ଅନୁସନ୍ଧାନ ଓ ଲାଭକାରୀ ମାର୍ଗ' ବିଷୟରେ ଦିନିକିଆ ରାଷ୍ଟ୍ରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଭାରତର ଆତ୍ମନିର୍ଭରତା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ସହାୟକ ହେବ। କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ. ପ୍ରସାଦ ଭର୍ଚୁଆଲ ମାଧ୍ୟମରେ କର୍ମଶାଳାର ଉଦ୍‌ଘାଟନ କରିଥିଲେ। କୋଲ ଇଣ୍ଡିଆର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ, ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଅନୁସନ୍ଧାନ) ଆର୍.କେ. ସିଂହ ନେଇଥିଲେ। ପ୍ରସାଦ ରେୟାର୍ ଆର୍ଥ ଏଲିମେଣ୍ଟ ଉପରେ କର୍ମଶାଳା ଆୟୋଜନ ପାଇଁ ସିଏମ୍‌ପିଡିଆଇକୁ ପ୍ରଶଂସା କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନରେ ବିବିଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

### GROOM WANTED

ବୟସ 27, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244




## REAL ESTATE

### SALE

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Book 3/4BHK premium flat at Jharapada canal road & Pokhariput, near Government Hospital @ 6000/- sqft. Handover December 2026. Contact- 7978584549.** D-76863

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497



## CONSTRUCTION

Construct your home with branded materials, all complete furnishing, price start 1350/- per sqft. 9827152441. D-76865




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

## AFFIDAVIT

I, Bibhuti Bhusan Mallick, S/o- Jogendra Mallick, At- Andarpur, P.O.- Kalyaninagar, P.S.- Madhupatna, Cuttack- 753013 declare by affidavit No.- 9998, dt 08.10.25 that henceforth I shall be known as Bibhuti Bhusan Mallick, S/o- Jogendra Mallick for all purposes. D-2239

I, Gautam Kumar Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha-752101 declare by this Affidavit No. 253, Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2226

By virtue of an affidavit sworn before the Executive Magistrate, Muniguda on dated 09.10.2025, (Sl No.- 1695/25) I, Yerukula Krishna Rao on behalf of my (minor) son Y. Akhil of Village/ P.O./P.S.- Muniguda, Dist.- Rayagada declare that I have changed my son's name from Y. Akhil to Yerukula Akhil. Henceforth, my son shall be known as Yerukula Akhil for all purpose. D-2236

By virtue of an affidavit sworn before the Executive Magistrate, Muniguda on dated 09.10.2025 (SL No.- 1694/25) I, Yerukula Lakshmi of Village/P.O./ P.S.- Muniguda, Dist.- Rayagada declare that I have changed my name from Y.Lakshmi to Yerukula Lakshmi. Henceforth, I myself shall be known as Yerukula Lakshmi for all purpose. D-2237

By virtue of affidavit sworn before Notary Public, Angul, dt 02.01.2025, I, Jitu Sahu, Address- Sanakerjanga, Golabandha Nisha, Angul, Odisha, India declare that I have changed my daughter's name from Ranee Sahu to Biswabijayani Sahu. Henceforth, she shall be known as Biswabijayani Sahu for all purposes. D-76498

By virtue of an affidavit sworn before the Notary Public, Cuttack on 23.07.2025, I, do hereby declare that I have changed my name & husband name from Bijay Pradarshanni Achary, W/o- Mrutyonjaya Acharya to Bijoya Priyadarshani Acharya, W/o- Mrutyunjay Acharya, Res.- Tarando, P.O.- Barua, Dist.- Kendrapara. Henceforth, I will be known as Bijoya Priyadarshani Acharya, W/o- Mrutyunjay Acharya for all purposes.
Sd./- BIJOYA PRIYADARSHANI ACHARYA D-2240

I, Natik Jain, S/o- Amit Kumar Jain, resident of Chauliaganj Main Road, Panna Villa, Nayabazar, Cuttack, Odisha 753004 declared by this affidavit No.- 77AA 229483, dtd. 10.08.2025 that now onwards I shall be known as Naitik Jain for all future purposes. D-2242

By virtue of an affidavit sworn before Notary Public, Bhubaneswar on dt. 04.10.2025, I, Jaya Narayan Akshil Nath, S/o- Late Krushna Chandra Nath, resident of Plot No.- 2072/2517, Gothapatana, Infront of Mantra Manor, P.O.- Malipada, Bhubaneswar, Dist.- Khurda-751029, Odisha declare that my actual and real name is Jaya Narayan Akshil Nath which reflect in my service record but in some documents my name was written as J. N. Akhil Nath and some other documents it is Jayanarayan Akhila Nath and other documents also written as J.N.A. Nath instead of my actual name i.e. JAYA NARAYAN AKSHIL NATH. That, Jaya Narayan Akshil Nath and J.N. Akhil Nath and Jayanarayan Akhila Nath and J.N.A. Nath is one and same person who is myself. Henceforth, I shall be known as JAYA NARAYAN AKSHIL NATH for all purposes. D-2233

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manoranjan Sahu, S/o- Haripad Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, PIN- 756019, Odisha declare by this affidavit No.- 2454, Vol.- XX, dated 25.09.2025, that now onwards I shall be known as MANORANJAN SAHOO for all future purposes. D-2243

By virtue of an affidavit sworn before the Executive Magistrate, Vyasanagar, dated- 04.07.2025, I, Santosh Kumar Jena, Addres: At/P.O.- Manatira, P.S.- Jakhapura, Dist.- Jajpur declare that I have changed my name from Santosh Jena to Santosh Kumar Jena. Henceforth, I shall be known as Santosh Kumar Jena for all purposes.
Sd./- Santosh Kumar Jena D-2245

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# କ୍ୟାରିୟର ପାଇଁ ସ୍ପୋର୍ଟ୍ସ

**କ୍ରୀଡା! ଏହା ନା କେବଳ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରେ, ବରଂ ଏହା କେବେ ସମାଜରେ ଜଣଙ୍କୁ ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ତ ଆଉ ପୁଣି କେବେ କ୍ୟାରିୟର ଗଢ଼ିବା ଦିଗରେ ବି ହୋଇଥାଏ ସହାୟକ...**



କ୍ରୀଡ଼ା ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରେ । ଯେଉଁଥିପାଇଁ ସ୍କୁଲ୍, କଲେଜସ୍ତରରେ ବି ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ତା'ଛଡ଼ା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ଲାଗି ଜିଲା, ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କୁ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । କେବଳ ଏତିକି ନୁହେଁ, ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ତଥା ଖେଳ କୋଟାରେ ଭଲ ଜବ୍ ପାଇବାର ଭରପୂର ସୁଯୋଗ ବି ରହିଛି ।

**ସ୍କୁଲ୍ ସ୍ତରରୁ ପଡ଼େ ମୂଳଦୁଆ:** କ୍ରୀଡ଼ାର ଆରମ୍ଭ ସ୍କୁଲ୍‌ସ୍ତରରୁ ହିଁ ହୋଇଥାଏ । ସିବିଏସ୍‌ସି, ଆଇସିଏସ୍‌ଇ ସହ ଷ୍ଟେଟ୍ ବୋର୍ଡ ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଖେଲୋ ଇଣ୍ଡିଆ ସ୍କୁଲ୍ ଗେମ୍ସ, ସ୍କୁଲ୍ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ, ବିଭିନ୍ନ ଇଣ୍ଟର ସ୍କୁଲ୍ ଟୁର୍ନାମେଣ୍ଟ ସହିତ ବିଭିନ୍ନ ଜିଲା, ରାଜ୍ୟ ତଥା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଏଥିରେ ଭଲ ପ୍ରଦର୍ଶନ କରୁଥିବା ଏବଂ ଏ ଦିଗରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ କ୍ରୀଡ଼ା ଏକାଡେମୀରେ ପ୍ରଶିକ୍ଷଣ ନେବା ଲାଗି ଭରପୂର ଅବସର ଯୋଗାଇ ଦିଆଯାଉଛି ।

**କଲେଜରେ କ୍ରୀଡ଼ା ଏବଂ ସ୍କଲାରଶିପ୍:** କେତେକ କଲେଜରେ ପାଠ ପଢ଼ିବା ଲାଗି ଖେଳ କୋଟାରେ ଆଡ୍‌ମିଶନ୍ ବ୍ୟବସ୍ଥା ବି ରହିଛି । ଦିଲୀ ୟୁନିଭର୍ସିଟି, ପଞ୍ଜାବ ୟୁନିଭର୍ସିଟି, ବନାରସ୍ ୟୁନିଭର୍ସିଟି ସମେତ ବିଭିନ୍ନ ରାଜ୍ୟର ଅନେକ ୟୁନିଭର୍ସିଟିରେ ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତ୍‌ମାନଙ୍କୁ ମାଗଣା ଆଡ୍‌ମିଶନ୍ ସହ ସ୍କଲାରଶିପ୍ ମଧ୍ୟ ମିଳିଥାଏ ।

**ଟ୍ୟାଲେଣ୍ଟ ହଣ୍ଟ୍ ଦେଉଛି ସୁଯୋଗ:** କ୍ରୀଡ଼ା ମନ୍ତ୍ରଣାଳୟର ୨୦୨୩-୨୪ର ବାର୍ଷିକ ରିପୋର୍ଟ ମୁତାବକ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ ଦ୍ୱାରା ଏହି ବର୍ଷ ମଧ୍ୟରେ ପ୍ରାୟ ୩ ହଜାର କ୍ରୀଡ଼ାବିତ୍‌ଙ୍କୁ ଟ୍ୟାଲେଣ୍ଟ ହଣ୍ଟ୍ ଜରିଆରେ ସ୍କଲାରଶିପ୍ ଦିଆଯାଇଛି । ସେମାନଙ୍କ ମଧ୍ୟରେ ପ୍ରାୟ ୬୦% ଗ୍ରାମାଞ୍ଚଳରୁ ଆସିଛନ୍ତି । ଏହି ସ୍କଲାରଶିପ୍‌ରେ ଖେଳାଳିଙ୍କୁ ବାର୍ଷିକ ୬.୨୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମିଳିଥାଏ ; ଯେଉଁଥିରେ ସେମାନଙ୍କୁ ସରକାରୀ ପ୍ରଶିକ୍ଷଣ କେନ୍ଦ୍ରରେ ମାଗଣା ରହିବା, ଖାଇବା ସହ କୋଚିଂ, ଟ୍ୟୁଶନ୍, ଉପକରଣ ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି । ଓଡ଼ିଶା, କର୍ନାଟକ, ହରିୟାଣା, ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟସ୍ତରୀୟ ସ୍ପୋର୍ଟ୍ସ ଏକାଡେମୀ ଦ୍ୱାରା ସ୍କଲାରଶିପ୍ ଏବଂ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

**ଖେଳ କୋଟାରେ ନିଯୁକ୍ତି:** ଏହି କୋଟାରେ ବର୍ତ୍ତମାନ ସରକାରୀ ସ୍ତରରେ ଭଲ ନିଯୁକ୍ତି ସୁଯୋଗ ମିଳିପାରୁଛି । ସ୍କୁଲ୍, କଲେଜ କିମ୍ବା ବିଭିନ୍ନ ସଂସ୍ଥାରେ ସ୍ପୋର୍ଟ୍ସ ଟିଚର, ଟ୍ରେନର୍, କୋଚ୍ ଭାବେ ନିଯୁକ୍ତି ପାଇପାରିବେ । ଏହା ବ୍ୟତୀତ ବିଶେଷକରି ରେଲ୍‌ୱେ, ସେନା ବିଭାଗ ଏବଂ ପୋଲିସ୍ ବିଭାଗ ପକ୍ଷରୁ ଏହି କୋଟାରେ ନିଯୁକ୍ତି ସୁଯୋଗ ରହିଛି । ରେଲ୍‌ୱେରେ କେତୋଟି ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଥିବା ବେଳେ କେତେକ ବିଭାଗରେ ରାଷ୍ଟ୍ରୀୟ ଏବଂ ଆନ୍ତଃରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରମାଣପତ୍ର ଓ ପଦକ ହାସଲ କରିଥିବା ଖେଳାଳିଙ୍କୁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ବିନା ଭଲ ସ୍ତରରେ ନିଯୁକ୍ତି ଦିଆଯାଇଥାଏ ।

**ସଠିକ୍ ଦିଗ ଜାଣିବା ଆବଶ୍ୟକ:** ସ୍କୁଲ୍-କଲେଜସ୍ତରରୁ ଯଦି କ୍ରୀଡ଼ାରେ ଭଲ ପ୍ରଦର୍ଶନ କରିବା ସହ ଏହାକୁ କେବଳ ଏକ ସଉକ ନୁହେଁ, ବରଂ ନିଶା ଭାବେ ଗ୍ରହଣ କରି ଅଭ୍ୟାସ ଜାରି ରଖିବେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ତେବେ ଭବିଷ୍ୟତରେ ଏହା କ୍ୟାରିୟର ପାଇଁ ବେଶ୍ ସହଯୋଗ କରିବ । ଏଥିପାଇଁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ମିଶନ୍ ଏବଂ ଯୋଜନା ବିଷୟରେ ମଧ୍ୟ ଭଲ ଭାବେ ଜାଣିବା ଆବଶ୍ୟକ, ଯାହାକି ଏ ଦିଗରେ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ ।

**ଜାଣିରଖନ୍ତୁ:** ଯଦି କ୍ରୀଡ଼ାରେ ରୁଚି ରହିଛି, ତେବେ ପାଠପଢ଼ା ସହିତ ଏଥିପାଇଁ ମଧ୍ୟ ସମୟ ଦେବାକୁ ପଡ଼ିଥାଏ । ତେଣୁ ଠିକ୍ ଭାବେ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ । ପ୍ରତିଦିନ ଅଭ୍ୟାସ ଜାରି ରଖନ୍ତୁ । କେଉଁଠାରେ, କେବେ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ କିଭଳି ଅଂଶଗ୍ରହଣ କରିବେ, ସେନେଇ ସମସ୍ତ ତଥ୍ୟ ଜାଣିରଖନ୍ତୁ । ଆବଶ୍ୟକସ୍ଥଳେ ଆରମ୍ଭରୁ କୋଚିଂ ନେଇପାରିଲେ ଅଧିକ ଉପକୃତ ହୋଇପାରିବେ ।







## କ'ଣ କୁହନ୍ତି ଏମାନେ...



**ଜଗନ୍ନାଥ ମହାନ୍ତ** (ସଫ୍ଟୱେର ଇଞ୍ଜିନିୟର, ଭୁବନେଶ୍ୱର)- ମୁଁ ଜଣେ ଅନ୍ତର୍ଜାତୀୟ ପର୍ବତାରୋହୀ । ଏହି ନିଶା ମୋତେ ବିଶ୍ୱ ରେକର୍ଡ ହାସଲ କରି ନିଜର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଛି । ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ ଉଚ୍ଚତାରେ -୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ କରିବାରେ ସଫଳ ହୋଇପାରିଛି । ଏହାବ୍ୟତୀତ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଭଳି ବିଭିନ୍ନ ରେକର୍ଡରେ ନିଜ ନାମ ପଞ୍ଜୀକରଣ କରାଇବାର ସୁଯୋଗ ପାଇଛି । ସେହିପରି ମାରାଥନ୍ ଦୌଡ଼ରେ ବି ସଫଳତା ହାସଲ କରିଛି । ବର୍ତ୍ତମାନ ୱିପ୍ରୋ ଭୁବନେଶ୍ୱର ଓଡ଼ିଶାରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ । ଟେକ୍ନୋଲୋଜିରେ ମୋର ବୃତ୍ତିଗତ କାର୍ଯ୍ୟ ସହିତ, ଗର୍ବର ସହ ୱିପ୍ରୋ ସ୍ପୋର୍ଟସ ଦଳକୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଖୁସି । କାରଣ କର୍ପୋରେଟ ଜଗତରେ ମଧ୍ୟ କ୍ରୀଡ଼ା କିପରି ଶୃଙ୍ଖଳା, ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଲିଡରଶିପ୍ ଏବଂ ଟିମ୍‌ୱାର୍କ କରିବାର କଳାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ତାହା ନିଜେ ଅନୁଭବ କରିଛି । ତା'ଛଡ଼ା ଏହା ଶାରୀରିକ ସୁସ୍ଥତା ବଜାୟ ରଖିବା, କାର୍ଯ୍ୟର ଚାପକୁ ଠିକ୍ ଭାବେ ପରିଚାଳନା କରିବା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ତେଣୁ ମୋ ମତରେ ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା କୋଟା କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ କ୍ରୀଡ଼ା କ୍ଷେତ୍ରରେ ରୁଚି ରଖୁଥିବା କ୍ରୀଡ଼ାବିତ୍‌ମାନେ ଏହାକୁ ଗମ୍ଭୀରତାର ସହ ଗ୍ରହଣ କଲେ ଭବିଷ୍ୟତରେ ଏହା ସେମାନଙ୍କୁ ଏକ ସଫଳ କ୍ୟାରିୟର ଗଢ଼ିବାରେ ସହାୟକ ହୋଇପାରିବ ସେଥିରେ ସନ୍ଦେହ ନାହିଁ ।



**ଜୟନ୍ତି ବେହେରା** (ଆସିଷ୍ଟାଣ୍ଟ ମ୍ୟାନେଜର, ଓଡ଼ିଶା ମାଇନିଂ କର୍ପୋରେଶନ୍)- କ୍ରୀଡ଼ା ପ୍ରତି ମୋର ପିଲାବେଳୁ ବେଶ୍ ଆଗ୍ରହ । ଆଉ ଏହା ମୋତେ ଏକ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ର ପରିଚୟ ଦେବା ସହ ସରକାରୀ କ୍ଷେତ୍ରରେ ଭଲ ଚାକିରି ପାଇବାରେ ବି ସାହାଯ୍ୟ କରିଛି । ବିଶ୍ୱ ଦିବ୍ୟାଙ୍ଗ ଦୌଡ଼କୁଦ ପ୍ରତିଯୋଗିତାରେ (୪୦୦ ମିଟର) ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିପାରିଛି । ଏହାବ୍ୟତୀତ ଜାତୀୟ ସ୍ତରରେ ୩ଟି ସ୍ୱର୍ଣ୍ଣ ଏବଂ ତିନୋଟି ରେକର୍ଡ, ଏସିଆନ୍ ଗେମ୍ସ ସମେତ ଅନେକ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି । ୨୦୧୯ରେ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବା ମୋ ପାଇଁ ଗୌରବର ବିଷୟ । ତେବେ ଭଲ କ୍ୟାରିୟର ଗଢ଼ିବା ଦିଗରେ ଏହି ଖେଳ କୋଟା କ୍ରୀଡ଼ାବିତ୍‌ମାନଙ୍କ ଦକ୍ଷତା ସହ ମନୋବଳ ବୃଦ୍ଧି କରିବାରେ ବିନିଶ୍ଚୟ ସହାୟକ ହୋଇପାରୁଛି ବୋଲି ନିଜସ୍ୱ ଅନୁଭବରୁ କହିପାରିବି । ତେଣୁ ଯେଉଁମାନେ ଏ ଦିଗରେ ଆଗ୍ରହୀ, ସେମାନେ ଆରମ୍ଭରୁ ଏଥିପାଇଁ ଉଦ୍ୟମ ଜାରି ରଖିଲେ ନିଶ୍ଚୟ ସଫଳ ହୋଇପାରିବେ ।

## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ଅଧିକ ଚା ପିଅନ୍ତି

**ଆମ ଦେଶରେ ପ୍ରାୟ ଅଧିକାଂଶ ପରିବାରରେ ସକାଳ ହେବା ମାତ୍ରେ ଅନେକଙ୍କୁ ଚା ପିଉଥିବା ଦେଖିବାକୁ ମିଳେ। ଏମିତିକି ରାସ୍ତା କଡ଼ରୁ ଆରମ୍ଭ କରି ଛୋଟ ବଡ଼ ହୋଟେଲରେ ବି ଚା ସବୁବେଳେ ଉପଲବ୍ଧ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଆମ ଦେଶ ଲୋକଙ୍କଠାରୁ ମଧ୍ୟ ଆଉ କେତେକ ଦେଶର ଲୋକେ ଅଧିକ ଚା ପିଅଥା'ନ୍ତି। ଜାଣିବା କେଉଁ ଦେଶର ଲୋକେ ଅଧିକ ଚା ପିଅନ୍ତି...**

- ଯଦିଓ ଚା ଉତ୍ପାଦନରେ ସମଗ୍ର ବିଶ୍ୱରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି, ହେଲେ ଅଧିକ ଚା ପିଇବା ଲିଷ୍ଟରେ ଏହାଠାରୁ ଅନେକ ଦେଶ ଆଗରେ ରହିଛି ।
- ଅଧିକ ଚା ପିଉଥିବା ଲିଷ୍ଟରେ ତୁର୍କୀ ଦେଶର ବାସିନ୍ଦା ସବୁଠୁ ଆଗରେ । ଏଠାରେ ଲୋକଙ୍କ ଦିନଚର୍ଯ୍ୟାରେ ଚା ପିଇବା ଏତେଥର ସାମିଲ ରହିଛି, ଯେମିତିକି ଚା ବିନା ସେମାନଙ୍କ ଦିନ ଅଧୁରା । ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୩.୨ କିଲୋଗ୍ରାମରୁ ଅଧିକ ଚା ପିଇଥାଏ । ଏହି ଦେଶରେ କୌଣସି ଆଲୋଚନାଠୁ ଆରମ୍ଭ କରି ବନ୍ଧୁଚର୍ଯ୍ୟା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଚା ପିଇବାକୁ ପ୍ରଥମ ଗୁରୁତ୍ୱ ଦିଆଯାଇଥାଏ ।
- ଏହାପରେ ଦ୍ୱିତୀୟ ସ୍ଥାନରେ ରହିଛି ଆୟର୍ଲାଣ୍ଡ । ଯେଉଁଠି ଜଣେ ଲୋକ ବର୍ଷକୁ ପ୍ରାୟ ୨.୧୯କେଜି. ଚା ପିଉଥିବା ରିସର୍ଚ୍ଚରୁ ଜଣାପଡ଼ିଛି ।
- ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛି ୟୁନାଇଟେଡ୍ କିଙ୍ଗଡମ୍ । ଏଠାରେ ଜଣେ ବର୍ଷକୁ ପ୍ରାୟ ୧.୯୪ କେଜି ଚା ପିଇଥା'ନ୍ତି ।
- ପାକିସ୍ତାନ ଏବଂ ଇରାନ୍ ଦୁଇଟି ଦେଶର ନାଗରିକ ସର୍ବାଧିକ ଚା ପିଇବା ଲିଷ୍ଟରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ଏଠାରେ ଏକ ବର୍ଷ ମଧ୍ୟରେ ଜଣେ ମଣିଷ ପ୍ରାୟ ୧.୫୦ କେଜି ଚା ପିଇଥାନ୍ତି ।
- ସେହିପରି ପଞ୍ଚମ ସ୍ଥାନରେ ରହିଛି ରୁଷ୍ । ଏଠାରେ ଜଣେ ବ୍ୟକ୍ତି ବର୍ଷରେ ପ୍ରାୟ ୧.୩୮ କେଜି ଚା ପିଉଥିବା ବେଳେ ବର୍ଷରେ ଜଣେ ବ୍ୟକ୍ତି ପ୍ରାୟ ୧.୨୨ କେଜି ଚା ପିଇବା ଅନୁଯାୟୀ ମରକ୍କୋ ଷଷ୍ଠ ସ୍ଥାନରେ ରହିଛି ।
- ଏହା ତଳକୁ ନ୍ୟୁଜିଲାଣ୍ଡ ଏବଂ ଚିଲୀ ୧.୧୯କେଜି. ହୋଇଥିବା ବେଳେ ମିଶର ୧.୦୧ କେଜି ଚା ପିଇବା ହିସାବରେ ଯଥାକ୍ରମେ ସପ୍ତମ ଏବଂ ଅଷ୍ଟମ ସ୍ଥାନରେ ରହିଛନ୍ତି ।
- ଏହି ତାଲିକାରେ ଭାରତ ୩୦ ନମ୍ବର ସ୍ଥାନରେ ରହିଛି ।





## ଏ ସପ୍ତାହର ପ୍ରଶ୍ନ ?

୧-୧୦ମ ନ୍ୟାଶନାଲ ଲେଭଲ ପଲ୍ୟୁଶନ୍ ରେସ୍‌ପନ୍ସ ଏକ୍ସରସାଇଜ୍ ........ଠାରେ ଆୟୋଜିତ ହୋଇଛି ?
୨- କର୍ନାକ ମନ୍ଦିର ........ ଦେଶରେ ଅବସ୍ଥିତ ?
୩- ମାଇଁ ଭାରତ ନ୍ୟାଶନାଲ୍ ସର୍ଭିସ ସ୍କିମ୍ ଆୱାର୍ଡ .............. ପକ୍ଷରୁ ପ୍ରଦାନ କରାଯାଇଥାଏ ?
୪- ............. ଦେଶ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତିର ନାମକରଣ କରିଛି ?
୫- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ...........ର ସରକାରୀ ଭାଷା ?

## ଗତ ଥରର ଉତ୍ତର

୧ ଆଣ୍ଡାମାନ୍
୨ ମିନିଷ୍ଟ୍ରି ଅଫ୍ ଟ୍ରାଇବାଲ୍ ଆଫାୟାର୍ସ
୩ ଆୟୁଷ୍ମାନ୍ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ
୪ ଚାଇନା
୫ କ୍ରିକେଟ୍

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନି -୨୦୨୫

୧ ........ ଫିଜର୍
୨ ........ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍
୩ ........ ରୋଚେ
୪ ........ ମେର୍କ ଆଣ୍ଡ କୋ.
୫ ........ ଏଲି ଲିଲୀ
୬ ........ ନୋଭୋ ନର୍ଡିସ୍କ
୭ ........ ଆଷ୍ଟ୍ରାଜେନେକା
୮ ........ ଆବ୍‌ଭୀ
୯ ........ ନୋଭାର୍ଟିସ୍
୧୦ ........ ଆମ୍‌ଜେନ୍

## ୟୁଥ୍ ଆଲର୍ଟ

# ମେଦବୃଦ୍ଧି ହେଉଥିଲେ...

**ଶାରୀରିକ ପରିଶ୍ରମର ଅଭାବ, ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଭଳି ଅଭ୍ୟାସ ବର୍ତ୍ତମାନ ଅନେକଙ୍କ ଠାରେ ଯୁବାବସ୍ଥାରେ ମେଦ ବହୁଳତାର କାରଣ ସାଜୁଛି। ହେଲେ ମେଦ ବୃଦ୍ଧି ଶରୀର ପାଇଁ କ୍ଷତିକାରକ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଦିଗପ୍ରତି ସଚେତନ ରହିବା ଆବଶ୍ୟକ ...**



➔ମେଦ ବୃଦ୍ଧି ବା ମୋଟା ହୋଇଯାଉଥିଲେ ସର୍ବପ୍ରଥମେ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେ ରୁହନ୍ତୁ । ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ ।

➔ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ । ଏହା ମଧ୍ୟ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ ।

➔ଯଦି ମେଦବୃଦ୍ଧି ଯୋଗୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ । ବ୍ଲଡ୍ ସୁଗାର, କୋଲେଷ୍ଟରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ ।

➔ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି । କେବଳ ଏତିକି ନୁହେଁ ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ । ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ ।

➔ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି । ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ । ତେଣୁ ନିଜକୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖନ୍ତୁ । ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ ।



# ଏସିଆନ ଟିଟି ଟିମ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦(ଅନାଦି କର)

ବହୁପ୍ରତୀକ୍ଷିତ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ସ କଳିଙ୍ଗ ଷ୍ଟାଡିୟମସ୍ଥିତ ଆଥ୍‌ଲେଟିକ୍ସ ସେଣ୍ଟରରେ ଶନିବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ(ଆଇଟିଟିଏଫ୍), ଭାରତୀୟ ଟେବୁଲ ଟେନିସ ମହାସଂଘ(ଟିଟିଏଫ୍ଆଇ), ଏସିଆନ ଟେବୁଲ ଟେନିସ ୟୁନିୟନ (ଏଟିଟିୟୁ) ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୨ ଦେଶର ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ


ଟେବୁଲ ଟେନିସ୍ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏଟିଟିୟୁର ଆଞ୍ଚଳିକ କାର୍ଯ୍ୟକାରୀ ସଭାପତି ଶେଖା ହୟାତ ଅଲ ଖଲିଫା, ଟିଟିଏଫ୍ଆଇ ସଭାପତି ଦୁଶ୍ୟନ୍ତ ଚୌଟେଲା, ମେଘନା ଏଲାଓ୍ୱତ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-କମ-ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଭାରତୀୟ ଟେବୁଲ ଟେନିସ କିମ୍ବଦନ୍ତୀ ତଥା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଏ. ଶରଥ କମଲ ଉପସ୍ଥିତ ଥିଲେ।

ପୁରୁଷ ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୧ରେ କିର୍ଗିଜସ୍ତାନକୁ ଓ କାଜାଖସ୍ତାନ ୩-୦ରେ କିର୍ଗିଜସ୍ତାନକୁ ପରାସ୍ତ କରିଛି। ଗ୍ରୁପ୍-ବି'ରେ ମାଳଦ୍ୱୀପ ଦୁଇଟି ମ୍ୟାଚ୍‌ରେ ୧-୩ ଓ ୦-୩ରେ ଯଥାକ୍ରମେ ମଙ୍ଗୋଲିଆ ଓ ଇରାନଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ଓମାନ ଦୁଇଟି ମ୍ୟାଚ୍‌ରେ ୦-୩ ବ୍ୟବଧାନରେ ଯଥାକ୍ରମେ ଉଜବେକିସ୍ତାନ ଓ ସିଙ୍ଗାପୁରଠାରୁ ପରାସ୍ତ ହୋଇଛି। ଗ୍ରୁପ୍-ଡି'ରେ କୋରିଆ ଓ ମାଲେସିଆ ନିଜ ନିଜ ମ୍ୟାଚ୍‌ରେ ୩-୦ ବ୍ୟବଧାନରେ ମାକାଓ (ଚାଇନା)କୁ ହରାଇଛନ୍ତି। ଗ୍ରୁପ୍-ଇ'ରେ ଥାଇଲାଣ୍ଡ ୩-୦ରେ ବାଂଲାଦେଶକୁ, କତାର ୩-୧ରେ ନେପାଳକୁ, ଥାଇଲାଣ୍ଡ ୩-୦ରେ ନେପାଳକୁ ଓ କତାର ୩-୦ରେ ବାଂଲାଦେଶକୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ବିଭାଗର ଗ୍ରୁପ୍-ଏ'ରେ ଶ୍ରୀଲଙ୍କା ୩-୦ରେ ମଙ୍ଗୋଲିଆକୁ, ଗ୍ରୁପ୍-ବି'ରେ କାଜାଖସ୍ତାନ ୩-୦ରେ ମାଳଦ୍ୱୀପ, ଗ୍ରୁପ୍-ସି'ରେ ଚାଇନିଜ ତାଇପେ ୩-୦ରେ ବାଂଲାଦେଶକୁ ଓ ମାକାଓ (ଚାଇନା) ୩-୨ ଉଜବେକିସ୍ତାନକୁ ଏବଂ ଗ୍ରୁପ୍-ଡି'ରେ ମାଲେସିଆ ଓ ଇରାନ ୩-୦ ବ୍ୟବଧାନରେ ଯଥାକ୍ରମେ ନେପାଳ ଓ କିର୍ଗିଜସ୍ତାନକୁ ହରାଇଛନ୍ତି।

**ଜୋହର କପ୍ ହକି**

## ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

ଜୋହର ବାହାରୁ (ମାଲେସିଆ),୧୧।୧୦ (ପିଟି.)

ଅଧିନାୟକ ରୋହିତଙ୍କ ଡବଲ୍ ଗୋଲ୍ ବଳରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟରେ ଗ୍ରେଟ୍ ବ୍ରିଟେନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ରୋହିତ (୪୫+', ୫୨ତମ ମିନିଟ) ଓ ରବନୀତ ସିଂ (୨୩ତମ) ଗୋଲ୍ ସ୍କୋର କରିଥିବା ବେଳେ ଗ୍ରେଟ୍‌ବ୍ରିଟେନ ତରଫରୁ ମାଇକେଲ ରୟଡେନ୍ (୨୬ତମ) ଓ କାଡେନ୍‌ଡ୍ରେସେ (୪୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ସିନିୟର ଗେଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦(ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ଜାତୀୟ ଗେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କାର୍ଯ୍ୟାଳୟ ସଂଗଠନର ନିର୍ଦ୍ଦେଶକ ଚିଦାନନ୍ଦ ସ୍ୱାଇଁ, ଟିଟିନ ସାହୁ, ଶକ୍ତିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଶ୍ୱେତପର୍ଣ୍ଣା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧୧।୧୦(ଅନାଦି କର)

ଓଡ଼ିଶା କ୍ରୀଡ଼ା ଜଗତର ଅନ୍ୟତମ ସମ୍ମାନଜନକ ପୁରସ୍କାର ଏକଲବ୍ୟ ଲାଗି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ବିବେଚିତ କରାଯାଇଛି। ଶନିବାର ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ବ୍ୟାଡ୍‌ମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ଚଳିତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପୁରସ୍କାର ବାବଦକୁ ଆଗକୁ ହେବାକୁ ଥିବା ଏକଲବ୍ୟ ପୁରସ୍କାର ଉତ୍ସବରେ ତାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନ ରନରଅପ ହୋଇଛନ୍ତି। ଉଭୟଙ୍କୁ ପୁରସ୍କାର ବାବଦକୁ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ୧୯୯୩ରେ


ଶ୍ୱେତପର୍ଣ୍ଣା ପଣ୍ଡା

ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ବିଗତ ଦୁଇ ବର୍ଷରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଆ ଆଥ୍‌ଲେଟଙ୍କୁ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ବିଜେତାଙ୍କ ନାମ ଏକଲବ୍ୟ କମିଟିର ଅଧ୍ୟକ୍ଷ ଓ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଘୋଷଣା କରିଛନ୍ତି। ଏହି ଅବସରରେ ଏକଲବ୍ୟ କମିଟିର ସଂଯୋଜକ ଅଶ୍ୱିନୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ଆନ୍ଧ୍ର ବିପକ୍ଷରେ ଓଡ଼ିଶା ୩ ଉଇକେଟରେ ବିଜୟୀ

**ଭିନୁ ମଙ୍କଡ଼ କ୍ରିକେଟ**


ପୀୟୂଷ ରଞ୍ଜନ ମନ୍ତ୍ରୀ


ଆଦିତ୍ୟ ଆନନ୍ଦ

ଭୁବନେଶ୍ୱର, ୧୧।୧୦ (ବିଜୟ ରଣା)

ସୁଲତାନପୁରସ୍ଥିତ ଗୁର୍‌ଗାଁଓ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ୨୦୨୫-୨୬ର ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୩ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ୪୮.୩ ଓଭରରେ ୨୨୯ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଭିଏମ୍‌ଭିଏସ୍ ରକ୍ଷଣ ୪୪ ଓ ଆନନ୍ଦ ଜୋସ୍‌ଲା ୩୧ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ୩ ଓ ସୟେଦ ତୁଫାଇଲ ଅହମଦ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୪୫.୨ ଓଭରରେ ୭ ଉଇକେଟ ବିନିମୟରେ ୨୩୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ୬୩ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୫୬ରନ କରି ଅପରାଜିତ ରହିଥିବା ବେଳେ ପୀୟୂଷ ରଞ୍ଜନ ମନ୍ତ୍ରୀ ୧୫ ବଲ୍‌ରୁ ୫ ଛକା ସହ ୩୮ରନ କରିଥିଲେ। ବିପକ୍ଷ ଦଳର ସାଇ ଏନ୍ ୩ ଏବଂ ଏନ୍. ରାଜେଶ ୨ ଉଇକେଟ ଅକ୍ତିଆର କରିଥିଲେ।

# ଦିବ୍ୟଦର୍ଶିନୀଙ୍କ ୫ ଉଇକେଟ ସଫଳତା ସତ୍ତ୍ୱେ ଓଡ଼ିଶା ହାରିଲା

**ସିନିୟର ମହିଳା ଟି୨୦ ଟ୍ରଫି**

ଭୁବନେଶ୍ୱର,୧୧।୧୦ (ବିଜୟ ରଣା)

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫ଉଇକେଟ ସଫଳତା ସତ୍ତ୍ୱେ ଜାତୀୟ ସିନିୟର ମହିଳା ଟି୨୦ ଟ୍ରଫିରେ ଶନିବାର ଖେଳାଯାଇଥିବା ଛତିଶଗଡ଼ ବିପକ୍ଷ ମ୍ୟାଚରେ ଓଡ଼ିଶା ୪୭ରନରେ ହାରିଯାଇଛି। ଗ୍ୱାଲିୟରସ୍ଥିତ କ୍ୟାପଟେନ୍ ରୁପ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ନିର୍ଦ୍ଧାରିତ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। କୀର୍ତ୍ତି ଗୁପ୍ତା ୨୫ ଓ ନେହା ବାଡଓ୍ୱେକ ୨୩ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ୧୧୫ ରନର


ସୁଶ୍ରୀ ଦିବ୍ୟଦର୍ଶିନୀ

ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ମାଧୁରୀ ମେହେଟା ୧୮ ଏବଂ ସଙ୍ଗୀତା ଖାଡ଼ିଆ ୧୫ରନ କରିଥିଲେ।




**ଆଇସିସି ମହିଳା ବିଶ୍ୱକପ୍**

# ଆଜି ଭାରତ-ଅଷ୍ଟ୍ରେଲିଆ ମୁକାବିଲା

ବିଶାଖାପାଟଣା, ୧୧।୧୦ (ପି.ଟି.)

ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଭାରତ ରବିବାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ବିଶ୍ୱକପ୍ ଅଭିଯାନରେ ସ୍ଥିରତା ବଜାୟ ରଖିବାକୁ ହେଲେ କୌଶଳଗତ ଭାବେ ନମନୀୟ ହେବାକୁ ପଡ଼ିବ ଏବଂ ୬ଷ୍ଠ ବୋଲିଂ ବିକଳ୍ପ ଯୋଡ଼ିବା ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଗୁରୁବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ୩ ଉଇକେଟରେ ପରାଜିତ ହେବାପରେ ସମସ୍ତ କଣ୍ଡିଶନରେ ୫ବୋଲରଙ୍କୁ ନେଇ ଖେଳିବା ପ୍ରଯୁଜ୍ୟ ନୁହେଁ ବୋଲି ହୃଦ୍‌ବୋଧ ହୋଇଛି। ଅଧିନାୟିକା ହରମନପ୍ରୀତ କୌରଙ୍କୁ ୬ଷ୍ଠ ବୋଲର ଅନୁପସ୍ଥିତିରେ କାମଚଳା ଅଫ୍ ସ୍ପିନର ବୋଲର ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୪୦ଓଭର ପରେ ଦକ୍ଷିଣ ଆଫ୍ରିକା ବ୍ୟାଟରମାନେ ପେସ୍ ବୋଲରମାନଙ୍କୁ ଟାର୍ଗେଟ କରିଥିଲେ, କାରଣ ସେତେବେଳେ ଘରୋଇ ଦଳ ନିକଟରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିଲା। ୪୭ତମ ଓ ୪୯ତମ ଓଭରରେ କ୍ରାନ୍ତି ଗୌଡ଼ ଓ ଅମନଜୋତ କୌର ୧୨ ବଲ୍‌ରେ ୩୦ରନ ଦେଇଥିଲେ, ଯାହାଫଳରେ ଦକ୍ଷିଣ ଆଫ୍ରିକା ୨୫୨ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ବର୍ତ୍ତମାନର ଭାରତୀୟ ବୋଲିଂ ଲାଇନ୍‌ଅପ୍‌ରେ ଦୁଇ ଡାହାଣହାତୀ ପେସର (ଗୌଡ଼ ଓ କୌର), ଦୁଇ ଅଫ୍ ସ୍ପିନର (ଦୀପ୍ତି ଶର୍ମା ଓ ସ୍ନେହ ରାଣା) ଏବଂ ବାମହାତୀ ସ୍ପିନର ଶ୍ରୀ ଚାରାନୀ ସ୍ଥାନ ପାଇଛନ୍ତି। ଏସିଏ-ଭିଡିସିଏ ଷ୍ଟାଡିୟମର ପିଚ୍ ଯଦି ଏହାର ଲକ୍ଷଣ ବଜାୟ ରଖେ ତେବେ ଅଷ୍ଟ୍ରେଲୀୟ ବ୍ୟାଟିଂ ୟୁନିଟ ଆକ୍ରମଣାତ୍ମକ ଖେଳିବା ଥୟ। ଏଥିରୁ ଭାରତକୁ ୬ଷ୍ଠ ବୋଲର କଥା ଚିନ୍ତା କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଦଳରେ ଥିବା ଆସଲେ ଗାର୍ଡନର, ଏଲିସା ହିଲି, ଏଲିସି ପେରୀଙ୍କ ଭଳି ବିସ୍ଫୋରକ ବ୍ୟାଟର ହରମନପ୍ରୀତଙ୍କ ପାର୍ଟଟାଇମ୍ ସ୍ପିନର ଧୁଲେଇ କରିବେ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାଓ୍ୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଉମା ଚେତ୍ରୀ, ରେଣୁକା ସିଂ ଠାକୁର, ଦିପ୍ତୀ ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ ଓ କ୍ରାନ୍ତି ଗୌଡ଼।

# ଭାରତ ୫୧୮/୫: ୱେଷ୍ଟଇଣ୍ଡିଜ୍ ୧୪୦/୪

**ଦ୍ୱିତୀୟ ଟେଷ୍ଟ**

ନୂଆଦିଲ୍ଲୀ, ୧୧।୧୦

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଶନିବାର ତା'ର ପ୍ରଥମ ଇନିଂସରେ ୫ ଉଇକେଟରେ ୫୧୮ ରନ କରି ପାଳି ଘୋଷଣା କରିଛି। ଜବାବରେ ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଅପରାଜିତ ଶତକ ଦ୍ୱିତୀୟ ଦିନର ଉଲ୍ଲେଖନୀୟ ବିଷୟ ଥିଲା।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୩୧୮/୨)ରୁ ବ୍ୟାଟିଂ ଆରମ୍ଭ କରି ୩ ଉଇକେଟରେ ୨୦୦ ରନ ଯୋଡ଼ିବା ପରେ ପାଳି ଘୋଷଣା କରିଥିଲା। ପୂର୍ବଦିନ ୧୭୩ ରନରେ ଅପରାଜିତ ଥିବା ଯଶସ୍ୱୀ ଜୟସ୍ୱାଲ ନିଜ ସ୍କୋରରେ ମାତ୍ର ୨ ରନ ଯୋଡ଼ି ପାରିଥିଲେ। ସେ ୧୭୫ (୨୨ ଚୌକା) ରନ୍ କରି ରନ୍ ଆଉଟ ହୋଇଥିଲେ। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ନୀତୀଶ କୁମାର ରେଡ୍ଡୀଙ୍କ ସହ ଅଧିନାୟକ ଶୁବମନ ଗିଲ୍ ମିଶି ଚତୁର୍ଥ ଉଇକେଟରେ ୯୧ ରନ ଯୋଡ଼ିଥିଲେ। ୪ ଚୌକା ଓ ୨ ଛକା ସହିତ ୪୩ ରନ କରିଥିବା ନୀତୀଶଙ୍କୁ ଜୋମେଲ ୱାରିକାନ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଧ୍ରୁବ ଜୁରେଲ ଓ ଗିଲ୍ ୫ମ ଉଇକେଟରେ ୧୦୨ ରନ ଯୋଡ଼ିଥିଲେ। ଜୁରେଲ ୫ ଚୌକା ସହିତ ୪୪ ରନ କରି ଆଉଟ୍ ହେବା ପରେ ଭାରତୀୟ ଦଳ ପାଳି ଘୋଷଣା କରିଥିଲା। ଗିଲ ୧୨୯ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦ମ ଓ ଚଳିତ ବର୍ଷର ପଞ୍ଚମ ଟେଷ୍ଟ ଶତକ ଥିଲା। ୱେଷ୍ଟଇଣ୍ଡିଜ ପାଇଁ ୱାରିକାନ ୩ ଓ ଅଧିନାୟକ ରୋଷ୍ଟନ ଚେଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ଦୁର୍ଭାଗ୍ୟଜନକ ଭାବେ ଜନ କାମ୍ପବେଲ(୧୦)ଙ୍କ ଉଇକେଟ ହରାଇଥିଲା। ଓପନର ତାଗେନାରିନ ଚନ୍ଦ୍ରପାଲ ଓ ଆଲିକ୍ ଆଥାନେଜ ଦ୍ୱିତୀୟ ଉଇକେଟରେ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ୮୭ରେ ପହଞ୍ଚାଇଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଚନ୍ଦ୍ରପାଲ (୩୪), ଆଥାନେଜ (୪୧) ଓ ଅଧିନାୟକ ରୋଷ୍ଟନ ଚେଜ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ଶାଇ ହୋପ୍ (୩୧) ଓ ଟେଭିନ ଇମଲାଚ (୧୪) ଭାରତୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪୦ ରନ କରିଛି। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୩ ଓ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଶୁବମନ ଗିଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ ଘୋଷଣା(ଯଶସ୍ୱୀ ଜୟସ୍ୱାଲ-୧୭୫, ଶୁବମନ ଗିଲ -୧୨୯*, ନୀତୀଶ ରେଡ୍ଡୀ-୪୩, ଧ୍ରୁବ ଜୁରେଲ-୪୪, ୱାରିକାନ-୩/୯୮)। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪(ଆଲିକ ଆଥାନେଜ-୪୧, ତେଗନାରିନ ଚନ୍ଦ୍ରପାଲ-୩୪,ଶାଇ ହୋପ-୩୧*, ରବୀନ୍ଦ୍ର ଜାଡେଜା-୩/୩୭)।



**Berhampur: Manor Motors,** Ph: 7852936457, 7852936458; **Branch: Manor Motors, Dharama Nagar,** Ph: 7852936450, 7852936455; **YBC: Paralakhemundi,** Ph: 6301493178; **Bhanjanagar,** Ph: 8249924526; **Chikiti,** Ph: 7008697800; **Keshpur,** Ph: 9861017097; **Mohna,** Ph: 7008529826.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ